


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR • JEYPORE • SAMBALPUR • PANIKOILI

VOLUME- 43 • ISSUE-175 • SUNDAY • 21 DECEMBER 2025 • PAGE-12 • ₹ 6.00 | BHUBANESWAR | ବର୍ଷ-୪୩ • ସଂଖ୍ୟା-୧୭୫ • ରବିବାର • ୨୧ ଡିସେମ୍ବର ୨୦୨୫ • ପୃଷ୍ଠା-୧୨ • ଟ.୭.୦୦ (ସିନ୍ଦୂରା ସହ)




# ଓଡ଼ିଆ ପୁସ୍ତକ ପଢ଼ିବା ନାହିଁ?

# ଏଥର ନୂଆ ବର୍ଷରେ ଉପହାର କ'ଣ ଦେବା?

20 ପେନ୍ ଇନ୍ ବୁକ୍ସ
ଉତ୍କର୍ଷର ୨୦ ବର୍ଷ
PEN IN BOOKS
twenty years of excellence


ପ୍ରତିଘର ପାଠାଗାର
ଖୋଲିବିଏ ମସ୍ତିଷ୍କର ମୁକ୍ତ ଦୁଆର
ପେନ୍ ଇନ୍ ବୁକ୍ସର ସୃଜନ ଉଦ୍ୟମ

ମୋବାଇଲ୍‌ରେ ରିଲ୍ସ ଦେଖା ଚାଲୁ! ପାଟିସୁଆଦ କରିବାରେ ବଟୁଆ ଖାଲି ହେଉ!!
୨୫୦୦ ବର୍ଷର ପୁରୁଣା ଶାସ୍ତ୍ରୀୟ ଭାଷା ପାଇଁ ଟିକେ ସମୟ କାଢ଼ିବା ନା ନାହିଁ?

















ଓଡ଼ିଆ ଜାତିର ଆରାଧ୍ୟ ଶ୍ରୀଜଗନ୍ନାଥ
ଏବଂ ଓଡ଼ିଶାର ଇତିହାସ,
କିମ୍ବଦନ୍ତୀ ଓ ସାହିତ୍ୟକୁ ନେଇ
୫ଟି ସୁଖପାଠ୍ୟ ପୁସ୍ତକ

ମୂଲ୍ୟ ~~୧,୬୦୫ ଟଙ୍କା~~

ଏକତ୍ର କିଣିଲେ ଡାକଖର୍ଚ୍ଚ ସହ
**୯୯୯ ଟଙ୍କା**

ପ୍ରାୟ ୩୮% ରିହାତି
ସାଙ୍ଗକୁ ଡାକଖର୍ଚ୍ଚ ଛାଡ଼

ନିର୍ଦ୍ଦିଷ୍ଟ ପୁସ୍ତକ ବିଷୟରେ ଅଧିକ ଜାଣିବାକୁ ଓ କିଣିବାକୁ ଚାହୁଁଥିଲେ, ମୋବାଇଲ କ୍ୟାମେରାରେ ପୁସ୍ତକ ସଂଲଗ୍ନ କ୍ୟୁ-ଆର୍ କୋଡ୍ ସ୍କାନ୍ କରି ୱେବ୍‌ସାଇଟ୍‌କୁ ଯାଆନ୍ତୁ।

ଆମର ସମ୍ପୂର୍ଣ୍ଣ ପୁସ୍ତକ ତାଲିକା ଦେଖିବା ପାଇଁ ବାମ ପାଖେ ଥିବା କ୍ୟୁ-ଆର୍ କୋଡ୍ ସ୍କାନ୍ କରି ୱେବ୍‌ସାଇଟ୍‌କୁ ଯାଆନ୍ତୁ।

ନିଜ ପାଠାଗାର ବିଷୟରେ ସାମାଜିକ ଗଣମାଧ୍ୟମରେ ଲେଖନ୍ତୁ ଏବଂ ଆମକୁ ଯୋଡ଼ନ୍ତୁ।
ପେନ୍ ଇନ୍ ବୁକ୍ସ ପ୍ରତି ମାସରେ ଗୋଟିଏ ପାଠାଗାରକୁ ସହଯୋଗ ଓ ଉତ୍ସାହିତ କରିବ।**
ହାଶ୍‌ଟ୍ୟାଗ୍ ବ୍ୟବହାର କରନ୍ତୁ
#ପ୍ରତିଘରପାଠାଗାର #PratiGharaPathagara #ପେନ୍‌ଇନ୍‌ବୁକ୍ସ #peninbooks

ପେନ୍ ଇନ୍ ବୁକ୍ସ
ବହି ସରାଗିଆଙ୍କ ସ୍ୱର୍ଗ
୨୦୦୬ ମସିହାରୁ
ଯୋଗାଯୋଗ
ଓଡ଼ିଆ ମିଡିଆ ପ୍ରାଇଭେଟ ଲିମିଟେଡ
ଏମ୍-୬/୫୧, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର - ୭୫୧୦୧୩

facebook.com/peninbooks
instagram.com/peninbooks_
twitter.com/peninbooks
youtube.com/@PENINBOOKS
peninbooks.com

- ଯେକୌଣସି ୟୁପିଆଇ ଆପ୍, ଯଥା- ଫୋନ୍‌ପେ', ପେ'ଟିଏମ୍, ଗୁଗୁଲ୍‌ପେ', ଭିମ୍ ଆପ୍, କ୍ରେଡ୍ ଇତ୍ୟାଦିରେ ଡାହାଣ ପାଖରେ ଥିବା କ୍ୟୁ-ଆର୍ କୋଡ୍ ସ୍କାନ୍ କରି କିମ୍ବା ୟୁପିଆଇ ଆଇଡି odiamedia@iciciରେ ୯୯୯ ଟଙ୍କା ପଇଠ କରନ୍ତୁ।
- ୟୁପିଆଇ ରେଫରେନ୍ସ ନମ୍ବର ସ୍ପଷ୍ଟ ଦିଶୁଥିବା ସଫଳ ପଇଠର ସ୍କ୍ରୀନ୍‌ସଟ୍ ସହ ନିଜର ସମ୍ପୂର୍ଣ୍ଣ ଠିକଣା, ପିନ୍ କୋଡ୍ ଓ ଫୋନ୍ ନମ୍ବର ତଳ ନମ୍ବରକୁ ହ୍ୱାଟ୍‌ସଆପ୍‌ରେ ପଠାଇବେ।
- ସ୍ପୀଡ୍‌ପୋଷ୍ଟ / କୋରିଅର୍ ଯୋଗେ କ୍ରେତାଙ୍କୁ ପୁସ୍ତକ ସହିତ ରସିଦ ପଠାଯିବ।
- ଯୋଜନା ୩୧ ଡିସେମ୍ବର ୨୦୨୫, ବୁଧବାର ରାତି ୧୧ଟା ୫୯ ଯାଏଁ ବୈଧ। ଏହି ତାରିଖ ପରେ ଅଥବା ୯୯୯/ - ଭିନ୍ନ ଅନ୍ୟ ପରିମାଣର ଅର୍ଥ ପଇଠ କଲେ ପୁସ୍ତକ ପଠାଯିବ ନାହିଁ।

78469 81182

Odia Media Private Limited
odiamedia@icici

OMPL/2512/SKL02

*ପୁସ୍ତକ ଶୀଘ୍ର ପଠାଯିବ। ଏକ ମାସ ମଧ୍ୟରେ ପୁସ୍ତକ ନପାଇଲେ ଉପର ଫୋନ୍ ନମ୍ବରରେ ଅନୁସନ୍ଧାନ କରିପାରିବେ। ଫୋନ୍ ନମ୍ବର ସକାଳ ୧୦ଟାରୁ ସଂଧ୍ୟା ୬ଟା ଯାଏଁ ଖୋଲା ରହେ। ଡାକରେ ଯିବାବେଳେ ପୁସ୍ତକ ନଷ୍ଟ ହେଲେ ଅନୁଷ୍ଠାନ ଦାୟୀ ରହିବ ନାହିଁ। କିଣିବା ପରେ ପୁସ୍ତକ ଫେରସ୍ତ ହେବ ନାହିଁ। ଏ ସମ୍ପର୍କିତ ସମସ୍ତ ବିବାଦ କେବଳ ଭୁବନେଶ୍ୱର ନ୍ୟାୟକ୍ଷେତ୍ର ଅଧୀନରେ ସମାଧାନ ହେବ। **ଓଡ଼ିଆ ମିଡିଆର ନିଷ୍ପତ୍ତି ଚୂଡ଼ାନ୍ତ।

# ରାଜ୍ୟବ୍ୟାପୀ ପାଳନ ହେବ ବିଜେଡି ପ୍ରତିଷ୍ଠା ଦିବସ

## ରାଜ୍ୟର ସ୍ୱାର୍ଥ ପାଇଁ ଲଢ଼େଇ ଜାରି ରଖିବ ବିଜେଡି

ଭୁବନେଶ୍ୱର, ୨୦।୧୨ (ସମିସ): ଆସନ୍ତା ୨୬ ତାରିଖରେ ବିଜେଡି ୨୮ ବର୍ଷ ପୂରଣ କରି ୨୯ ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ରାଜ୍ୟର ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ପାଳିତ ହେବା ସହ ଦଳର ମୁଖ୍ୟାଳୟ ଶଙ୍ଖ ଭବନଠାରେ ମହାସମାରୋହରେ ପାଳନ କରାଯିବ। ଶଙ୍ଖ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଯୋଗଦେବେ। ଶନିବାର ଶଙ୍ଖ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ, ପୂର୍ବତନ ମନ୍ତ୍ରୀ ତଥା ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମେୟର ସୁଲୋଚନା ଦାସ ଏହି ସୂଚନା ଦେଇଛନ୍ତି।

ବରିଷ୍ଠ ଉପସଭାପତି ଶ୍ରୀ ମିଶ୍ର କହିଥିଲେ ଯେ ଡିସେମ୍ବର ୨୬ ତାରିଖରେ ୨୯ତମ ପ୍ରତିଷ୍ଠା ଦିବସ ପାଳନ ଓଡ଼ିଶା ଓ ଓଡ଼ିଶାବାସୀଙ୍କ ପାଇଁ ଆଗାମୀ ବର୍ଷର କାର୍ଯ୍ୟକ୍ରମ ପାଇଁ ଖୁବ୍ ମହତ୍ତ୍ୱପୂର୍ଣ୍ଣ। ସାମ୍ପ୍ରତିକ ପରିସ୍ଥିତିରେ ଏକ ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳ ଭାବେ



ଓଡ଼ିଶା ବିକାଶର ଆଭିମୁଖ୍ୟକୁ ଆଗେଇନେବା ସହିତ ବିଭିନ୍ନ ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗଗୁଡ଼ିକ ସଂପର୍କରେ ଲୋକଙ୍କୁ ସଚେତନ ଓ ଓଡ଼ିଶାର ସ୍ୱାର୍ଥକୁ ନେଇ

### ୧୮ ମାସର ବିଜେପି ସରକାରର ବିଫଳତାକୁ ଲୋକଙ୍କ ପାଖକୁ ନେବ ଦଳ

ବିଜେଡି ସ୍ୱର ଉତ୍ତୋଳନ କରିବ। ଓଡ଼ିଶାବାସୀଙ୍କ ଭଲ ପାଇବାକୁ ପାଥେୟ କରି ବିଜେଡି ତା'ର କାର୍ଯ୍ୟକ୍ରମ ଜାରି ରଖିଛି। ଦରଦାମ ବୃଦ୍ଧି, ମହିଳା ନିର୍ଯାତନା, ଯୁବଛାତ୍ରଙ୍କ ପ୍ରତି ବିମୁଖତା, ଆଦିବାସୀ, ଦଳିତ ଓ ପଛୁଆବର୍ଗ ପ୍ରତି ଅବିଚାର, ଆଇନଶୃଙ୍ଖଳା ସ୍ଥିତିର ଅବନତି, ଆର୍ଥିକ କୁ-ପରିଚାଳନା, ଓଡ଼ିଶାର ସ୍ୱାର୍ଥସମ୍ବଳିତ ବିଭିନ୍ନ ପ୍ରସଙ୍ଗ ତଥା ପୋଲାଭରମ୍ ଓ ମହାନଦୀ ସମ୍ପର୍କରେ ଓଡ଼ିଶାର ସ୍ୱାର୍ଥ ବ୍ୟାହତ ହେବା ସମ୍ପର୍କରେ ବିଜେଡି ବିଧାନସଭା, ରାଜ୍ୟସଭା ଓ ରାଜରାସ୍ତାରେ ସ୍ୱର ଉତ୍ତୋଳନ କରିଆସୁଛି। ବିଜେପି ସରକାରର କୃଷକ ବିରୋଧୀ ନୀତି, ସ୍ୱାସ୍ଥ୍ୟ, ଶିକ୍ଷା ପ୍ରଭୃତି କ୍ଷେତ୍ରରେ ବିଫଳତା ବିରୋଧରେ ଜନକ୍ଷୋଭକୁ ବିଜେଡି ଉତ୍ଥାପନ କରିଚାଲିଛି। ସଂପ୍ରତି ଚାଷୀଠାରୁ ଧାନ ସଂଗ୍ରହରେ ସରକାରର ବିଫଳତା ପ୍ରସଙ୍ଗରେ ବିଜେଡି ସ୍ୱର ଉତ୍ତୋଳନ କରୁଛି ବୋଲି ଉପରୋକ୍ତ ବରିଷ୍ଠ ନେତାମାନେ କହିଥିଲେ।

ଅପରପକ୍ଷେ, ବରିଷ୍ଠ ଉପ-ସଭାପତି (ମୁଖ୍ୟାଳୟ) ଦେବୀ ପ୍ରସାଦ ମିଶ୍ର ପ୍ରତିଷ୍ଠା ଦିବସ ପାଳନ ନେଇ ବିଜେଡିର ସମସ୍ତ ରାଜ୍ୟସ୍ତରୀୟ କର୍ମକର୍ତ୍ତା, ସାଂସଦ, ବିଧାୟକ, ନିର୍ବାଚନମଣ୍ଡଳୀ ନେତୃତ୍ୱ, ସାଂସଦ ଓ ବିଧାୟକ ପ୍ରାର୍ଥୀ, ରାଜ୍ୟ ପରିଷଦ ସଭ୍ୟ, ଜିଲ୍ଲା ସଭାପତି, ବିଜୁ ଯୁବ, ଛାତ୍ର ଓ ମହିଳା ସଭାପତି, ବିଭିନ୍ନ ସାମ୍ମୁଖ୍ୟ ସଂଗଠନମାନଙ୍କ ରାଜ୍ୟ ଆବାହକ, ଜିଲ୍ଲା ପରିଷଦ ସଭାପତି/ ଉପ-ସଭାପତି, ପୌରାଞ୍ଚଳ ମେୟର୍ ଓ ଡେପୁଟି ମେୟର୍, ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଏବଂ ବ୍ଲକ ଓ ନଗର ସଭାପତିମାନଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି।

# ଦୁର୍ଘଟଣାରେ ପରିବାରର ୩ ମୃତ

ଗୋଷାଣି,୨୦।୧୨ (ସମିସ): ପଡ଼ୋଶୀ ଆନ୍ଧ୍ରପ୍ରଦେଶରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଗଜପତି ଜିଲ୍ଲା ଗୋଷାଣି ବ୍ଲକ୍ ଅନ୍ତର୍ଗତ ଏମ୍.ଏନ୍. ପେଟା ଗ୍ରାମର ଗୋଟିଏ ପରିବାରର ୩ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ, ଗ୍ରାମର କାନ୍ତା ରାଓ, ପତ୍ନୀ ସନ୍ଧ୍ୟା ଓ ଝିଅ ମାହେଶ୍ୱରୀ। ଗତକାଲି ୩ଜଣ ଯାକ ଏକ ବାଇକ୍‌ରେ ଆନ୍ଧ୍ରର ସୀମାଞ୍ଚଳମକୁ ଯାଇଥିଲେ। ସୀମାଞ୍ଚଳମ୍ ପାହାଡ଼ ପାଦଦେଶରେ ଥିବା ଗୋ-ଶାଳା ଛକ ନିକଟରେ ଏହି ଅଘଟଣ ଘଟିଥିଲା। କାନ୍ତ ଗୋଟିଏ ଗାଡ଼ିକୁ ଅତିକ୍ରମ କରିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ସ୍କୁଟି ସହ ତାଙ୍କ ବାଇକ୍ ଧକ୍କା ହୋଇଥିଲା। ଘଟଣାସ୍ଥଳରେ କାନ୍ତା ରାଓଙ୍କ ମୃତ୍ୟୁ ହୋଇଥିବା ବେଳେ ସନ୍ଧ୍ୟା ଓ ମାହେଶ୍ୱରୀ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଦୁହିଁଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଉଥିବା ବେଳେ ବାଟରେ ସେମାନଙ୍କ ମୃତ୍ୟୁ



ହୋଇଯାଇଥିଲା। ଆଜି ସେମାନଙ୍କ ଶବ ଆନ୍ଧ୍ରରେ ବ୍ୟବଚ୍ଛେଦ କରାଯାଇଛି। ଅପରପକ୍ଷେ, ବାପା, ମା' ଓ ଭଉଣୀକୁ ହରାଇ କାନ୍ତାଙ୍କ ପୁଅ ଗୁରୁନାଥ ନିଃସହାୟ ହୋଇପଡ଼ିଛନ୍ତି। ଏହି ଖବର ପ୍ରଘଟ ହେବା ପରେ ଗାଁରେ ଶୋକର ଛାୟା ଖେଳିଯାଇଛି।

# ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଜାନୁଆରୀ ୯ରେ

କଟକ, ୨୦।୧୨(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା (ଓଏଭିଇଟି) ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା (ଓଏମଏଭିଇଟି) ଆସନ୍ତା ୨୦୨୬ ଜାନୁଆରି ୯ ତାରିଖରେ ଅନୁଷ୍ଠିତ ହେବ। ଏ ସଂକ୍ରାନ୍ତରେ ଓଡ଼ିଶା ମାଧ୍ୟମିକ ଶିକ୍ଷା (ବୋର୍ଡ) ପକ୍ଷରୁ ସୂଚନା ଦିଆଯାଇଛି। ଷଷ୍ଠ ଶ୍ରେଣୀ ପାଇଁ ସକାଳ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପରୀକ୍ଷା ହେବ। ସେହିଭଳି ସପ୍ତମ, ଅଷ୍ଟମ, ନବମ ଶ୍ରେଣୀ ପାଇଁ ସକାଳ ୧୦ଟାରୁ ଦିନ ୧ଟା ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ। ଏଥିରେ ୧୦୦ଟି ପ୍ରଶ୍ନ ପାଇଁ ମୋଟ ୧୦୦ ନମ୍ବର ରଖାଯାଇଛି। ଆସନ୍ତା ୩୦ ତାରିଖରୁ ବୋର୍ଡ ୱେବ୍‌ସାଇଟ୍‌ରୁ ଛାତ୍ରଛାତ୍ରୀମାନେ ସେମାନଙ୍କ ଆଡମିଟ୍-କାର୍ଡ ଡାଉନଲୋଡ୍ କରିପାରିବେ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରେଇ ସୂଚନା ଦେଇଛନ୍ତି। ସୂଚନାଥାଉକି ଉକ୍ତ ପ୍ରବେଶିକା ପରୀକ୍ଷା ପାଇଁ ଅନଲାଇନ୍ ପଞ୍ଜୀକରଣ ଗତ ନଭେମ୍ବର ୧୨ତାରିଖରୁ ଆରମ୍ଭ ହୋଇ ଡିସେମ୍ବର୧୦ରେ ଶେଷ ହୋଇଥିଲା।

# ଗଞ୍ଜେଇ ଚାଲାଣର ପ୍ରମୁଖ ମାଧ୍ୟମ ସାଜିଛି ଟ୍ରେନ୍

କଟକ, ୨୦।୧୨(ସମିସ): ଓଡ଼ିଶାରେ ଗଞ୍ଜେଇ ଚାଲାଣର ପ୍ରମୁଖ ମାଧ୍ୟମ ପାଲଟିଛି ଟ୍ରେନ୍। ବାହାରୁ ଆସୁଥିବା ଏବଂ ଏଠାରୁ ଚାଲାଣ ହେଉଥିବା ଅଧିକାଂଶ ଗଞ୍ଜେଇ ଟ୍ରେନ୍‌ରେ ପରିବହନ ହେଉଛି। ଟ୍ରେନ୍‌ରେ ଗଞ୍ଜେଇ ଚାଲାଣକୁ ସୁରକ୍ଷିତ ମଣୁଛନ୍ତି ମାଫିଆ। ଚଳିତବର୍ଷ ରେଳବାଇ ପୁଲିସ ବେଆଇନ ନିଶାଦ୍ରବ୍ୟ ଚୋରା ଚାଲାଣକାରୀଙ୍କ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ମଧ୍ୟ ଅନେକ ଘଟଣାରେ ପୁଲିସକୁ ଚକ୍‌ମା ଦେଇ ମାଫିଆମାନେ ସହଜରେ ଟ୍ରେନ୍‌ରେ ଗଞ୍ଜେଇ ପରିବହନ କରୁଛନ୍ତି। ଚଳିତବର୍ଷ ରେଳବାଇ ପୁଲିସ ୩୩୫୨ କେଜିରୁ ଅଧିକ ଗଞ୍ଜେଇ ଜବତ କରିବା ଏହାର ଜ୍ୱଳନ୍ତ ପ୍ରମାଣ ବୋଲି କୁହାଯାଉଛି। ଏନ୍‌ଡିପିଏସ ଆଇନ ଅନୁଯାୟୀ ଅଦ୍ୟାବଧି ମୋଟ ୨୦୦ଟି ମାମଲା ରୁଜୁ ହୋଇଥିବା ବେଳେ ଏହି ସମସ୍ତ ମାମଲାରେ ୨୯୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

କଟକ ଓ ରାଉରକେଲା ରେଳ ଷ୍ଟେସନ୍ ଗଞ୍ଜେଇ ଚାଲାଣର ହବ୍ ଭାବେ ପରିଗଣିତ ହୋଇଛି। ଚଳିତବର୍ଷ କଟକ ରେଳବାଇ ପୁଲିସ ୮୭ଟି ମାମଲା ରୁଜୁ କରି ୧୪୮୯ କେଜିରୁ ଅଧିକ ଗଞ୍ଜେଇ ଜବତ ସହ ୧୧୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେହିପରି ରାଉରକେଲା ରେଳବାଇ ପୁଲିସ ୧୧୩ଟି ମାମଲା ରୁଜୁ କରି ୧୮୬୩ କେଜିରୁ ଅଧିକ ଗଞ୍ଜେଇ ଜବତ କରିଛି। ଏହାସହ ଚୋରା ଚାଲାଣରେ ସମ୍ପୃକ୍ତ ଥିବା

### ବର୍ଷକରେ ୨୦୦ ମାମଲା ଓ ୩୩୫୨କିଲୋ ଗଞ୍ଜେଇ ଜବତ

୧୮୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ସେହିପରି ୨.୬୧ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି।

ଉଲ୍ଲେଖଯୋଗ୍ୟ, ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ ଝାଡ଼ଖଣ୍ଡ, ବିହାର, ଉତ୍ତରପ୍ରଦେଶ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, କେରଳ, ମହାରାଷ୍ଟ୍ର ଏବଂ ଗୁଜୁରାଟ ଭଳି ରାଜ୍ୟର ବୋଲି ତଦନ୍ତ ସମୟରେ ପୁଲିସ ଜାଣିବାକୁ ପାଇଛି। ସମସ୍ତ ମାମଲାଗୁଡ଼ିକର ତଦନ୍ତ ଜାରି ରହିଛି ଏବଂ ଏହା ପଛରେ ଥିବା ନେଟ୍‌ୱାର୍କର ପର୍ଦ୍ଦାଫାସ୍ ପାଇଁ ପୁଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି।

ରେଳପଥକୁ ମାଦକ ଚୋରାଚାଲାଣରୁ ମୁକ୍ତ ରଖିବା ପାଇଁ ରେଳ ସୁରକ୍ଷା ବଳ(ଆରପିଏଫ) ଓ ସରକାରୀ ରେଳବାଇ ପୁଲିସ (ଜିଆରପି) ମଧ୍ୟରେ ଉପଯୁକ୍ତ ସମନ୍ୱୟ ରଖାଯାଇ କଠୋର୍ ଯାଞ୍ଚ ଓ ନିରୀକ୍ଷଣ କରାଯାଉଛି। ରାଜ୍ୟର ବହୁ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନ ଯଥା ଭୁବନେଶ୍ୱର, କଟକ, ସମ୍ବଲପୁର, ପୁରୀ, ରାଉରକେଲା ଆଦି ଷ୍ଟେସନରେ ଓ ପକ୍ଷରୁ ମିଳିତ ଅଭିଯାନ କରାଯାଉଛି। ଟ୍ରେନ୍‌ରେ ସନ୍ଦେହଜନକ ବ୍ୟାଗ/ପାର୍ସଲ ତନ୍ନତନ୍ନ କରି ଯାଞ୍ଚ ସହ ବିଭିନ୍ନ ସମୟରେ ସନ୍ଧାନୀ କୁକୁର ଦ୍ୱାରା ଷ୍ଟେସନ୍ ଓ ଟ୍ରେନ ବଗି ଯାଞ୍ଚ କରାଯାଉଛି। ଜିଆରପି ଓ ଆରପିଏଫ ମଧ୍ୟରେ ସମନ୍ୱୟ ରଖାଯାଇ କଠୋର୍ ଯାଞ୍ଚ ପ୍ରକ୍ରିୟା ଜାରି ରହିବ ଏବଂ ଅପରାଧରେ ଜଡ଼ିତ ଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ସୂଚନା ଦେଇଛନ୍ତି।

# ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,୨୦।୧୨(ସମିସ): ମହାକାଶଚାରୀ ତଥା ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନ(ଆଇଏସ୍ଏସ୍)କୁ ଯାତ୍ରା କରିଥିବା ଶୁଭାଂଶୁ ଶୁକ୍ଲାଙ୍କ ସହ ସାକ୍ଷାତ କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶୁକ୍ଲାଙ୍କ ସାହସ ଓ ଦୁଃସାହସିକ ଯାତ୍ରାକୁ ଶ୍ରୀ ପ୍ରଧାନ ପ୍ରଶଂସା କରିବା ସହ ଦେଶର କୋଟି କୋଟି ଯୁବପିଢ଼ିଙ୍କ ପାଇଁ ସେ ପ୍ରେରଣାର ଉତ୍ସ ବୋଲି ଅଭିହିତ କରିଛନ୍ତି। ଏହି ଅବସରରେ ମହାକାଶ ବିଜ୍ଞାନ ଓ ଗବେଷଣାକୁ ବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷାରେ ସାମିଲ କରିବା ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ମହାକାଶ ବିଜ୍ଞାନରେ ବିଶ୍ୱର ଅଗ୍ରଣୀ ରାଷ୍ଟ୍ର ଭାବେ ଉଭା ହୋଇଛି।



ଏହାକୁ ଆଗକୁ ନେବା ପାଇଁ ଜାତୀୟ ଶିକ୍ଷା ନୀତି ଅନୁଯାୟୀ ଆଗାମୀ ପିଢ଼ିକୁ ମହାକାଶ ବିଜ୍ଞାନ ପ୍ରତି ଆକୃଷ୍ଟ କରିବା ଓ ସେମାନଙ୍କୁ ଭବିଷ୍ୟତର ଦକ୍ଷ ସ୍ପେସ୍ ପ୍ରଫେସନାଲ୍ ଭାବେ ଗଢ଼ିତୋଳିବାକୁ ପ୍ରାଥମିକତା ଦିଆଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

■ ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧିକୁ ବିରୋଧ

# ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

କଟକ, ୨୦।୧୨ (ସମିସ): ବିଧାୟକଙ୍କ ଦରମା ଓ ଭତ୍ତା ଅହେତୁକ ବୃଦ୍ଧି କରାଯିବା ନିଷ୍ପତ୍ତିକୁ ବିରୋଧ କରି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଆଇନଜୀବୀ କବିତା ପାତ୍ର ଏହି ମାମଲା ଦାୟର କରିଛନ୍ତି। ଅଭିଯୋଗରେ ସେ ଦର୍ଶାଇଛନ୍ତି ଯେ ସରକାରଙ୍କ ଏପରି ନିଷ୍ପତ୍ତିକୁ ନେଇ ରାଜ୍ୟବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏପରିକି, କିଛି ରାଜନୈତିକ ଦଳ ଓ ବୁଦ୍ଧିଜୀବୀ ମଧ୍ୟ ଏହି ନିଷ୍ପତ୍ତିର ପୁନର୍ବିଚାର ପାଇଁ ଦାବି କରିଛନ୍ତି। ଏଣୁ ଏହି ଜନବିରୋଧୀ ନିଷ୍ପତ୍ତି ପ୍ରତ୍ୟାହାର ହେବା ଉଚିତ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ବର୍ଦ୍ଧିତ ଦରମା ଓ ଭତ୍ତା ଦିଆଗଲେ ରାଜ୍ୟ ରାଜକୋଷରୁ ପ୍ରତି ମାସରେ ୫ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହେବ। କେତେକ ବିଧାୟକ ମଧ୍ୟ ବର୍ଦ୍ଧିତ ଦରମା ଗ୍ରହଣ କରିବେ ନାହିଁ ବୋଲି ସ୍ପଷ୍ଟ କରିଥିବା ବେଳେ କେଉଁ କାରଣରୁ ବିଧାୟକଙ୍କ ଦରମା ଏତେ ପରିମାଣରେ ବୃଦ୍ଧି କରାଯାଇଛି ବୋଲି ସରକାର ସ୍ପଷ୍ଟ କରିବା ଦରକାର ବୋଲି ଆବେଦନକାରୀ କହିଛନ୍ତି। ଶେଷଥର ପାଇଁ ୨୦୧୭ ମସିହାରେ ବିଧାୟକଙ୍କ ଦରମା ସଂଶୋଧିତ ହୋଇଥିଲା। ମାସିକ ପାଖାପାଖି ଏକ ଲକ୍ଷ ଟଙ୍କା ପାଉଥିବା ବିଧାୟକ ଏବେ ସଂଶୋଧନ ପରେ ମୋଟ୍ ୩.୪୫ଲକ୍ଷ ଟଙ୍କା ପାଇବେ ବୋଲି ଜଣାପଡ଼ିଛି।

# କଏଦୀ ଫେରାର୍ ହୋଇଗଲେ ଥାନା ରୁଜୁ କରୁନି ମାମଲା

ଭୁବନେଶ୍ୱର,୨୦।୧୨(ସମିସ): ରାଜ୍ୟର ଅଧିକାଂଶ ଜେଲ୍‌ରୁ କଏଦୀ ଫେରାର ହୋଇଯାଉଛନ୍ତି। ପାରୋଲ୍ ଏବଂ ସ୍ପେଶାଲ ଲିଭ୍‌ରେ ଯାଉଥିବା କଏଦୀ ଜେଲ୍‌କୁ ଫେରୁ ନାହାନ୍ତି। ଉକ୍ତ ଜେଲ୍ ପକ୍ଷରୁ କଏଦୀମାନଙ୍କ ଘର ପାଖ ଥାନାରେ ଏତଲା ଦିଆଯାଉଛି; ହେଲେ ଜେଲ୍ ବିଭାଗର ଏତଲାକୁ ଥାନା ଫୁ' କରିଦେଉଛି। ଏପରିକି ମାମଲା ବି ରୁଜୁ କରୁନି। ଜେଲ୍ ବିଭାଗକୁ ପୁଲିସଠାରୁ କୌଣସି ପ୍ରକାର ସହଯୋଗ ବି ମିଳୁନି। ଯାହାକୁ ନେଇ ଅଡୁଆରେ ପଡି ଯାଉଛି ଜେଲ୍ ବିଭାଗ। ଏଥିପାଇଁ ବିଭାଗ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ଥାନା ପକ୍ଷରୁ କୌଣସି ବି ଏଭଳି ବ୍ୟବହାର ଦେଖାଯାଉଥିଲେ ଜିଲ୍ଲା ଏସ୍‌ପିଙ୍କୁ ତୁରନ୍ତ ଅବଗତ କରାଇବା ସହ ଜେଲ୍ ନିର୍ଦ୍ଦେଶାଳୟକୁ ବି ଏସମ୍ପର୍କରେ ଜଣାଅ ବୋଲି ଜେଲ୍ ନିର୍ଦ୍ଦେଶାଳୟ ପକ୍ଷରୁ ଜେଲ୍ ଅଧୀକ୍ଷକମାନଙ୍କୁ ଚିଠି ଲେଖାଯାଇଛି।

ଜଣେ କଏଦୀ ପାରୋଲ କିମ୍ବା ସ୍ପେଶାଲ ଲିଭ୍‌ରେ ଯିବା ପୂର୍ବରୁ ସଂପୃକ୍ତ ଜେଲ୍ କର୍ତ୍ତୃପକ୍ଷ ସ୍ଥାନୀୟ ଜିଲ୍ଲା ପ୍ରଶାସନ ଏବଂ ଉକ୍ତ ଜିଲ୍ଲାର ଏସ୍‌ପିଙ୍କ ଅନୁମତି ଲୋଡ଼ିଥା'ନ୍ତି। ଜିଲ୍ଲା ପ୍ରଶାସନ ଏବଂ ପୁଲିସ ସବୁ ଦିଗକୁ ଦେଖି ପାରୋଲ୍ କିମ୍ବା

### କଡ଼ା ଆଭିମୁଖ୍ୟ ଗ୍ରହଣ କଲା ଜେଲ୍ ବିଭାଗ
### ଜେଲ୍ ଅଧୀକ୍ଷକଙ୍କୁ ଜେଲ୍ ନିର୍ଦ୍ଦେଶାଳୟର ଚିଠି

ସ୍ପେଶାଲ ଲିଭ୍‌ରେ କଏଦୀ ଛାଡିବାକୁ ଅନୁମତି ଦେଇଥା'ନ୍ତି। ଏମାନଙ୍କ ଅନୁମତିପତ୍ର ଜେଲ୍ କର୍ତ୍ତୃପକ୍ଷଙ୍କ ପାଖରେ ପହଞ୍ଚିବା ପରେ ଜେଲ୍ ବିଭାଗ କଏଦୀଙ୍କୁ ପାରୋଲରେ ଛାଡିଥାଏ। କିନ୍ତୁ କଏଦୀ ନ ଆସିଲା ବେଳକୁ ଜେଲ୍ ବିଭାଗର ଏତଲାକୁ ଗ୍ରହଣ କରାଯାଉ ନାହିଁ, ଥାନା ମାମଲା ରୁଜୁ କରୁ ନାହିଁ। ଫଳରେ ଡକାୟତି, ହତ୍ୟା, ଚୋରି ମାମଲାରେ ଲିପ୍ତ ଥିବା ଅପରାଧୀ ଆରାମରେ ବାହାରେ ବୁଲୁଛନ୍ତି। ଗୋଟିଏ ପଟେ ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁଲିସ କହୁଛି। ହେଲେ କଏଦୀ ଖସିଗଲେ, କିମ୍ବା ନ ଫେରିଲେ କାହିଁକି ଜେଲ୍ ବିଭାଗର ଏତଲାକୁ ଗୁରୁତ୍ୱ ଦେଉନି, ସେନେଇ ପ୍ରଶ୍ନ ଉଠିଛି।

ରାଜ୍ୟର ଅଧିକାଂଶ ଜେଲ୍‌ରୁ କଏଦୀମାନେ ଫେରାର୍ ହୋଇଯାଉଛନ୍ତି। ହେଲେ ଆଉ ଫେରୁ ନାହାନ୍ତି କିମ୍ବା ସରେଣ୍ଡର କରୁନାହାନ୍ତି। କଏଦୀମାନେ ଜେଲ୍‌କୁ ନ ଫେରିବାକୁ ନେଇ ଓଡ଼ିଶା ହାଇକୋର୍ଟ ଚିନ୍ତାପ୍ରକଟ କରିଥିଲେ। ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ଜେଲ୍ ନିର୍ଦ୍ଦେଶାଳୟ ପକ୍ଷରୁ ବିଭିନ୍ନ ଜେଲ୍‌ର ଅଧୀକ୍ଷକଙ୍କୁ ଚିଠି ଲେଖାଯାଇଛି। ଏଥିରେ ଜେଲ୍ ନିର୍ଦ୍ଦେଶାଳୟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି।

■ ଯାଜପୁର ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ଜଗତସିଂହପୁର ଜିଲ୍ଲାପାଳ

# 'ଖଣି ଉପନିର୍ଦ୍ଦେଶକଙ୍କ ଦରମା ବନ୍ଦ କର'

ଜଗତସିଂହପୁର/ଯାଜପୁର, ୨୦।୧୨(ସମିସ): ଜଗତସିଂହପୁର ଜିଲ୍ଲାରେ ବିଭିନ୍ନ ବାଲିଘାଟରେ ବାଲି ମାଫିଆଙ୍କ ଦ୍ୱାରା ବ୍ୟାପକ ପରିମାଣରେ ବାଲି ଚୋରାଚାଲାଣ ହେଉଥିବା ବେଳେ ଗତ ନଭେମ୍ବର ୨୫ତାରିଖରେ କିଲିପାଳ ଏବଂ ଡିସେମ୍ବର ୧୧ ତାରିଖରେ ଜୟପୁର ଘାଟରେ ପ୍ରଶାସନ ପକ୍ଷରୁ ଚଢ଼ଉ ହୋଇଥିଲା। ଏହି ଚଢ଼ଉରେ ୭୫ରୁ ଅଧିକ ହାଇୱା ଏବଂ ୫ରୁ ଅଧିକ ବାଲିଉଠା ମେସିନ୍ ଜବତ ସହ ୧୦ରୁ ଊର୍ଦ୍ଧ୍ୱ ଡ୍ରାଇଭର ଅଟକ ରହିଥିଲେ। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ଯାଜପୁର ଖଣି ସର୍କଲର ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ତାଙ୍କ ଅଧୀନସ୍ଥ ଚୋରାଚାଲାଣ ହେଉଥିବା ବାଲିଘାଟ ପରିଦର୍ଶନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଶ୍ରୀ ନାୟକ ଏଥିପ୍ରତି ଗୁରୁତ୍ୱ ଦେଇନଥିଲେ କିମ୍ବା ଜଗତସିଂହପୁର ମଧ୍ୟ ଆସିନଥିଲେ। ଏହାଦ୍ୱାରା ଖଣି ଉପ-ନିର୍ଦ୍ଦେଶକ ଶ୍ରୀ ନାୟକ ନିଜ କର୍ତ୍ତବ୍ୟରେ ଅବହେଳା କରିବା ସହ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିଲେ। ଫଳରେ ଗତ ୧୬ ତାରିଖରେ ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ ଯାଜପୁର ସର୍କଲ ଖଣି ଉପନିର୍ଦ୍ଦେଶକ ଶ୍ରୀ ନାୟକଙ୍କ ନିଲମ୍ବନ ପାଇଁ ରାଜ୍ୟ ଖଣି ବିଭାଗର ଅତିରିକ୍ତ ଶାସନ ସଚିବଙ୍କୁ ସୁପାରିଶ କରିଥିଲେ। ଆଜି ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ ଖଣି ଉପନିର୍ଦ୍ଦେଶକ ଶ୍ରୀ ନାୟକଙ୍କ ଦରମା ବନ୍ଦ କରିବା ପାଇଁ ଯାଜପୁର ଜିଲ୍ଲାପାଳଙ୍କୁ ଚିଠି ଲେଖିଥିବା ସୂଚନା ମିଳିଛି।

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

# ରେଞ୍ଜରଙ୍କ ଘର ଓ ଅଫିସ୍‌ରେ ଭିଜିଲାନ୍ସ ଚଢ଼ଉ

ଜଗତସିଂହପୁର, ୨୦।୧୨(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜଗତସିଂହପୁର ଜିଲ୍ଲାରେ କାର୍ଯ୍ୟରତ ରାହାମା ବନଖଣ୍ଡର ରେଞ୍ଜର ରାଜେନ୍ଦ୍ର ସାମନ୍ତରାୟଙ୍କ ଘର ସମେତ ୪ଟି ସ୍ଥାନରେ ଆଜି ଓଡ଼ିଶା ଭିଜିଲାନ୍ସ ଚଢ଼ଉ କରିଛି। କଟକ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତିଙ୍କ



ସର୍ଚ୍ଚ ୱାରେଣ୍ଟ ବଳରେ ଆଜି ସକାଳୁ ୨ଜଣ ଏଏସ୍‌ପି, ୫ଜଣ ଡିଏସ୍‌ପି ଏବଂ ୮ ଜଣ ଇନ୍ସପେକ୍ଟର ଏହି ଚଢ଼ଉରେ ସାମିଲ ହୋଇଥିଲେ। ଶ୍ରୀ ସାମନ୍ତରାୟଙ୍କ ସାମନ୍ତରାୟପୁରସ୍ଥିତ ପୈତୃକ ଦ୍ୱିମହଲା ବିଶିଷ୍ଟ ବାସଭବନ, ଚାଟରାସ୍ଥିତ ୩ ମହଲା ବିଶିଷ୍ଟ ବାସଭବନ, ସାଁପୁରସ୍ଥିତ ସରକାରୀ କାର୍ଯ୍ୟାଳୟ ଏବଂ ସରକାରୀ ବାସଭବନରେ ଏକକାଳୀନ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉ ସମୟରେ ତାଙ୍କ ଘରୁ ନଗଦ ୩ ଲକ୍ଷ ୬୯ ହଜାର ୬୬୦ ଟଙ୍କା, ୮୦ ଲକ୍ଷ ୬୮ ହଜାର ୬୬୨ ଟଙ୍କାର ବ୍ୟାଙ୍କ ଓ ପୋଷ୍ଟାଲ ଜମା, ୨୫୦ଗ୍ରାମ ସୁନା, ଗୋଟିଏ ବୋଲେରୋ, ୨ଟି ବାଇକ୍, ଜଗତସିଂହପୁର ସହରରେ ୩ଟି ଓ କଟକରେ ୨ଟି ମୂଲ୍ୟବାନ ପ୍ଲଟ ଠାବ ହୋଇଛି। ଜବତ ଅନ୍ୟାନ୍ୟ ଆସବାବପତ୍ର ଓ ସଂପତ୍ତିର ମୂଲ୍ୟ ୧୧ ଲକ୍ଷ ଟଙ୍କା ହେବ।

ଶ୍ରୀ ସାମନ୍ତରାୟ ୧୯୮୫ ମସିହା ନଭେମ୍ବର ୨୬ ତାରିଖରେ ଜଗତସିଂହପୁର ଜିଲ୍ଲାରେ ଫରେଷ୍ଟର ଭାବେ ନିଯୁକ୍ତି ପାଇଥିଲେ। ୨୦୨୧ ସେପ୍ଟେମ୍ବର ୧୫ରେ ଡେପୁଟି ରେଞ୍ଜର ଭାବେ ପଦୋନ୍ନତି ପାଇ ଶ୍ରୀ ସାମନ୍ତରାୟ ଅନୁଗୋଳ ଜିଲ୍ଲାକୁ ବଦଳି ହୋଇଥିଲେ। ପରେ ୨୦୨୩ ଅଗଷ୍ଟ ୩୧ରେ ପଦୋନ୍ନତି ପାଇଁ ରାହାମା ରେଞ୍ଜର ଭାବେ ଜଗତସିଂହପୁର ଜିଲ୍ଲାରେ ଦାୟିତ୍ୱ ଗ୍ରହଣ କରିଥିଲେ।

# ଇଗ୍ନୋ ନାମଲେଖା ପାଇଁ ଆବେଦନ ଆରମ୍ଭ

ଭୁବନେଶ୍ୱର, ୨୦।୧୨ (ସମିସ): ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ଜାନୁଆରି ୨୦୨୬ ଶିକ୍ଷା ସତ୍ର ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡ଼ିଥିବା ବା ଉଚ୍ଚଶିକ୍ଷା ପାଇ ପାରିନଥିବା ପ୍ରାର୍ଥୀମାନେ ନାମ ଲେଖାଇପାରିବେ। ସ୍ନାତକ, ସ୍ନାତକୋତ୍ତର, ସ୍ନାତକୋତ୍ତର ଡିପ୍ଲୋମା ଏବଂ ସାର୍ଟିଫିକେଟ୍ ପ୍ରୋଗ୍ରାମରେ ନାମଲେଖା ପ୍ରକ୍ରିୟା ଜାନୁଆରି ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। କଳା, ବିଜ୍ଞାନ, ବାଣିଜ୍ୟରେ ସ୍ନାତକ ପଢ଼ିବାକୁ ଆଗ୍ରହୀ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପ୍ରାର୍ଥୀଙ୍କ ପାଇଁ ନାମଲେଖା ଦେୟ ଏବଂ ପୁନଃ ପଞ୍ଜୀକରଣ ଫି' ୫୦% ଛାଡ଼ କରାଯାଇଛି। ଅନ୍ୟ କୌଣସି ଛାତ୍ରବୃତ୍ତି ପାଉଥିଲେ, ଏହି ସୁବିଧା ପାଇବେ ନାହିଁ। ଇଚ୍ଛୁକ ଛାତ୍ରଛାତ୍ରୀମାନେ ଇଗ୍ନୋର ୱେବସାଇଟ୍‌କୁ ଯାଇ ଆବେଦନ କରିପାରିବେ। ଏହାସହ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରର ଇ-ମେଲ୍ ମାଧ୍ୟମରେ ଓ ୦୬୭୪-୨୯୭୨୦୭୧ କିମ୍ବା ୦୬୭୪-୨୩୦୧୩୪୮ ନମ୍ବରରେ ଯୋଗାଯୋଗ କରିପାରିବେ ବୋଲି ଇଗ୍ନୋର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।

### ପୁରୀ କୋର୍ଟ ସ୍ଥାନାନ୍ତର ନିଷ୍ପତ୍ତିକୁ ବିରୋଧ

# ରାସ୍ତାରେ ବସିଲେ ଆଇନଜୀବୀ

ପୁରୀ, ୨୦।୧୨(ସମିସ):ବାଲୁଖଣ୍ଡ ଅଭୟାରଣ୍ୟ ତଥା ପୁରୀର ମଧୁର ଜଳ ସଂରକ୍ଷିତ ଅଞ୍ଚଳକୁ ପୁରୀ କୋର୍ଟ ସ୍ଥାନାନ୍ତର କରାଯିବା ପାଇଁ ମସୁଧା ଚାଲିଛି। ହେଲେ ପ୍ରଶାସନର ଏହି ନିଷ୍ପତ୍ତିକୁ ବିରୋଧ କରିଆସୁଛନ୍ତି ପୁରୀ ଓକିଲ ସଂଘ। ଏହାର ପ୍ରତିବାଦରେ ଓକିଲମାନେ ସତ୍ୟାଗ୍ରହ ଚଳାଇଛନ୍ତି। ଶନିବାର ଏହି ସତ୍ୟାଗ୍ରହ ୨୯୬ ଦିନରେ ପହଞ୍ଚିଥିବା ବେଳେ ଏହାର କୌଣସି ସୁଫଳ ମିଳିପାରିନାହିଁ। ତେଣୁ କଡ଼ା ଆଭିମୁଖ୍ୟସ୍ୱରୂପ ରାସ୍ତାକୁ ଓହ୍ଲାଇଛନ୍ତି ଆଇନଜୀବୀ। ଶନିବାର ପୁରୀ ପ୍ରବେଶପଥ ଅଠରନଳାଠାରେ ଶହଶହ ଓକିଲ ରାସ୍ତାରୋକ ଆନ୍ଦୋଳନ କରିଛନ୍ତି। ରାସ୍ତାରେ ବସି ସରକାରଙ୍କ ଏଭଳି ନିଷ୍ପତ୍ତିକୁ ତୀବ୍ର ବିରୋଧ କରିବା ସହ ଏହାକୁ ବଦଳାଇବାକୁ ଜିଦ୍ କରିଛନ୍ତି। ଏହି ରାସ୍ତାରୋକ ଫଳରେ ପ୍ରାୟ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା।




ଆନ୍ଦୋଳନକାରୀ ଆଇନଜୀବୀ ସଂଘ ପକ୍ଷରୁ କୁହାଯାଇଛି ଯେ ପୁରୀ ଅଦାଲତ କୋଠା ୧୬୨ ବର୍ଷ ତଳର ଐତିହ୍ୟ। ଏଠାରେ ମଧୁବାବୁ, ଗୋପବନ୍ଧୁ, ସୁଭାଷ ବୋଷଙ୍କ ବାପା, ବିଜୁ ପଟ୍ଟନାୟକଙ୍କ ବାପାଙ୍କ ଭଳି ଯୋଗଜନ୍ମା ଓକିଲାତି କରୁଥିଲେ। ପୁରୀ ସହରର ଏକ ପ୍ରମୁଖ ସ୍ଥଳରେ କୋର୍ଟ ଥିବାରୁ ଲୋକେ ସହଜରେ ସେବା ପାଉଛନ୍ତି। ଜିଲ୍ଲାପାଳ ଅଫିସଠାରୁ ଅଦାଲତକୁ ଅଲଗା କରିବା ଓ କୋର୍ଟକୁ ବାଲୁଖଣ୍ଡ ଅଭୟାରଣ୍ୟର ମଧୁର ଜଳ ଅଞ୍ଚଳ ଓ ସିଆର୍‌ଜେଡ୍ ଅଞ୍ଚଳକୁ ସ୍ଥାନାନ୍ତର ଯୋଜନା ଗ୍ରହଣଯୋଗ୍ୟ

### ■ ଅଠରନଳାଠାରେ କଲେ ରାସ୍ତାରୋକ
### ■ ଓକିଲଙ୍କ ଆନ୍ଦୋଳନକୁ ସମର୍ଥନ କଲା ଆପ୍

ନୁହେଁ। ସେଠାରେ ହଜାରହଜାର ଗଛ ଅଛି। ଏହା ସହରବାସୀଙ୍କ ପାଇଁ ଏକମାତ୍ର ଜଳ ଉତ୍ସ। ତାକୁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ଏହା ମଧୁର ଜଳ ଅଞ୍ଚଳକୁ ଶେଷ କରିବା ପାଇଁ ଚକ୍ରାନ୍ତ ନୁହେଁ ତ? ସରକାର କେଉଁଭଳି କୋର୍ଟ କମ୍ପ୍ଲେକ୍ସ ପାଇଁ ସେଇ ଜମିକୁ ଆଇନ ବିଭାଗକୁ ଟେକି ଦେଇଛନ୍ତି? ଆଇନ ବିଭାଗ କିପରି ସେଠାରେ କୋର୍ଟ କମ୍ପ୍ଲେକ୍ସ କରିବ? ସେହି ଜମି ହସ୍ତାନ୍ତରକୁ ବାତିଲ୍ କରାଯାଉ। ପୂର୍ବରୁ ଓକିଲ ସଂଘ ଉଚ୍ଚ ନ୍ୟାୟାଳୟ, ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଆଇନ ମନ୍ତ୍ରୀ, ସାଂସଦ, ବିଧାୟକଙ୍କୁ କଟକଣା ଥିବା ଜମିରେ କୋର୍ଟ କମ୍ପ୍ଲେକ୍ସ ନକରି ବର୍ତ୍ତମାନ ଥିବା କୋର୍ଟ ସହ ତହସିଲ୍, ଡିଆର୍‌ଡିଏ, ଉପଜିଲ୍ଲାପାଳ ଅଫିସ ଜମିକୁ ମିଶାଇ କୋର୍ଟ କମ୍ପ୍ଲେକ୍ସ କରିବାକୁ ଅନୁରୋଧ କରାଯାଇଛି, ଯେପରି ଭୁବନେଶ୍ୱର ଓ ଗଞ୍ଜାମରେ ହୋଇଛି; ପୁରୀରେ କାହିଁକି ନ ହେବ?

ଏହି ଆନ୍ଦୋଳନରେ ସଭାପତି ପ୍ରେମାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ, ଉପସଭାପତି ବିଭୁଦତ୍ତ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଅନିଲ ସାହୁ, ସମୀର ଘୋଷ, ଭାଗବତ ପଟ୍ଟନାୟକ, କର୍ଣ୍ଣବୀର ମହାପାତ୍ର, ତାପସ ବଳିଆରସିଂ, ମନୋରଞ୍ଜନ ସାହୁ, ଜ୍ୟୋତିପ୍ରକାଶ ପାଇକରାୟ, ରାଜେଶ ମହାନ୍ତି ପ୍ରମୁଖ ନେତୃତ୍ୱ ନେଇଥିଲେ। ସରକାର ଦାବି ନ ମାନିଲେ, ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଦୀର୍ଘ ୯ ମାସ ହେବ ପୁରୀ ଓକିଲ ସଂଘ ଯେଉଁ ଆନ୍ଦୋଳନ ଚଳାଇଛି ଏହାକୁ ସମର୍ଥନ କରିଛି ପୁରୀ ଜିଲ୍ଲା ଆମ୍ ଆଦମୀ ପାର୍ଟି (ଆପ୍)। ଆପ୍ ଜିଲ୍ଲା ସଭାପତି ଶନିବାର ଓକିଲ ସଂଘକୁ ସମର୍ଥନ କରୁଥିବା ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।



ଟି-୨୦ ବିଶ୍ୱକପ୍ ଦଳରେ ଇଶାନ ସାମିଲ
▸ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-175 ◆SUNDAY ◆21 DECEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୭୫ ◆ରବିବାର ◆୨୧ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


# ରାଜଧାନୀ ଏକ୍ସପ୍ରେସ୍ ଧକ୍କାରେ ୭ ହାତୀ ମୃତ

■ ଗୌହାଟୀ, ୨୦।୧୨(ଏଜେନ୍ସି): ଆସାମର ହୋଜାଲ ଜିଲ୍ଲାରେ ରାଜଧାନୀ ଏକ୍ସପ୍ରେସ ଧକ୍କାରେ ୭ଟି ହାତୀଙ୍କର ମୃତ୍ୟୁ ଘଟିଥିବା ବେଳେ ଗୋଟିଏ ହାତୀ ଛୁଆ ଆହତ ହୋଇଛି। ଏହି ଟ୍ରେନର ମିଜୋରାମର ସାଇରଙ୍ଗରୁ ନୂଆଦିଲ୍ଲୀ ଯାଉଥିଲା। ଗତକାଲି ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଛି। ହାତୀପଲକୁ ଧକ୍କା ଦେବା ପରେ ରାଜଧାନୀ ଏକ୍ସପ୍ରେସର ଇଞ୍ଜିନ ଓ ୫ଟି ବଗି ଲାଇନଚ୍ୟୁତ ହୋଇଛି। ତେବେ କୌଣସି ରେଳ ଯାତ୍ରୀ ଆହତ ହୋଇ ନାହାନ୍ତି। ତେବେ ଏହି ରୁଟରେ ଟ୍ରେନ ଚଳାଚଳ ବ୍ୟାହତ ହୋଇଛି।

## ଇଞ୍ଜିନ୍ ସହ ୫ ବଗି ଲାଇନଚ୍ୟୁତ

## ଉତ୍ତର-ପୂର୍ବାଞ୍ଚଳରେ ଟ୍ରେନ ସେବା ବ୍ୟାହତ

ରେଳବାଇ ବିଭାଗର ଜଣେ ମୁଖପାତ୍ର କହିଛନ୍ତି ଯେ ଯେଉଁ ସ୍ଥାନରେ ଦୁର୍ଘଟଣା ଘଟିଛି, ତାହା ହାତୀ କରିଡର ନଥିଲା। ଚାଙ୍ଗଜୁରାଇ ଗାଁ ନିକଟରେ ରାତି ୨ଟା ୧୭ ମିନିଟରେ ଏହି ଦୁର୍ଘଟଣା ଘଟିଥିଲା। ରାଜଧାନୀ ଏକ୍ସପ୍ରେସ ଦ୍ରୁତ ଗତିରେ ଯାଉଥିବା ବେଳେ ଏକ ହାତୀ ପଲ ରେଳ ଧାରଣା ପାର ହେଉଥିବା ଟ୍ରେନ ଡ୍ରାଇଭର ଦେଖିଥିଲେ। ଦୁର୍ଘଟଣଶ ଏଡ଼ାଇବା ଲାଗି ସେ ଏମର୍ଜେନ୍ସି ବ୍ରେକ୍ ଲଗାଇଥିଲେ। ତଥାପି ଟ୍ରେନ ହାତୀପଲକୁ ଧକ୍କା ଦେଇଥିଲା। ଟ୍ରେନ ଡ୍ରାଇଭରଙ୍କର ପ୍ରଶଂସା କରି ସେ କହିଛନ୍ତି ଯେ ଏମର୍ଜେନ୍ସି ବ୍ରେକ୍ ଲଗାଇନଥିଲେ ବଡ଼ ଧରଣର ଦୁର୍ଘଟଣାର ଆଶଙ୍କା ଥିଲା। ଏହା ଯାତ୍ରୀମାନଙ୍କୁ ବିପଦରେ ପକାଇ ଥାଆନ୍ତା। ପ୍ରାରମ୍ଭିକ ରିପୋର୍ଟ ଅନୁସାରେ ୮ଟି ହାତୀର ମୃତ୍ୟୁ ନେଇ ସୂଚନା ମିଳିଥିଲା। କିନ୍ତୁ ପରେ ଗୋଟିଏ ଛୁଆ ହାତୀ ବଞ୍ଚିଯାଇଥିଲେ ମଧ୍ୟ ଗୁରୁତର ଭାବେ ଆହତ ହୋଇଛି। ରେଳ ଧାରଣା ଉପରେ ହାତୀ ଶବଗୁଡ଼ିକ ପଡ଼ିଥିବାରୁ ତାକୁ ହଟାଯାଉଛି। ଟ୍ରେନ ଯାତ୍ରୀଙ୍କୁ ଦିଲ୍ଲୀ ନେବାଲାଗି ବିକଳ୍ପ ବ୍ୟବସ୍ଥା କରାଯାଇଛି।

ଉତ୍ତରପୂର୍ବ ଫ୍ରଣ୍ଟିଅର ରେଳବାଇ (ଏନ୍ଏଫ୍ଆର)ର ମୁଖ୍ୟ ଜନସମ୍ପର୍କ ଅଧିକାରୀ କପିଞ୍ଜଳ କିଶୋର ଶର୍ମା କହିଛନ୍ତି ଯେ ଗୌହାଟୀରୁ ପ୍ରାୟ ୧୨୬ କିମି ଦୂରରେ ଲୁମଡିଂ ▸ପୃଷ୍ଠା-୭



# ଆଣ୍ଟେଇଛି ପିଏମ୍ ସୂର୍ଯ୍ୟ ଘର ଯୋଜନା

## ସର୍ବଭାରତୀୟ ସ୍ତରରେ ଓଡ଼ିଶାଠାରୁ ଆଗରେ ଅଛନ୍ତି ଏକାଧିକ ଛୋଟ ରାଜ୍ୟ




## ଦେଢ଼ଲକ୍ଷ ଆବେଦନ; ୨୪,୯୫୫ ରୁଫ୍‌ଟପ୍‌ରେ ସୋଲାର ପ୍ୟାନେଲ

■ ଭୁବନେଶ୍ୱର, ୨୦।୧୨ (ସମିସ): ରାଜ୍ୟରେ ପିଏମ୍ ସୂର୍ଯ୍ୟଘର ଯୋଜନାରେ ଛାତ ଉପରେ ସୌର ବିଜୁଳି ଉତ୍ପାଦନ ପାଇଁ କେନ୍ଦ୍ରଠାରୁ ରାଜ୍ୟ ସରକାର ବ୍ୟାପକ ସବ୍‌ସିଡି ପ୍ରଦାନ କରୁଛନ୍ତି। ଏହାସତ୍ତ୍ୱେ ଓଡ଼ିଶାରେ ଏହି ଯୋଜନା ସେମିତି ଆଖିଦୃଶିଆ ଅଗ୍ରଗତି ହାସଲ କରିପାରୁ ନାହିଁ। ରାଜ୍ୟରେ ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ୧.୫ ଲକ୍ଷ ଏବଂ ୨୦୨୬-୨୭ ଆର୍ଥିକ ବର୍ଷ ସୁଦ୍ଧା ୩ ଲକ୍ଷ ରୁଫ୍‌ଟପ୍ ସୋଲାର ପ୍ୟାନେଲ ଲଗାଇବାକୁ କେନ୍ଦ୍ର ସରକାର ଓଡ଼ିଶାକୁ ଟାର୍ଗେଟ ଦେଇଛନ୍ତି। ମାତ୍ର ଓଡ଼ିଶାରେ ଏଯାବତ୍ ଦେଢ଼ଲକ୍ଷ ଆବେଦନକାରୀ ଥିବାବେଳେ ମାତ୍ର ୨୪,୯୫୫ଟି ରୁଫଟପ୍ ବା ଛାତରେ ସୌର ପ୍ୟାନେଲ ଲାଗିପାରିଛି। ସର୍ବଭାରତୀୟ ସ୍ତରରେ ଓଡ଼ିଶା ସୋଲାର ପ୍ୟାନେଲ ଲଗାଇବାରେ ୧୨ତମ ସ୍ଥାନରେ ରହିଥିବା ବେଳେ ଅନେକ ଛୋଟ ରାଜ୍ୟ ଓଡ଼ିଶା ଉପରେ ରହିଛନ୍ତି, ଯାହା ରାଜ୍ୟରେ ଯୋଜନାର ଅଗ୍ରଗତି ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ମିଳିଥିବା ସୂଚନା ଅନୁଯାୟୀ ଓଡ଼ିଶାରେ ଏଯାବତ୍ ୨୫ ହଜାରରୁ କମ୍ ରୁଫ୍‌ଟପ୍ ସୋଲାର ପ୍ୟାନେଲ ଲାଗିଥିବା ବେଳେ କେରଳ ପରି ଛୋଟ ରାଜ୍ୟ କିନ୍ତୁ ଏ କ୍ଷେତ୍ରରେ ବେଶ୍ ଆଖିଦୃଶିଆ ପ୍ରଦର୍ଶନ କରିଛନ୍ତି। କେରଳରେ ୧ ଲକ୍ଷ ୭୧ ହଜାର ୫୯୦ଟି ରୁଫ୍‌ଟପ୍ ସୋଲାର ପ୍ୟାନେଲ ଏଯାବତ୍ ଲାଗିସାରିଛି। ସେହିପରି ଆସାମରେ ୬୬୦୯୨, ଉତ୍ତରାଖଣ୍ଡରେ ୫୬ ହଜାରରୁ ଅଧିକ ପ୍ୟାନେଲ ଲାଗି ସାରିଛନ୍ତି। ଆୟତନ, ଆର୍ଥିକ ସମ୍ବଳ ଦୃଷ୍ଟିରୁ ଉପରୋକ୍ତ ରାଜ୍ୟଗୁଡ଼ିକ ଓଡ଼ିଶାଠାରୁ ବେଶ୍ ପଛରେ ଥିବାବେଳେ ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଅପେକ୍ଷା ବେଶ୍ ସଚେତନ ଥିବା ସ୍ପଷ୍ଟ ପରିଲକ୍ଷିତ ହେଉଛି।

ମାର୍ଚ୍ଚ ଶେଷ ସୁଦ୍ଧା ଦେଢ଼ଲକ୍ଷ ରୁଫ୍‌ଟପ୍ ପ୍ୟାନେଲ୍ ସ୍ଥାପନ ଲକ୍ଷ୍ୟ ପୂରଣ ନେଇ ପ୍ରଶ୍ନବାଚୀ

ୟୁଏଲ୍‌ଏ ମଡେଲ୍ ଅଧୀନରେ ଏଣିକି ୧ କିଲୋୱାଟ୍ ପାଇଁ ୧୮୭୫ ଟଙ୍କା ଦେୟ

ରୁଫ୍‌ଟପ୍ ସୌର ଶକ୍ତି ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାର ନୈରାଶ୍ୟଜନକ ପ୍ରଦର୍ଶନ ରାଜ୍ୟ ଶକ୍ତି ବିଭାଗ ଏବଂ ବିତରକ କମ୍ପାନୀର ଆଭିମୁଖ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସବୁଠାରୁ ବଡ଼ କଥା ହେଉଛି ଯେ ସୋଲାର ପ୍ୟାନେଲ ଲଗାଇବା ପାଇଁ ଓଡ଼ିଶାର ୪ଟି ବିତରକ କମ୍ପାନୀ ନିକଟରେ ପ୍ରାୟ ଦେଢ଼ ଲକ୍ଷ ଲୋକ ଆବେଦନ କରିଥିଲେ। ତନ୍ମଧ୍ୟରୁ ୯୬,୦୭୪ ଜଣ ପ୍ୟାନେଲ ଲଗାଇବା ପାଇଁ ଭେଣ୍ଡର ମଧ୍ୟ ଚୂଡ଼ାନ୍ତ କରିଥିଲେ। ଏସବୁ ସତ୍ତ୍ୱେ ମାତ୍ର ୨୪,୯୫୫ ଜଣ ସୋଲାର ପ୍ୟାନେଲ ଲଗାଇବାକୁ ନେଇ ଶକ୍ତି ସମୀକ୍ଷକ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ସେମାନଙ୍କ ▸ପୃଷ୍ଠା-୭

ବାଂଲାଦେଶରେ ଥମୁନି ବିଦ୍ୱେଷର ବହ୍ନି

# ଘର ସହ ନାବାଳିକାଙ୍କୁ ଜାଳିଦେଲେ

■ ଢାକା, ୨୦।୧୨ (ଏଜେନ୍ସି): ଇନ୍‌କିଲାବ ମଞ୍ଚର ନେତା ଉସମାନ ହାଦିଙ୍କ ହତ୍ୟା ପରେ ବାଂଲାଦେଶରେ ଆରମ୍ଭ ହୋଇଥିବା ବିଦ୍ୱେଷ ନିଆଁ ବନ୍ଦ ହେବାର ନା ଧରୁନି। ଏହା ଉଗ୍ର ରୂପ ଧାରଣ କରିଛି। ଉପଦ୍ରବୀମାନେ ମାନବିକତା ଭୁଲି ହିଂସା, ଲୁଟ୍‌ପାଟ୍ ଚଳାଇଥିବାବେଳେ ବିଏନ୍‌ପି ନେତାଙ୍କ ଘରେ ଆକ୍ରମଣ କରି ତାଙ୍କ ଶିଶୁ କନ୍ୟାଙ୍କୁ ଜିଅନ୍ତା ଜାଳି ଦେଇଛନ୍ତି। ଏପରି ସମୟରେ ଆଜି ହାଦିଙ୍କୁ ରାଷ୍ଟ୍ରୀୟ କବି ନଜରୁଲ ଇସଲାମଙ୍କ କବର ନିକଟରେ କବର ଦିଆଯାଇଛି। ଇନ୍‌କିଲାବ୍ ମଞ୍ଚର ସମର୍ଥକ ମହମ୍ମଦ ୟୁନୁସଙ୍କ ସରକାରଙ୍କୁ ୨୪ ଘଣ୍ଟିଆ କଣ୍ଟ ଦେଇଛନ୍ତି। ହତ୍ୟାକାଣ୍ଡରେ ସାମିଲ ଅପରାଧୀଙ୍କୁ ଧରିବା ପାଇଁ କି କି ପଦକ୍ଷେପ ନିଆଯାଉଛି ତାହାର ସୂଚନା ମାଗିଛନ୍ତି। ହାଦିଙ୍କ ଏହି ଅନ୍ତିମ ଯାତ୍ରାରେ ସାମିଲ ଲକ୍ଷାଧିକ ଲୋକେ ବାରିକେଡ ଭାଙ୍ଗି ସଂସଦରେ ପଶି ଆଜି ଭଙ୍ଗାରୁଜା କରିଛନ୍ତି। ବାଂଲାଦେଶର ସ୍ଥିତିକୁ ଦେଖି ଭାରତୀୟ ସେନା ସୀମାରେ ସଜାଗ ରହିଛି। ଏପରି ସମୟରେ ହାଦିଙ୍କ ହତ୍ୟା ▸ପୃଷ୍ଠା-୭



ସଂସଦରେ ଉପଦ୍ରବୀଙ୍କ ଲୁଟ୍‌ପାଟ୍, ସରକାରଙ୍କୁ ଦେଲେ ୨୪ ଘଣ୍ଟିଆ କଣ୍ଟ

ହିଂସାକାଣ୍ଡ ପଛରେ ଆଇଏସ୍‌ଆଇର 'ଢାକା ସେଲ୍'

ଭାରତ-ବାଂଲାଦେଶ ସେନାମୁଖ୍ୟଙ୍କ ଆଲୋଚନା

# ବୃଦ୍ଧାଙ୍କୁ ପୋଡ଼ି ମାରିଦେଲେ ଲୁଟେରା

■ ଅମ୍ବାଦଳା/ମୁନିଗୁଡ଼ା, ୨୦।୧୨ (ସମିସ): ଲୁଟିବାକୁ ଆସି ବୃଦ୍ଧାଙ୍କୁ ପୋଡ଼ି ମାରିଦେଲେ। ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ଅମ୍ବାଦଳା ଥାନା ଅନ୍ତର୍ଗତ କୁମୁଡ଼ାବାଲି ଗାଁରେ ଏଭଳି ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ମୃତ ବୃଦ୍ଧାଜଣଙ୍କ ହେଲେ, ଅମ୍ଳାଭଟା ପଞ୍ଚାୟତ ଷ୍ଟେସନ୍ କୁମୁଡ଼ାବାଲି ଗ୍ରାମର ଚନ୍ଦନ ତୁଳା ଡଙ୍ଗରି (୭୫)। ଆଜି ସକାଳୁ ତାଙ୍କ ଘରୁ ପୋଡ଼ାଗନ୍ଧ ବାହାରିବା ଓ ତାଙ୍କ କବାଟ ଭଙ୍ଗା ହୋଇଥିବା ଦେଖି ଗ୍ରାମବାସୀଙ୍କ ସନ୍ଦେହ ହୋଇଥିଲା। ଘରେ ପଶି ଦେଖିବା ବେଳକୁ ତୁଳା ଅଧା ପୋଡ଼ି ଯାଇଥିଲେ। ଆଣ୍ଠୁତଳ ଦୁଇ ଗୋଡ଼କୁ ଛାଡ଼ିଲେ, ଶରୀରର ଅନ୍ୟ ଅଂଶଗୁଡ଼ିକ ପୋଡ଼ି ଯାଇଥିଲା। ଖବର ପାଇ ଆମ୍ବଦଳା ଆଇଆଇସି କଳ୍ପନା ବେହେରା, ମୁନିଗୁଡ଼ା ଆଇଆଇସି ସୌଦାମିନୀ ବେହେରା, ଏସ୍‌ଡିପିଓ ସନ୍ତୋଷିନୀ ଓରାମ, ରାୟଗଡ଼ା ଜିଲ୍ଲା ଅତିରିକ୍ତ ଦାୟିତ୍ୱରେ ଥିବା କଳାହାଣ୍ଡି ଆରକ୍ଷୀ ଅଧୀକ୍ଷକ ଦେବରକୋଣ୍ଡା ନାଗରାଜ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିଥିଲେ।

## ଘରୁ ଅର୍ଦ୍ଧଦଗ୍ଧ ଶବ ଜବତ

ପୁଲିସର ପ୍ରାଥମିକ ତଦନ୍ତରୁ ଜଣାଯାଇଛି ଯେ ଦୁର୍ବୃତ୍ତମାନେ ପ୍ରଥମେ ବୃଦ୍ଧାଙ୍କ ଗଳାକାଟି ହତ୍ୟା କରିବା ପରେ ତାଙ୍କୁ ପୋଡ଼ି ଦେଇଥିଲେ। ତୁଳା ଘରେ ଏକୁଟିଆ ରହୁଥିଲେ। ତାଙ୍କ କାନ ଓ ନାକରେ ସୁନା ପିନ୍ଧିଥିଲେ। ଏହି ସୁନା ଲୁଟିବା ପାଇଁ ତାଙ୍କୁ ହତ୍ୟା କରାଯାଇଥିବା ପୁଲିସ ସନ୍ଦେହ କରୁଛି। ପୁଲିସ ବୃଦ୍ଧାଙ୍କ ଗୋଡ଼ ଏବଂ ପାଉଁଶ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ଏବଂ ଅଧିକ ତଦନ୍ତ ପାଇଁ କୋରାପୁଟ ଏଫ୍‌ଏମ୍‌ଟିକୁ ପଠାଇଥିବା ଜଣାପଡ଼ିଛି। ପୁଲିସ ଘଟଣାର ତଦନ୍ତ କରୁଛି, ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ବିଷମକଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମ ପ୍ରକାଶ କରିଛନ୍ତି।

# ଟ୍ରେନରେ ଜେନେରାଲ ଟିକଟର ପ୍ରିଣ୍ଟ ଦେଖାଇବା ଜରୁରୀ ନୁହେଁ

■ ନୂଆଦିଲ୍ଲୀ, ୨୦।୧୨ (ଏଜେନ୍ସି): ଟ୍ରେନ ଯାତ୍ରାରେ ଜେନେରାଲ ଟିକଟର ପ୍ରିଣ୍ଟ ରଖିବା ଜରୁରୀ ନୁହେଁ ବୋଲି ଭାରତୀୟ ରେଳବାଇ ପକ୍ଷରୁ କୁହାଯାଇଛି। ଅନେକ ସମୟରେ ଯାତ୍ରୀ ଟିକଟର ଡିଜିଟାଲ କପି ଦେଖାଉଥିବାରୁ ଗ୍ରହଣ କରାଯାଉ ନଥିଲା। ଏବେ ଏହି ଜେନେରାଲ ଟିକଟ ତଥା ଅଣସଂରକ୍ଷିତ ଟିକଟକୁ ନେଇ ଥିବା ସଂଶୟକୁ ରେଳବାଇ ଦୂର କରିଦେଇଛି। ରେଳବାଇ ପକ୍ଷରୁ କୁହାଯାଇଛି ଯେ ଅନରିଜର୍ଭଡ ଟିକେଟିଂ ସିଷ୍ଟମ (ୟୁଟିଏସ) ମୋବାଇଲ ଆପ୍‌ରୁ ବୁକ କରାଯାଇଥିବା ଟିକଟର ପ୍ରିଣ୍ଟଆଉଟ ନେବା ଜରୁରୀ ନୁହେଁ। ଯାତ୍ରା ସମୟରେ ଯାତ୍ରୀ ନିଜ ମୋବାଇଲ ଆପ୍‌ରୁ 'ଶୋ ଟିକଟ' ବିକଳ୍ପ ବ୍ୟବହାର କରି ଟିଟିଇଙ୍କୁ ଦେଖାଇ ପାରିବେ। ଏହା ସମ୍ପୂର୍ଣ୍ଣ ଭାବେ ବୈଧ। ଏକ ଭାଇରାଲ ଭିଡିଓ ପରେ ଏହି ସ୍ପଷ୍ଟୀକରଣ ଦିଆଯାଇଛି। ଏହି ଭିଡିଓରେ ଟିଟିଇ ଯାତ୍ରୀଙ୍କୁ ୟୁଟିଏସରେ ବୁକିଂ ହୋଇଥିବା ଟିକଟର ପ୍ରିଣ୍ଟ ମାଗୁଥିବା ଦେଖା ଯାଇଥିଲା। ଏହାକୁ ନେଇ ଅନେକ ଯାତ୍ରୀଙ୍କ ମଧ୍ୟରେ ଭ୍ରମ ସୃଷ୍ଟି ହୋଇଥିଲା। ତେବେ ଯଦି କୌଣସି ଯାତ୍ରୀ ୱିଣ୍ଡୋ କିମ୍ବା ଅନଲାଇନ ବୁକିଂ ପରେ ତାହାର ପ୍ରିଣ୍ଟ ବାହାର କରିନେଇଛନ୍ତି। ତେବେ ଯାତ୍ରା ସମୟରେ ଏହାକୁ ଦେଖାଇ ପାରିବେ। ଯାତ୍ରୀଙ୍କୁ ଟିକଟର ପ୍ରିଣ୍ଟ ନେବାକୁ କୁହାଯାଉଥିବା କୌଣସି ନିୟମ ନାହିଁ। ଟିଟିଇ ଟିକଟର ପ୍ରିଣ୍ଟ ମାଗିବା ଭୁଲ୍ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି।

## ପାଖରେ ଡିଜିଟାଲ୍ ଟିକଟ ଥିଲେ ମିଳିବ ଯାତ୍ରା ଅନୁମତି

ବିଲୋପ ପୂର୍ବରୁ 'ମନରେଗା'ର ସ୍ଥିତି

# ୫ ବର୍ଷରେ କଟିଛି ୪.୪ କୋଟି ଜବ୍ କାର୍ଡ

■ ନୂଆଦିଲ୍ଲୀ, ୨୦।୧୨ (ଏଜେନ୍ସି): ଗ୍ରାମାଞ୍ଚଳରେ ଦରିଦ୍ର ଲୋକଙ୍କୁ ରୋଜଗାର ଯୋଗାଇବାର ମାଧ୍ୟମ ସାଜିଥିବା ମହାତ୍ମା ଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ରୋଜଗାର ଗ୍ୟାରଣ୍ଟି ଯୋଜନା (ମନରେଗା) ବଦଳରେ କେନ୍ଦ୍ର ସରକାର ଆଣିଛନ୍ତି ନୂଆ ଯୋଜନା। ବିକଶିତ ଭାରତ ଲକ୍ଷ୍ୟରେ ଆସିଥିବା ଏହି ଯୋଜନାର ନାମ ହେଉଛି ବିକଶିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଆଣ୍ଡ ଆଜୀବିକା ମିସନ- ଗ୍ରାମୀଣ (ଜି- ରାମ- ଜି)। ଏହି ଯୋଜନାରେ ରୋଜଗାର ଲାଗି କେତେକ ନୂଆ ବ୍ୟବସ୍ଥା ସହିତ ନୂଆ ସର୍ତ୍ତ ମଧ୍ୟ ଯୋଡ଼ାଯାଇଛି। ତେବେ ମନରେଗାକୁ ନେଇ ଯେଉଁ ତଥ୍ୟ ଆସିଛି ତାହା ଯେତେ ଉଦବେଗଜନକ, ସେତେ ଚିନ୍ତାର ବିଷୟ ମଧ୍ୟ। ତାହା ହେଲା ମନରେଗା ଉଚ୍ଛେଦ ପୂର୍ବରୁ ରୋଜଗାର ପାଇଁ ଗରିବ ଲୋକମାନଙ୍କୁ ମିଳିଥିବା ଜବକାର୍ଡ ଲକ୍ଷ ଲକ୍ଷ ସଂଖ୍ୟାରେ କାଟି ଦିଆଯାଇଥିଲା। ଗତ ୫ ବର୍ଷ ମଧ୍ୟରେ ୪ କୋଟି ୪୩ ଲକ୍ଷ ଜବ୍ କାର୍ଡ କାଟି ଦିଆଯାଇଛି। ଏଥିରେ ବିହାରରେ ସର୍ବାଧିକ ୧ କୋଟି ୪ ଲକ୍ଷ ଜବକାର୍ଡ ରହିଛି। ୯୦ ଲକ୍ଷ ସହିତ ଉତ୍ତର ପ୍ରଦେଶ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ଓଡ଼ିଶାର ସ୍ଥାନ ତୃତୀୟ ରହିଛି। ଓଡ଼ିଶାରେ ୪୧ ଲକ୍ଷରୁ ଅଧିକ ଜବ୍ କାର୍ଡ କାଟି ଦିଆଯାଇଛି।

ଏହି ତଥ୍ୟ ଖୋଦ ସରକାର ଦେଇଛନ୍ତି। ରାଜ୍ୟସଭାରେ ଏହି ତଥ୍ୟ ରଖି ଗ୍ରାମାଞ୍ଚଳ ବିକାଶ ରାଷ୍ଟ୍ରମନ୍ତ୍ରୀ କମଲେଶନ ପାଶ୍ୱାନ କହିଛନ୍ତି ଯେ କେବଳ ଜାଲ ଓ ଡୁପ୍ଲିକେଟ୍ ଜବକାର୍ଡକୁ କଟାଯାଇଛି। ଏହାସହିତ ଯେଉଁମାନେ ସଂପୃକ୍ତ ସ୍ଥାନ ଛାଡ଼ି ପଳାୟନ କରିଛନ୍ତି ସେମାନଙ୍କର କାର୍ଡ ମଧ୍ୟ କଟାଯାଇଛି। ଯେଉଁ ଗ୍ରାମାଞ୍ଚଳ ଏବେ ସହରାଞ୍ଚଳରେ ପରିଣତ ହୋଇଛି, ସେଠାରେ ମଧ୍ୟ ଜବକାର୍ଡ କଟାଯାଇଛି। ସେ କହିଲେ ଯେ ଏମିତି ସାରା ଦେଶରେ ଗତ ୫ ବର୍ଷ ମଧ୍ୟରେ ୪ କୋଟି ୪୩ ଲକ୍ଷ ମନରେଗା ଜବକାର୍ଡ କାଟି ଦିଆଯାଇଛି। ୨୦୨୦-୨୧ରୁ ୨୦୨୪-୨୫ ମଧ୍ୟରେ ନିଆଯାଇଥିବା ଏହି କାର୍ଯ୍ୟାନୁଷ୍ଠାନରେ ବିହାରେରେ ସର୍ବାଧିକ କାର୍ଡ କଟିଛି। ବିହାରରେ ସର୍ବାଧିକ ୧ କୋଟି ୪ ଲକ୍ଷ ଜବ କାର୍ଡ କଟିଥିବା ବେ।।ଳେ ଉତ୍ତରପ୍ରଦେଶ ଦ୍ୱିତୀୟ ସ୍ଥାନରେ ରହିଛି ଓ ଏହି ରାଜ୍ୟରୁ ୯୦ ଲକ୍ଷ ୪୦ ହଜାର ଜବକାର୍ଡକୁ କାଟି ଦିଆଯାଇଛି। କଟାଯାଇଥିବା ମୋଟ ଜବକାର୍ଡ ମଧ୍ୟରେ ବିହାର ଓ ୟୁପିର ଅଂଶ ୪୪ ପ୍ରତିଶତ ବୋଲି ସରକାର କହିଛନ୍ତି। ▸ପୃଷ୍ଠା-୭

## ବିହାରରେ ସର୍ବାଧିକ ୧ କୋଟି, ୟୁପିରେ ୯୦ ଲକ୍ଷ

## ୪୧ ଲକ୍ଷ ସହ ତୃତୀୟ ସ୍ଥାନରେ ଓଡ଼ିଶା




ତୈଳ କମ୍ପାନୀଙ୍କୁ ଚିଠି ଲେଖିଲା ବାଣିଜ୍ୟ ଓ ପରିବହନ ବିଭାଗ

# ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ପଟ୍ରୋଲ ମନା

■ କଟକ, ୨୦।୧୨(ସମିସ): ଗାଡ଼ିର ବୈଧ ପ୍ରଦୂଷଣ ପ୍ରମାଣପତ୍ର ନଥିଲେ, ପେଟ୍ରୋଲ ପମ୍ପରେ ଏଣିକି ଆଉ ପେଟ୍ରୋଲ/ଡିଜେଲ ମିଳିବ ନାହିଁ। ଏ ସଂକ୍ରାନ୍ତରେ ତୈଳ ବିକ୍ରୟକାରୀ କମ୍ପାନୀଙ୍କୁ ଚିଠି ଲେଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏ ଦିଗରେ ଉଦ୍ୟମ ଆରମ୍ଭ ହୋଇଛି। ବାୟୁର ଗୁଣବତ୍ତାକୁ ବଜାୟ ରଖିବା ତଥା ମୋଟରଯାନ ନିୟମ ଉଲ୍ଲଙ୍ଘନ କରି ପ୍ରଦୂଷଣ ସୃଷ୍ଟି କରୁଥିବା ଯାନ ଉପରେ ଅଙ୍କୁଶ ଲଗାଇବାକୁ ବିଭାଗ ପକ୍ଷରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି।

ମୋଟରଯାନ ଆଇନ ଅନୁଯାୟୀ ବୈଧ ପ୍ରଦୂଷଣ ପ୍ରମାଣପତ୍ର ବାଧ୍ୟତାମୂଳକ। ଏଥିପାଇଁ ଗାଡ଼ିଗୁଡ଼ିକୁ ନିୟମିତ ବ୍ୟବଧାନରେ ପଞ୍ଜିକୃତ ପ୍ରଦୂଷଣ ନିୟନ୍ତ୍ରଣ ପରୀକ୍ଷା କେନ୍ଦ୍ରରେ ଯାଞ୍ଚ କରାଇବାକୁ ହୋଇଥାଏ। ଏହି ପ୍ରମାଣପତ୍ର ନଥିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା ମଧ୍ୟ ରହିଛି। ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚକୁ ଗୁରୁତ୍ୱ ଦେଇ ସମସ୍ତ ଟୋଲଗେଟ୍‌ରେ ଇ-ଡିଟେକ୍ସନ ବ୍ୟବସ୍ଥାରେ ମଧ୍ୟ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି।

ରାଜଧାନୀରେ ପାଇଲଟ୍ ପ୍ରକଳ୍ପ ଉଦ୍‌ଘାଟନକୁ ବିତିଲାଣି ୭ ମାସ

# 'ପ୍ରତୀକ୍ଷା କେନ୍ଦ୍ର'ରେ ତାଲା; ରାସ୍ତାକଡ଼ରେ ଶ୍ରମିକ

■ ଭୁବନେଶ୍ୱର,୨୦।୧୨(ସମିସ): ପେଟପାଟଣା ଚିନ୍ତା ରାତିର ନିଦ ହଜାଇ ଦେଉଛି। ଆଉ ରାତି ନପାହୁଣୁ କାମଟିଏ ମିଳିବ କି ନାହିଁ ତା ବି

## ସଫଳତା ମିଳିଥିଲେ ଅନ୍ୟ ଜିଲ୍ଲାକୁ ସଂପ୍ରସାରିତ ହୋଇଥା'ନ୍ତା ଯୋଜନା

ପ୍ରତିଦିନର ପ୍ରଶ୍ନବାଚୀ। ସହରର ବଡ଼ବଡ଼ିଆମାନେ ସକାଳୁ ସକାଳୁ ହାତରେ ଚା କପ୍ ଧରିଥିବା ବେଳେ ଏମାନଙ୍କ ହାତରେ ଥାଏ ସିମେଣ୍ଟ କଡ଼େଇ। ବର୍ଷା ହେଉ ଅବା ଶୀତରେ ଥରି ଥରି ରାସ୍ତା କଡ଼ରେ ମାଲିକମାନଙ୍କୁ ଅପେକ୍ଷା କରିଥାନ୍ତି ଶହଶହ ଶ୍ରମିକ। ହେଲେ ରାସ୍ତାକଡ଼ରେ ଛିଡ଼ା ହେବା ସେମାନଙ୍କ ପାଇଁ କେତେ ସୁରକ୍ଷିତ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାରଣ ଶ୍ରମିକମାନଙ୍କ ସୁରକ୍ଷା ନିମନ୍ତେ ନିର୍ମାଣ କରାଯାଇଥିବା ପ୍ରତୀକ୍ଷା କେନ୍ଦ୍ରରେ ଝୁଲୁଛି ତାଲା। ଫଳରେ ଖରା, ବର୍ଷା, ଶୀତ ▸ପୃଷ୍ଠା-୭




# ଦାଦନଗଡ଼ରେ ଶ୍ରମିକଙ୍କ ଦୁଃଖ

## ୧୦ ମାସରେ ଗଲାଣି ୨୪ ଜୀବନ

■ ବ୍ରହ୍ମପୁର,୨୦।୧୨(ସମିସ): ଦାଦନ ଗଡ଼ କୁହାଯାଉଥିବା ଗଞ୍ଜାମ ଜିଲ୍ଲାରେ କମୁନି ଶ୍ରମିକଙ୍କ ଦୁଃଖ। ପ୍ରତିଟି ସମୟରେ ଏଠାରୁ ଯାଇ ଅନ୍ୟତ୍ର କାମ କରି ପରିବାର ପୋଷୁଥିବା ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟୁଛି। ଯାହା ଏହି ଇଲାକାର ନିତିଦିନିଆ ଘଟଣା ହୋଇ ସାରିଲାଣି। ଦାଦନ ପ୍ରଥା ରୋକିବା ପାଇଁ ସରକାର ଅନେକ ଯୋଜନା କରୁଥିଲେ ମଧ୍ୟ ତାହା ସଠିକ ବିନିଯୋଗ ହେଉନି। ଅନ୍ୟରାଜ୍ୟକୁ ଟଙ୍କା ରୋଜଗାର ଆଶାରେ ଯାଇଥିବା ବ୍ୟକ୍ତି ନିଜ ଘରକୁ ଟଙ୍କା ପଠାଇବା ପରିବର୍ତ୍ତେ ନିଜେ ଶବ ହୋଇ ଫେରୁଛନ୍ତି। ଏଭଳି ଭାବେ ଗତ ୧୦ମାସରେ ବ୍ରହ୍ମପୁର ଶ୍ରମ ଜିଲ୍ଲରେ ମୋଟ ୨୪ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଚଳିତବର୍ଷ ଫେବୃୟାରୀ ମାସରୁ ବର୍ତ୍ତମାନ ସୁଦ୍ଧା ଦୁବାଇରେ ଜଣେ, କର୍ଣ୍ଣାଟକରେ ୩ଜଣ, ମହାରାଷ୍ଟ୍ରରେ ୫, ▸ପୃଷ୍ଠା-୭

## ପଞ୍ଜୀକରଣ ହୋଇ ନ ଥିବାରୁ ମିଳୁନି ସହାୟତା ରାଶି

## ସବୁ ଦାଦନ ଶ୍ରମିକଙ୍କ ମୃତ୍ୟୁର ତଥ୍ୟ ରହୁନି

**ପାଲଲହଡ଼ା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

# ଫାଇନାଲରେ କଟକ ଜୁଭେନାଇଲ କ୍ଲବ

ପାଲଲହଡ଼ା, ୨୦।୧୨(ସମିସ)

ପାଲଲହଡ଼ା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପୁଲ-ବିର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଛି। କଟକ ଜୁଭେନାଇଲ କ୍ଲବ ଓ ଢେଙ୍କାନାଳ ଏକାଦଶ ମଧ୍ୟରେ ମ୍ୟାଚ୍ ହେଇଥିଲା। ଜୁଭେନାଇଲ କ୍ଲବ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଢେଙ୍କାନାଳ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ସମସ୍ତ ଉଇକେଟ ହରାଇ ୧୪୯ ରନ ସଂଗ୍ରହ କରିଥିଲା। ଜବାବରେ ଜୁଭେନାଇଲ କ୍ଲବ ୧୯.୪ ଓଭରରେ ୫ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଜୁଭେନାଇଲ କ୍ଲବର ଶାଶ୍ୱତ ମହାନ୍ତି ୪୨ ବଲରେ ୭୪ ରନ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହେଇଛନ୍ତି।



ରଞ୍ଜିତ କୁମାର ସାମଲ ଏବଂ ଅଭିଷେକ ସାହୁ ଖେଳ ପରିଚାଳନା କରିଥିଲେ। ଶିବପ୍ରସାଦ ସାମଲ ଓ ରାକେଶ ସାମଲ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟଅତିଥି ଭାବେ ମାନସ ରଞ୍ଜନ ଦାଶ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଆଇଡିବିଆଇ ବ୍ୟାଙ୍କ ଖେମଳା ଶାଖା ପରିଚାଳକ ପ୍ରୀତିରଞ୍ଜନ ସେଠୀ ଯୋଗଦେଇ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ରବିବାର ଜୁଭେନାଇଲ କଟକ ଓ ଫେମସ କ୍ଲବ କେନ୍ଦୁଝରର ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କବ୍ସ କ୍ଲବ ସଭାପତି ସନ୍ତୋଷ କୁମାର ଗଡ଼ନାୟକ କହିଛନ୍ତି।

ଶୁକ୍ରବାର ଟୁର୍ଣ୍ଣାମେଣ୍ଟର ପୁଲ-ବି ଦ୍ୱିତୀୟ ଲିଗ ମ୍ୟାଚ କଟକ ଜୁଭେନାଇଲ କ୍ଲବ ଓ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହେଇଛି। ଜୁଭେନାଇଲ କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଥିଲା। ଜୁଭେନାଇଲ କ୍ଲବର ରାମଚନ୍ଦ୍ର ବେହେରା ୫୨ ବଲରେ ୮୭ ରନର ଧୂଆଁଧାର ବ୍ୟାଟିଂ କରିଥିବାରୁ ତାଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ କରାଯାଥିଲା। ଅଭିଷେକ ସାହୁ ଓ ରୂପେଶ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ଅଭୟ ନାଏକ, ସଞ୍ଜୟ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ଭୂପେନ ନାଏକ, ଶୁଭାଶିଷ ଜିତ ଓ ବିଶ୍ୱଜିତ ମହାନ୍ତି ସ୍କୋରର ଦାୟିତ୍ୱ ତୁଲାଇଥିଲେ। କ୍ଲବ ସମ୍ପାଦକ ସୁବ୍ରତ ମହାନ୍ତିଙ୍କ ସମେତ ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

## ବାଲ୍ୟ ବିବାହ ସମ୍ପର୍କିତ ସଚେତନତା




**ଅନୁଗୋଳ, ୨୦।୧୨(ସମିସ):** ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଦାମୋଦର ରଥଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ ଓ ଆଶା ୟୁନିଟ ତରଫରୁ ବାଲ୍ୟବିବାହର କୁପ୍ରଭାବ ଓ ତା'ର ପ୍ରତିକାର ସମ୍ପର୍କିତ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ କମଳାକାନ୍ତ ନାୟକ, ସଦସ୍ୟ ପରମାନନ୍ଦ ମିଶ୍ର, ଅନୁଗୋଳ ଡିଏସପି ତଥା ଆଶା ୟୁନିଟ ସଦସ୍ୟ ଯୋଗେଶ୍ୱରୀ ବେହେରା, ଅନୁଗୋଳ ସିଡିପିଓ ତଥା ଆଶା ୟୁନିଟ ସଦସ୍ୟ ରୀତାଞ୍ଜଳି ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣର ପାରାଲିଗାଲ ଭଲ୍ୟୁଣ୍ଟର, ଆଶାକର୍ମୀ, ଅଙ୍ଗାନବାଡ଼ି କର୍ମୀ ଶୋଭାଯାତ୍ରାରେ ଅଂଶଗ୍ରହଣ କରି ଲୋକଙ୍କୁ ବାଲ୍ୟବିବାହର କୁପ୍ରଭାବ ବିଷୟରେ ସଚେତନ କରିଥିଲେ।

## ନାବାଳିକାକୁ ଦୁଷ୍କର୍ମ; ଯୁବକ ଗିରଫ

**କଣିହାଁ, ୨୦।୧୨(ସମିସ):** ରେଙ୍ଗାଳି ଥାନା ଅଞ୍ଚଳରେ ଜଣେ ୯ ବର୍ଷର ନାବାଳିକାଙ୍କୁ ଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ନାକିଟିଦେଉଳ ଗ୍ରାମର ୨୦ ବର୍ଷୀୟ ଯୁବକ ଗତ ୧୭ ତାରିଖ ଅପରାହ୍ନରେ ଦୁଷ୍କର୍ମ କରିଥିବା ନାବାଳିକାଙ୍କ ପରିବାର ପକ୍ଷରୁ ୧୮ ତାରିଖ ଥାନାରେ ଅଭିଯୋଗ ହୋଇଥିଲା। ପାଲଲହଡ଼ା ଏସଡିପିଓ କୌଳାସ ଚନ୍ଦ୍ର ସେଠୀ ତଦନ୍ତ କରିଥିବା ବେଳେ ଶନିବାର ପୁଲିସ ଅଭିଯୁକ୍ତ ସଞ୍ଜୟ ପଧାନ (୨୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ ପୋକ୍ସୋ ଆଇନ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି।

## ସାପ କାମୁଡ଼ାରେ ଯୁବକ ମୃତ

**କଣିହାଁ, ୨୦।୧୨(ସମିସ):** ସାପ କାମୁଡ଼ାରେ କଣିହାଁ ବ୍ଲକ ରେଙ୍ଗାଳି ଗ୍ରାମର ବିଷ୍ଣୁ ସାମଲ (୪୪)ଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ଅପରାହ୍ନ ୩ଟାରେ ବିଷ୍ଣୁ ଘର ପଛପାଖ ପଡ଼ିଆକୁ ଶୌଚ ପାଇଁ ଯାଇଥିଲେ। ସେଠାରେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ବିଷ୍ଣୁଙ୍କ ପୁଅ ସୌମ୍ୟାଜିତ ସାମଲଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଆଇଆଇସି ବିଶ୍ୱମ୍ବର ପ୍ରଧାନ ସୂଚନା ଦେଇଛନ୍ତି।

## ଭେଣ୍ଡର ମୋବିଲାଇଜେସନ ଡ୍ରାଇଭ କାର୍ଯ୍ୟକ୍ରମ

**ଅନୁଗୋଳ, ୨୦।୧୨(ସମିସ):** ଭେଣ୍ଡର୍ ମୋବିଲାଇଜେସନ୍ ଡ୍ରାଇଭ୍ କାର୍ଯ୍ୟକ୍ରମ ଅନୁଗୋଳ ଜିଲ୍ଲାରେ ସଫଳତାର ସହିତ ଆୟୋଜିତ ହୋଇଛି। ରପ୍ତାନୀ ଏବଂ ବାଣିଜ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା ଦ୍ୱାରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଯୋଗଦେଇ ଆରଏଏମପି କାର୍ଯ୍ୟକ୍ରମ ଦ୍ୱାରା ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକର ବଜାର ପ୍ରବେଶ ଓ ସାମଗ୍ରିକ କାର୍ଯ୍ୟଦକ୍ଷତା ବୃଦ୍ଧି ବିଷୟରେ ଆଲୋଚନା କରିଥିଲେ।

ଜିଲ୍ଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ ଶିବାଶିଷ କାନୁନଗୋ ସ୍ୱାଗତ ଭାଷଣ ପ୍ରଦାନ କରି ଜିଲ୍ଲା ସ୍ତରରେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ପାଇଁ ସହାୟତା ଓ କ୍ଷମତା ବୃଦ୍ଧିର ଗୁରୁତ୍ୱ ଉଲ୍ଲେଖ କରିଥିଲେ। କୃଷି ଓ ପ୍ରକ୍ରିୟାକୃତ ଆଞ୍ଚଳିକ ମୁଖ୍ୟ ସୀତାକାନ୍ତ ମଣ୍ଡଳ ଖାଦ୍ୟପଦାର୍ଥ ରପ୍ତାନୀ ଓ କୋଲକାତା ବିକାଶ କର୍ତ୍ତୃପକ୍ଷ କୃଷି ରପ୍ତାନୀରେ କୃଷି ଓ ପ୍ରକ୍ରିୟାକୃତ ଖାଦ୍ୟପଦାର୍ଥର ଭୂମିକା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ରପ୍ତାନୀ ଏବଂ ବାଣିଜ୍ୟ ନିର୍ଦ୍ଦେଶାଳୟର ସହାୟକ ନିର୍ଦ୍ଦେଶକ ଜିତମିତ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗପତି, ରପ୍ତାନୀକାରୀ ଓ ଅନ୍ୟ ହିତାଧୀକାରୀ ଅଂଶଗ୍ରହଣ କରିଥିଲେ।

## ଡିଏମ୍‌ଏଫ୍‌ରୁ ତାଳଚେରକୁ ୧୦ କୋଟି

**ତାଳଚେର, ୨୦।୧୨(ସମିସ):** ତାଳଚେର ସହର ଉନ୍ନତୀକରଣ ପାଇଁ ତାଳଚେର ପୌରପରିଷଦକୁ ଜିଲ୍ଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍)ରୁ ୧୦ କୋଟି ଟଙ୍କା ଅନୁଦାନ ମିଳିଛି। ଗତ କିଛି ବର୍ଷଧରି ତାଳଚେର ସହରର ଉନ୍ନତୀକରଣ ପାଇଁ ଡିଏମଏଫରୁ କୌଣସି କାର୍ଯ୍ୟ ହେଉ ନ ଥିବା ତାଳଚେର ନଗରପାଳ ପବିତ୍ର ଭୂତିଆ ଅଭିଯୋଗ କରିଥିଲେ। ଗତ ୨୮ ତାରିଖ ଭୂତିଆ ବିଜେଡି ଛାଡ଼ି ବିଜେପିରେ ଯୋଗଦେଇଥିଲେ। ପରେ ସେ ସହରର ଉନ୍ନତୀକରଣ ନେଇ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଭେଟି ଦାବି କରିଥିଲେ। ଏହାପରେ ପୌରାଞ୍ଚଳର ବିକାଶ ପାଇଁ ଡିଏମଏଫରୁ ପ୍ରାୟ ୧୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ସହରର ସଫେଇ କାର୍ଯ୍ୟ ପାଇଁ ୧ କୋଟି ୯୨ଲକ୍ଷ, ମହିଳା ଏବଂ ଶିଶୁଙ୍କ ପାଇଁ ୧ କୋଟି ୨୦ଲକ୍ଷ, ସହରର ରାସ୍ତାଘାଟ ଏବଂ ଅନ୍ୟାନ୍ୟ ବିକାଶ ପାଇଁ ପ୍ରାୟ ୭ କୋଟି ଟଙ୍କା ମଞ୍ଜୁରି କରାଯାଇଛି। ସମସ୍ତ କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ତେବେ ତାଳଚେରରୁ ସରକାର ବିପୁଳ ରାଜସ୍ୱ ଯାଉଥିବା ବେଳେ ଅଞ୍ଚଳବାସୀ ଧୂଳିଧୂଆଁରେ ଜର୍ଜରିତ ହୋଇ ଖାଲଖମା ରାସ୍ତାରେ ଦୈନିକ ଯାତାୟାତ କରୁଛନ୍ତି। ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ଶିକ୍ଷା, ଆଲୋକୀକରଣ, ପୋଖରୀ ପୁନରୁଦ୍ଧାର, ମିନି ପାର୍କ, ଡ୍ରେନେଜ ବ୍ୟବସ୍ଥା, ରାଣୀ ପାର୍କର ବିକାଶ ଆଦି କାର୍ଯ୍ୟ ହେଉ ନ ଥିବା ବେଳେ ସମୁଦ୍ରକୁ ଶଙ୍ଖେଭଳି ୧୦କୋଟି ଟଙ୍କା ଖର୍ଚ୍ଚ କରାଯିବା ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅପରପକ୍ଷେ ଅନୁଗୋଳ ସହର ବିକାଶ ପାଇଁ ଗତବର୍ଷ ଡିଏମ୍‌ଏଫ୍‌ରୁ ୬୦କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ତାଳଚେରକୁ ଟଙ୍କାଟିଏ ମିଳି ନ ଥିଲା। ଏବେ ତାଳଚେରକୁ ମିଳିଥିବା ମାତ୍ର ୧୦କୋଟି ଟଙ୍କାରେ କି ପ୍ରକାଶ ବିକାଶ ହୋଇପାରିବ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ତାଳଚେରକୁ ସିଂହଭାଗ ଦେବା ପରିବର୍ତ୍ତେ ଅନ୍ୟଆଡ଼େ ଏହାକୁ ଖର୍ଚ୍ଚ କରାଯିବା କେତେ ଯୁକ୍ତିଯୁକ୍ତ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏପରିକି, କୁଆଡ଼େ ସିଏସଆର ଅର୍ଥକୁ ଡିଏମଏଫରେ ପରିବର୍ତ୍ତିତ କରି ତାଳଚେରବାସୀଙ୍କ ତ୍ୟାଗରେ ଅନ୍ୟକେହି ଉପକୃତ ହେବା କେତେ ଦୂର ଠିକ୍ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ତେଣୁ ଜିଲ୍ଲାପାଳ କୌଣସି ପକ୍ଷପାତିତା ନ କରି ନିରପକ୍ଷେ ଭାବେ ଯେଉଁ ସ୍ଥାନରେ ଯାହା ଆବଶ୍ୟକତା ରହିଛି ତାହା କରିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ମତ ପ୍ରକାଶ ପାଇଛି।

## ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦଘାଟିତ

**ତାଳଚେର, ୨୦।୧୨(ସମିସ):** ତାଳଚେର କଲେଜ୍ ପଡ଼ିଆରେ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦଘାଟିତ ହୋଇଛି। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ମେଳାକୁ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିବା ସହିତ ରାଜ୍ୟ ସରକାର କୃଷକଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେଇଛନ୍ତି ବୋଲି କହିଥିଲେ। କୃଷକମାନେ ଏହି ମେଳାକୁ ଆସି ଏଠାରେ ମିଳୁଥିବା ବିଭିନ୍ନ ସୁଯୋଗ ନେବାକୁ ବିଧାୟକ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କଣିହାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ପାଲଲହଡ଼ା ବିଧାୟକଙ୍କ ପ୍ରତିନିଧି ପ୍ରହଲ୍ଲାଦ ସାମଲ, ତାଳଚେର ବ୍ଲକ ଅଧ୍ୟକ୍ଷା ହେମଲତା ମହାନ୍ତି, ଅନୁଗୋଳ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଦେବାଶିଷ ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ (କୃଷି) ପ୍ରମୋଦ କୁମାର ଦାସ, ତାଳଚେର ବ୍ଲକ କୃଷି ଅଧିକାରୀ ନାରାୟଣ ଚନ୍ଦ୍ର ସାହୁ, କଣିହାଁ ବ୍ଲକ କୃଷି ଅଧିକାରୀ ଅନ୍ନପୂର୍ଣ୍ଣା ବେହେରା, ସହକାରୀ କୃଷି ଅଧିକାରୀ ଅବିନାଶ ନାହାକ ପ୍ରମୁଖ ଯୋଗଦେଇଥିଲେ। ତାଳଚେର କୃଷି ଜିଲ୍ଲା ଅଧିକାରୀ ଦିଲୀପ କୁମାର ମିଶ୍ର ମଞ୍ଚ ପରିଚାଳନା ଓ ଧନ୍ୟବାଦ ପ୍ରଦାନ କରିଥିଲେ। କଣିହାଁ କୃଷି ଅଧିଦର୍ଶକ ସୁନୀଲ କୁମାର ଶତପଥୀ, କୃଷି କର୍ମଚାରୀ ମାନଗୋବିନ୍ଦ ସାହୁ, ଅଶୋକ କୁମାର ମହାନ୍ତି, ପ୍ରଜ୍ଞାପରମିତା ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଏହି ମେଳା ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ।



## ଗୋପବନ୍ଧୁ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ



**ଖମାର, ୨୦।୧୨(ସମିସ):** ଖମାର ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟରେ ଯୁକ୍ତ ୩ ପଦାର୍ଥ ବିଜ୍ଞାନ ବିଭାଗର ପ୍ରଥମବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଝସକେତନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଭାଗୀୟ ମୁଖ୍ୟ ଜୟଦେବ ବିଶ୍ୱାଳ, ପ୍ରିୟମ୍ବଦା ସାହୁ, ମଞ୍ଜେଶକର ପ୍ରଧାନ ଉପସ୍ଥିତ ଥିଲେ। ସ୍ୱାଗତସମ୍ବର୍ଦ୍ଧନା ସଭାକୁ ପଦାର୍ଥ ବିଜ୍ଞାନର ଦ୍ୱିତୀୟ ବର୍ଷର ଛାତ୍ରୀ କିରଣବାଳା ପ୍ରଧାନ ପରିଚାଳନା କରୁଥିଲେ। ଶର୍ମିଷ୍ଠା ମହାନ୍ତି, ସୁଚିତ୍ରା ପ୍ରଧାନ, ପ୍ରାଚୀ ପ୍ରଜ୍ଞା ବିଶ୍ୱାଳ, ସୁନୀଲ ସାହୁ, ଚନ୍ଦ୍ର ସାମଲ, ସମୀର ସାହୁ, ଶୁଭମ୍ ରାଉତ, ସୋନାଲି ସାହୁ, ସୁବ୍ରତ ମହାନ୍ତି, ତନା ମହାକୁଳ, ପ୍ରିୟାଂଶୁ ସାହୁ, ପ୍ରୀତି ସାହୁ, ଅର୍ଚ୍ଚିତା ପ୍ରଧାନ, ମଧୁସ୍ମିତା ବଶତରା, ସତ୍ୟରଞ୍ଜନ ନାୟକ, ଶ୍ରୁତିରଞ୍ଜନ ବେହେରା, ସଚ୍ଚିଦାନନ୍ଦ ଗଡ଼ନାୟକ ସହଯୋଗ କରିଥିଲେ। ଡିଲେଶ୍ୱରି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକସ୍ତରୀୟ ୱାଟରସେଡ୍ ମହୋତ୍ସବ

**ପାଲଲହଡ଼ା, ୨୦।୧୨(ସମିସ):** ବ୍ଲକସ୍ତରୀୟ ୱାଟରସେଡ ମହୋତ୍ସବ ପାଲଲହଡ଼ା ଉପଖଣ୍ଡ ହାତୀବିନ୍ଧା ଗ୍ରାମରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ପାଲଲହଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାଏକ, ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ଲିଙ୍ଗରାଜ ଦାଶ, ବିଧାୟକ ପ୍ରତିନିଧି ତନ୍ମୟ କୁମାର ସାହୁ, କ୍ଷେମାଳା ସରପଞ୍ଚ ଦେବରାଜ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଏକ ଜଳ ଅମଳ ପ୍ରକଳ୍ପର ଉଦଘାଟନ କରାଯାଇଥିଲା। ବିଭିନ୍ନ ପ୍ରକଳ୍ପର ଭୂମିପୂଜନ, ଚାରାରୋପଣ, ଶ୍ରମଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲୋକଙ୍କୁ ଜଳବିଭାଜିକା କାର୍ଯ୍ୟକ୍ରମ ଉପରେ ସଚେତନ କରାଯିବା ସହ ସହଯୋଗ ଓ ସହଭାଗିତାରେ କିପରି ପ୍ରଧାନମନ୍ତ୍ରୀ କୃଷି ସିଞ୍ଚନ ଯୋଜନା ସମ୍ପାଦିତ ହୋଇପାରିବ ସେ ଉପରେ ଆଲୋଚନା ହୋଇଥିଲା। ସାମାଜିକ ଗଣମାଧ୍ୟମ ପ୍ରତିଯୋଗିତା ଦ୍ୱାରା ୱାଟରସେଡ ପ୍ରକଳ୍ପର ପ୍ରଚାରପ୍ରସାର କରିବା ପାଇଁ ଯୁବପିଢ଼ିକୁ ଅତିଥି ଓ ବିଭାଗୀୟ ଅଧିକାରୀ ଉତ୍ସାହିତ କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ଜୟଶଙ୍କର ପ୍ରଧାନଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ସୁମିତ୍ ସାହୁ, ସହକାରୀ କୃଷି ଯନ୍ତ୍ରୀ ନମ୍ରତା ଖାଡ଼ିଆ, ମତ୍ସ୍ୟ ଅଧିକାରୀ ଆକାଶ ନାୟକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।



**କଣିହାଁ:** କଣିହାଁ ବ୍ଲକ ବିରୁ ପଞ୍ଚାୟତ ବୁଲାଝରଠାରେ ଶୁକ୍ରବାର ୱାଟରସେଡ ମହୋତ୍ସବ ଅନୁଷ୍ଠିତ ହୋଇଛି। ଅନୁଗୋଳ ଜିଲ୍ଲା ଜଳବିଭାଜିକାର ପ୍ରକଳ୍ପ ନିର୍ଦ୍ଦେଶକ ଜୟଶଙ୍କର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ଯୋଗଦେଇଥିଲେ। ଏହି ଅବସରରେ ଏକ ଜଳଅମଳ ପ୍ରକଳ୍ପ ଲୋକାର୍ପଣ, ଚେକଡ୍ୟାମ କାର୍ଯ୍ୟର ଭୂମିପୂଜନ, ଶ୍ରମଦାନ, ଚାରାରୋପଣ ଆଦି କାର୍ଯ୍ୟକ୍ରମ ହୋଇଥିଲା। ଜଳ ଓ ମୃତ୍ତିକା ସଂରକ୍ଷଣ କରି ବୈଜ୍ଞାନିକ ପଦ୍ଧତିରେ ଚାଷ କରି ସ୍ୱାବଲମ୍ବୀ ହେବାକୁ ବିଧାୟକ ମାର୍ଗଦର୍ଶନ କରିଥିଲେ।




## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦଯାପିତ

**କିଶୋରନଗର, ୨୦।୧୨(ସମିସ):** ପିଏମଶ୍ରୀ କିଶୋରନଗର ଉଚ୍ଚ ବିଦ୍ୟାଳୟର ୫୪ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ଅଶୋକ କୁମାର ପ୍ରଧାନ ସାଧୁପାଳ ଶିବମନ୍ଦିରରୁ ଆସିଥିବା ମଶାଲ ସ୍ଥାପନ କରି ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସେନା କର୍ମଚାରୀ ପ୍ରଶାନ୍ତ କୁମାର ପ୍ରଧାନ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ରାଜେନ୍ଦ୍ର ଦେହୁରୀ ଓ ଚିତ୍ତରଞ୍ଜନ ପ୍ରଧାନ ଉପସ୍ଥିତ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କିଶୋରନଗର ବିଡିଓ ସୁବ୍ରତ କୁମାର ବେହେରା, ସମ୍ମାନିତ ଅତିଥି ରୂପେ ଡ. ଅଲେଖ କୁମାର ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ପ୍ରଧାନ ଓ ଅବସରପ୍ରାପ୍ତ ସେନା ଅଧିକାରୀ ପ୍ରଫୁଲ୍ଲ କୁମାର ପ୍ରଧାନ ଯୋଗଦେଇଥିଲେ। କ୍ରୀଡ଼ା ଜୀବନର ଅଙ୍ଗ। ଶରୀର ଓ ମନ ଉପରେ କ୍ରୀଡ଼ାର ସକାରାତ୍ମକ ପ୍ରଭାବ ପଡ଼ିଥାଏ ବୋଲି ଅତିଥିମାନେ କହିଥିଲେ। ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ବେଦମନ୍ତ୍ର ପାଠ କରିଥିଲେ। ଶିକ୍ଷୟିତ୍ରୀ ଚିନ୍ମୟୀ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଭୈରବ ଦେହୁରୀ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ବିନାୟକ ଦେହୁରୀ ଓ ଶିକ୍ଷୟିତ୍ରୀ ପ୍ରମୋଦିନୀ ପ୍ରଧାନ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସୋମାଞ୍ଜଳି ସାହୁ, ମଞ୍ଜୁ କୁଅଁର, ପଙ୍କଜିନୀ ସାହୁ, ପ୍ରିୟଙ୍କା ସାହୁ, ଶୁଭଲକ୍ଷ୍ମୀ ସାହୁ, ଜାଗ୍ରତ ସ୍ୱାଇଁ, ହେମନ୍ତ ପ୍ରଧାନ, ଭରତ ସେଠୀ, ହରପ୍ରିୟା ମାଝୀ, ସନ୍ତୋଷିନୀ ମାଝୀ, ସତ୍ୟକାମ ପ୍ରଧାନ, ତୁଳସୀ ନାଏକ, ସଂଗ୍ରାମ କେଶରୀ ନାଏକ ସହଯୋଗ କରିଥିଲେ। ବାଳକ ବରିଷ୍ଠ ବର୍ଗରେ ମନିଷରାଜ ସ୍ୱାଇଁ, ବାଳିକା ବରିଷ୍ଠରେ ସୁଭଦ୍ରା ମହାନ୍ତି, ବାଳକ କନିଷ୍ଠରେ ତନବୀର ସାହୁ ଓ ବାଳିକା କନିଷ୍ଠରେ ପ୍ରିୟା ରାୟ ଚାମ୍ପିଅନ ହୋଇ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଶିକ୍ଷକ ପ୍ରସନ୍ନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



**● ଏକ ଦିବାସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ**

## ନୁଥୁରୀପଶି ଚାମ୍ପିଅନ୍; ମହିଳାରେ ରାଉରକେଲା ବିଜୟୀ

**ଖମାର, ୨୦।୧୨(ସମିସ):** ପାଲଲହଡ଼ା ବ୍ଲକ ମୁଣ୍ଡରୀବେଡ଼ା ବିଶ୍ୱଜନନୀ କ୍ଲବ୍ ପକ୍ଷରୁ ୪ ଦଳକୁ ନେଇ ଏକଦିବସୀୟ ମୁଣ୍ଡରୀବେଡ଼ା କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ଫାଇନାଲ୍ ମ୍ୟାଚରେ ନୁଥୁରୀପଶି ଏକାଦଶ ରେଙ୍ଗାଳମୁଣ୍ଡା ଏକାଦଶକୁ ୧-୦ ଗୋଲରେ ପରାସ୍ତ କରି ଚାମ୍ପିଅନ ହୋଇଛି। ଟିକେଶ୍ୱର ବେହେରା, ଲକ୍ଷ୍ମଣ ଖିଲାର, କୁମାର ସାହୁ ଓ ଅଖିଳାନନ୍ଦ ପ୍ରଧାନ ଖେଳ ପରିଚାଳନା କରିଥିଲେ। ଏହାବ୍ୟତୀତ ରାଉରକେଲା ବାଳିକା ଏକାଦଶ ଓ ଝାରସୁଗୁଡ଼ା ବାଳିକା ଏକାଦଶ ମଧ୍ୟରେ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଟାଇବ୍ରେକର୍‌ରେ ରାଉରକେଲା ବାଳିକା ଏକାଦଶ ବିଜୟୀ ହୋଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସାମ୍ବାଦିକ ଖଗେଶ୍ୱର ପିଙ୍ଗୁଆ, ଭୀଷ୍ମ କୁମାର ଗଡ଼ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜଗଦୀଶେଶ୍ୱର ସାହୁ, ଡିଲେଶ୍ୱର ବେହେରାଙ୍କ ସମେତ ବିଶ୍ୱଜନନୀ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ।




## ଶ୍ରେଣୀକକ୍ଷ ଶିକ୍ଷଣ ଶିକ୍ଷାଦାନ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା

ଅନୁଗୋଳ, ୨୦।୧୨(ସମିସ)

ସ୍ଥାନୀୟ ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଦୁଇଦିନିଆ ଅନ୍ତର୍ନିବେଶୀ ଶ୍ରେଣୀକକ୍ଷ ଶିକ୍ଷଣ ଶିକ୍ଷାଦାନ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଉଦଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଲୋପମୁଦ୍ରା ପଟ୍ଟନାୟକ, ଅନ୍ତର୍ନିବେଶି ଶିକ୍ଷା ସଂଯୋଜକ ବିଜୟ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟଅତିଥି ସାହୁ ଅଂଶଗ୍ରହଣକାରୀ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଜାତୀୟ ଶିକ୍ଷାନୀତି-୨୦୨୦ ଅନ୍ତର୍ଗତ ସାର୍ବଜନୀନ ଶିକ୍ଷଣ ଢାଞ୍ଚାର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ସର୍ବନିମ୍ନ ସୁବିଧା ସୁଯୋଗ ଯୋଗାଇଦେଇ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଏହି କର୍ମଶାଳା ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ପଟ୍ଟନାୟକ ଅଂଶଗ୍ରହଣକାରୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ବିଷୟଭିତ୍ତିକ ଶିକ୍ଷଣ ସାମଗ୍ରୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ବ୍ୟବହାର ଯୋଗ୍ୟ ହୋଇଥିବାରୁ ସମସ୍ତଙ୍କୁ ପ୍ରଶଂସା କରିଥିଲେ।



ଏହି ଅବସରରେ ଅନ୍ତର୍ନିବେଶୀ ଶିକ୍ଷାକୁ ସୁଦୃଢ଼ କରିବା, ଅନ୍ତର୍ନିବେଶୀ ଶ୍ରେଣୀକକ୍ଷରେ ସବୁ ବର୍ଗର ଶିକ୍ଷାର୍ଥୀଙ୍କୁ ସମାନ ଶିକ୍ଷଣ ଅନୁଭୂତି ପ୍ରଦାନ, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ନିମନ୍ତେ ଆବଶ୍ୟକ ହେଉଥିବା ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କରାଯାଇଥିଲା। କାର୍ଯ୍ୟକ୍ରମ ଅନ୍ତର୍ଗତ ଶ୍ରବଣଗତ, ଦୃଷ୍ଟିଗତ, ଶାରୀରିକ, ବୌଦ୍ଧିକ ଅନଗ୍ରସର, ଭାଷା ସମସ୍ୟା ଥିବା ଶିଶୁମାନଙ୍କ ପାଇଁ ଉପଯୁକ୍ତ ଟିଏଲ୍‌ଏମ୍ ପ୍ରସ୍ତୁତି, ବ୍ୟବହାର ଓ ଅନୁକୂଳନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୮ ବ୍ଲକରୁ ୪୧ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଓ ଗୋଷ୍ଠୀ ସାଧନକର୍ମୀ ତାଲିମ ଗ୍ରହଣ କରିଛନ୍ତି। ରାଜ୍ୟସ୍ତରୀୟ ସାଧନକର୍ମୀ ଅଧ୍ୟାପିକା ଡ. ସ୍ୱର୍ଣ୍ଣଲତା ପଣ୍ଡା, ତାଳଚେର ଲାଙ୍ଗିଜୋଡ଼ା ଶ୍ରୀଜଗନ୍ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଯୁଧିଷ୍ଠିର ସାହୁ, ଅନୁଗୋଳ ବ୍ଲକର ଗୋଷ୍ଠୀ ସାଧନକର୍ମୀ ରଘୁନାଥ ବାରିକ, ଫୁଲପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କଳା ଶିକ୍ଷକ ସରୋଜକାନ୍ତ ସାହୁ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଜିଲ୍ଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ବିଜୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନୂଆ ଭୁବନ ସ୍କୁଲର ବାର୍ଷିକ ଉତ୍ସବ



ଭୁବନ,୨୦।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ଏନ୍ଏସି ଅନ୍ତର୍ଗତ ୱାର୍ଡ ନମ୍ବର ୨ ନୂଆ ଭୁବନ ସ୍କୁଲର ବାର୍ଷିକ ଉତ୍ସବ ଉଦଘାଟିତ ହୋଇଛି। ଅଧ୍ୟକ୍ଷା ମାନିନୀ ସାହୁ ଏହାକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଡିଓ ଆୟୁଷୀ ମହାପାତ୍ର, ସମ୍ମାନିତ ଅତିଥି ଭାବେ ବିଇଓ ମିନତୀ ଦେହୁରୀ, ବାଜି ରାଉତ ସ୍ମୃତି ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଭାସ କୁମାର ଆଚାର୍ଯ୍ୟ, ଏବିଡିଓ ଦୁଷ୍ମନ୍ତ ମିଶ୍ର, ସୁମତି ପଧାନ ଯୋଗଦେଇଥିଲେ। ସଭାପତି ବିପିନ ବିହାରୀ ସେଠୀ ଅତିଥି ପରିଚୟ ପ୍ରଦାନ ଓ ପ୍ରଧାନଶିକ୍ଷକ ଖଗେଶ୍ୱର ବେହେରା ବିବରଣୀ ପାଠ କରିଥିଲେ। ଅମରେଶ ଦାସ ମଞ୍ଚ ପରିଚାଳନା କରିଥିଲେ। ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବିଧାୟକ ଶତ୍ରୁଘ୍ନ ଜେନା, ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଆଇଚ, ପ୍ରଧାନଶିକ୍ଷକ ଗଣେଶ୍ୱର ଦାସ ଯୋଗଦେଇଥିଲେ। ଆଲୁମ୍ନି କମିଟି ସଭାପତି ଅମ୍ବୁଜ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ବିଦ୍ୟୁତ ସ୍ପର୍ଶରେ ହାତୀ ଶାବକ ମୃତ

ଖଜୁରିଆକଟା,୨୦।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଗଦାଶିଳା ସେକ୍ସନ ମହାଦିଆ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଏକ ହାତୀ ଶାବକର ମୃତ୍ୟୁ ହୋଇଛି। ହାତୀ ପଲ ଧାନ ଫସଲ ଖାଇବା ଉଦ୍ଦେଶ୍ୟରେ ମଠରଗଡ଼ି ଜଙ୍ଗଲରୁ ବାହାରି ବିଲମାଳିଆକୁ ଯିବା ସମୟରେ ମହାଦିଆ ଗ୍ରାମରେ ଫସଲ ରକ୍ଷା ପାଇଁ ଚାଷୀ ଜମି ଚାରିପଟେ ଦେଇଥିବା ସୋଲାର ତାରବାଡ଼ରେ ଏକ ଛୁଆହାତୀ ଲାଗିଯାଇଥିଲା। ଘଟଣାସ୍ଥଳରେ ତା'ର ମୃତ୍ୟୁ ଘଟିଛି। ଏହି ସୋଲାର ତାରବାଡ଼ ସହ ବିଦ୍ୟୁତ ସଂଯୋଗ ହୋଇଥିବା କିମ୍ବା ହାଇ ଭୋଲଟେଜ୍ ଯୋଗୁଁ ହାତୀଛୁଆ ମରିଥିବା ସନ୍ଦେହ କରାଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି।

### ବନବିଭାଗ ପକ୍ଷରୁ ଖୋଳତାଡ଼

ଅନ୍ୟପଟେ ମା' ହାତୀ ଶାବକକୁ କିଛି ସମୟ ଜଗି ରହିବା ପରେ ନିଜ ଗୋଡ଼ରେ ତାକୁ ଠେଲି ଠେଲି ମହାଦିଆ ଆମ୍ବତୋଟା ଆଡ଼କୁ ନେଇଥିଲା। ସେଠାରେ ତାକୁ ଛାଡ଼ି କୌଣସି ସ୍ଥାନରେ ଛପି ରହିଥିବା ଜଣାପଡ଼ିଥିଲା।



ଘଟଣାସ୍ଥଳରେ ବନ କର୍ମଚାରୀମାନେ ପହଞ୍ଚି ମା' ହାତୀର ଗତିବିଧି ନିରୀକ୍ଷଣ କରିଥିଲେ। ଅପରାହ୍ନରେ ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁମିତ କରଙ୍କ ସହ ଅନ୍ୟ ଅଧିକାରୀ ପହଞ୍ଚି ତଦନ୍ତ କରିଥିଲେ। ହାତୀ ଶାବକର ମୃତଦେହ ବ୍ୟବଚ୍ଛେଦ କରି ସେହିଠାରେ ପୋତି ଦିଆଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନଖଣ୍ଡ ଅଧିକାରୀ କହିଛନ୍ତି। ହାତୀ ମଣିଷ ଲଢ଼େଇରେ ଅନେକ ଧନଜୀବନ ନଷ୍ଟ ହେଉଥିଲେ ମଧ୍ୟ ବନ ବିଭାଗ କିମ୍ବା ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ବାଲ୍ୟବିବାହ ସଚେତନତା କାର୍ଯ୍ୟକ୍ରମ

କଙ୍କଡ଼ାହାଡ଼,୨୦।୧୨(ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ବାଲିକୁମା ପଞ୍ଚାୟତ କୋଇସ୍ଥିତ ପଲ୍ଲୀବିକାଶ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଯୁବକେନ୍ଦ୍ର ଅନୁଗୋଳ ପକ୍ଷରୁ ବାଲ୍ୟ ବିବାହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବାଲ୍ୟବିବାହ, ଶିଶୁ ଚାଲାଣ, ଶିଶୁ ଯୌନ ନିର୍ଯାତନାକୁ ସମାଜରୁ ବନ୍ଦ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଆଭାର ରାକେଶ ମିଶ୍ର ବାଲ୍ୟ ବିବାହର କୁପରିଣାମ ବିଷୟରେ ସୂଚନା ଦେଇଥିଲେ। ବିଶ୍ୱ ଯୁବକେନ୍ଦ୍ରର ମନିଷା ସ୍ୱାଇଁ ଓ ପୂର୍ଣ୍ଣିମା ସାହୁ ସହଯୋଗ କରିଥିଲେ।

## ଗଁଦିଆ ବ୍ଲକରେ ସୋମବାର ଜନଶୁଣାଣି

ଢେଙ୍କାନାଳ,୨୦।୧୨(ସମିସ): ଆସନ୍ତା ସୋମବାର ଡିସେମ୍ବର ୨୨ ତାରିଖ ଗନ୍ଦିଆ ବ୍ଲକ କାର୍ଯ୍ୟାଳୟରେ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ଶିବିରରେ ଜିଲ୍ଲାପାଳ, ଏସ୍‌ପି ଓ ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣାଣି କରିବେ। ଅଞ୍ଚଳବାସୀ ଏଥିରେ ଯୋଗଦେଇ ପଞ୍ଜିକରଣ କରିବା ସହ ଅଭିଯୋଗ କରିପାରିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

● କେନ୍ଦୁପତ୍ର ତୋଳାଳି ଓ ସିଜିନାଲ କର୍ମଚାରୀଙ୍କ ବୈଠକ

## ଦାବି ପୂରଣ ନ ହେଲେ ବଡ଼ ଆନ୍ଦୋଳନ

ହିନ୍ଦୋଳ,୨୦।୧୨(ସମିସ): ଅନୁଗୋଳ ଡିଭିଜନ ରଙ୍ଗାଗୋଳ ରେଞ୍ଜ ରାସୋଳରେ ବିଡବ୍ଲ୍ୟୁଆଇ ସହାୟତାରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଆଲୋଚନା ସଭା ସଂଘ ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ଶତାଧିକ କେନ୍ଦୁପତ୍ର ତୋଳାଳି, ସିଜିନାଲ କର୍ମଚାରୀ ଓ ବନ୍ଧେଇ ଶ୍ରମିକ ଯୋଗଦେଇଥିଲେ। ତୋଳାଳି, କର୍ମଚାରୀ ଓ ଶ୍ରମିକଙ୍କ ବିଭିନ୍ନ ଦାବି ଉପରେ ଆଲୋଚନା କରାଯାଇଥିଲା। ଦାବି ପୂରଣରେ ସରକାର ଅହେତୁକ ବିଳମ୍ବ କରୁଥିବା ଅଭିଯୋଗ ହୋଇଥିଲା। କେନ୍ଦୁପତ୍ର କେରି ପ୍ରତି ଦର ବୃଦ୍ଧି, ସିଜିନାଲ କର୍ମଚାରୀଙ୍କ ସର୍ବନିମ୍ନ ମଜୁରି ଅନୁପାତରେ ମାସିକ ମଜୁରି ବୃଦ୍ଧି, ବନ୍ଧେଇ ଶ୍ରମିକଙ୍କ ବଣ୍ଡଲ ପ୍ରତି ମଜୁରି ବୃଦ୍ଧି ଏବଂ ବନୋସ ପରିମାଣ ବୃଦ୍ଧି କରିବାକୁ ଦାବି ରହିଛି। ସରକାର ଆସନ୍ତା ଜାନୁଆରୀ ଶେଷ ସୁଦ୍ଧା ଦାବି ପୂରଣ ନ କଲେ ସଂଘ ପକ୍ଷରୁ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ରାଜ୍ୟ ସଭାପତି ମହାନ୍ତି ଚେତାବନୀ ଦେଇଛନ୍ତି।

## ଲଦାଗଡ଼ରେ ବିଶ୍ୱଶାନ୍ତି ମହାଯଜ୍ଞ

ଖଜୁରିଆକଟା,୨୦।୧୨(ସମିସ): ହିନ୍ଦୋଳ ଉପଖଣ୍ଡ କାରନ୍ଦା ପଞ୍ଚାୟତ କାରନ୍ଦା ଓ ଠୋକର ଗ୍ରାମ ମଧ୍ୟସ୍ଥ ୨୧ ଏକର ବିଶିଷ୍ଟ ଏକ ପ୍ରସ୍ତର ଉପରେ ସିଦ୍ଧେଶ୍ୱର (ଲଦାଗଡ଼) ପୀଠରେ ୪୧ତମ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି। ୧୯ ତାରିଖରୁ ଆରମ୍ଭ ହୋଇଥିବା ଏହି ଯଜ୍ଞରେ ୨୨ ତାରିଖ ପୂର୍ଣ୍ଣାହୁତି ପ୍ରଦାନ କରାଯିବ। ୧୧୩ ମହିଳା ଠୋକର ଗ୍ରାମ ଜଳାଶୟରୁ କଳସରେ ଜଳ ସଂଗ୍ରହ କରି ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଯଜ୍ଞମଣ୍ଡପ ନିକଟରେ ସ୍ଥାପନ କରିଥିଲେ। ପଣ୍ଡିତ ଅଶୋକ ପଣ୍ଡା ଓ କାମଦେବ ପଣ୍ଡାଙ୍କ ପୌରୋହିତ୍ୟରେ ପୂଜାର୍ଚ୍ଚନା ଚାଲିଥିବା ବେଳେ ପ୍ରଦୀପ ସାମଲ ଓ ତାଙ୍କ ସ୍ତ୍ରୀ ସସ୍ମିତା ସାମଲ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ମଠର ମହନ୍ତ ପ୍ରଭୁପାଦ ଦାସ, ସେବକ ସୁରାମ ଦାସଙ୍କ ତତ୍ତ୍ୱାବଧାନରେ ଶାନ୍ତି ଅନୁଷ୍ଠିତ ହେଉଛି। କମିଟି ଉପ ସମ୍ପାଦକ ସରୋଜ ସାମଲ, କୋଷାଧ୍ୟକ୍ଷ ପ୍ରଭାସ ଗଡ଼ନାୟକ, ସ୍ଥାନୀୟ ସରପଞ୍ଚ ଦୁଷ୍ମନ୍ତ ନାଏକଙ୍କ ସମେତ କମିଟି ସଦସ୍ୟ ସହଯୋଗ କରୁଛନ୍ତି।

## ବ୍ୟାଙ୍କରେ ସୁରକ୍ଷିତ ଜମାରାଶି ନେଇ ସଚେତନତା ଶିବିର

ଢେଙ୍କାନାଳ,୨୦।୧୨(ସମିସ): ଢେଙ୍କାନାଳ ଗୋପବନ୍ଧୁ ଟାଉନ ହଲ୍‌ରେ 'ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର' ଶୀର୍ଷକ ସଚେତନତା ଶିବିର ୟୁକୋ ବ୍ୟାଙ୍କ ଅଗ୍ରଣୀ ବ୍ୟାଙ୍କ ଢେଙ୍କାନାଳ ଦ୍ୱାରା ଅନୁଷ୍ଠିତ ହୋଇଛି। ଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଏସଏଲବିସି ଇନଚାର୍ଜ ଲିଙ୍ଗରାଜ ନାୟକ, ଏଲଡିଓ, ଆରବିଆଇ ସୌସୁମୀ ସାଓ, ୟୁକୋ ବ୍ୟାଙ୍କ କଟକର ଉପ-ଆଞ୍ଚଳିକ ପରିଚାଳକ ବିଭୂତି ଭୂଷଣ ବେହେରା ଯୋଗଦେଇ ଦାବିହୀନ ଖାତାର ଅର୍ଥରାଶି ପ୍ରଦାନ ସହ ବ୍ୟାଙ୍କଗୁଡ଼ିକରେ ଦାବିହୀନ ଖାତା ସମ୍ବନ୍ଧରେ ସୂଚନା ଦେଇଥିଲେ। ଏହି ଅବସରରେ ଆପଣଙ୍କ ପୁଞ୍ଜି, ଆପଣଙ୍କ ଅଧିକାର ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଶିବିରରେ ୟୁକୋ ବ୍ୟାଙ୍କ କର୍ମଚାରୀ ଭାସ୍କରଜ୍ୟୋତି ମାଳି ଓ ସୁବ୍ରତ ପ୍ରଧାନଙ୍କ ସମେତ ବୀମା କମ୍ପାନୀ ଅଧିକାରୀମାନେ ଉପସ୍ଥିତ ଥିଲେ। ୨୫୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିଲେ। ଅଗ୍ରଣୀ ବ୍ୟାଙ୍କ ଅଧିକାରୀ ଦେବାଶିଷ କୁଣ୍ଡୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସାପ୍ତାହିକ ହାଟ ଖୋଲିବାକୁ ଜିଲ୍ଲାପାଳଙ୍କୁ ପ୍ରସ୍ତାବ

ହିନ୍ଦୋଳ,୨୦।୧୨(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ନିମବାହାଲିଠାରେ ନୂତନ ସାପ୍ତାହିକ ହାଟ ସ୍ଥାପନ କରିବା ପାଇଁ ଆଞ୍ଚଳିକ ଉନ୍ନୟନ ମହାସଂଘ ପକ୍ଷରୁ ଜିଲ୍ଲାପାଳ, ହିନ୍ଦୋଳ ବିଧାୟିକା, ହିନ୍ଦୋଳ ଉପଜିଲ୍ଲାପାଳ, ତହସିଲଦାର, ବିଡିଓ, ନିୟନ୍ତ୍ରିତ ବଜାର କମିଟି ଓ ବାଲିମି ଥାନା ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ପ୍ରସ୍ତାବ ଦିଆଯାଇଛି। ଆଞ୍ଚଳିକ ଉନ୍ନୟନ ମହାସଂଘ ସମ୍ପାଦକ ଯଶୋବନ୍ତ ରଣଜିତ ରାୟଙ୍କ ଦ୍ୱାରା ଲିଖିତ ଏହି ପତ୍ର ମୁତାବକ ନିମବାହାଲି ଗ୍ରାମ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟରେ ଏକ ସାପ୍ତାହିକ ହାଟ ସ୍ଥାପନ କରାଗଲେ ପାରିପାର୍ଶ୍ୱିକ ଅଞ୍ଚଳରେ ଥିବା ଗ୍ରାମବାସୀ ସମେତ କଳକାରଖାନାରେ କାର୍ଯ୍ୟରତ ଶ୍ରମିକ, କର୍ମଚାରୀ ଉପକୃତ ହେବେ। ଏଥିସହ ଅଞ୍ଚଳର ଚାଷୀ ତାଙ୍କ ଉତ୍ପାଦିତ ପନିପରିବା ବିକ୍ରି କରି ପ୍ରତ୍ୟକ୍ଷ ଭାବେ ଉପକୃତ ହେବେ। ପାରିପାର୍ଶ୍ୱିକ ଅଞ୍ଚଳରେ ବୁଧବାର ଓ ଶନିବାର ହାଟ ହେଉଥିବାରୁ ଏହି ନୂତନ ସାପ୍ତାହିକ ହାଟ ରବିବାର ଦିନକୁ କରିବା ପାଇଁ ପ୍ରସ୍ତାବ ରଖାଯାଇଛି।

## ଭାଲୁ ଆକ୍ରମଣରେ ବାଳକ ଗୁରୁତର



ଭୁବନ,୨୦।୧୨(ସମିସ): ଭାଲୁ ଆକ୍ରମଣରେ ଭୁବନ ବନାଞ୍ଚଳ ମହୁଲପାଳ ବିଟ୍ ଅଧୀନ ଅଁଳାଝରି ଗ୍ରାମର ଅକ୍ଷୟ ବେହେରାଙ୍କ ପୁଅ ରୁଦ୍ର ବେହେରା (୬) ଗୁରୁତର ହୋଇଛନ୍ତି। ରୁଦ୍ର ମା'ଙ୍କ ସହ ଶୌଚ ପାଇଁ ଯାଇଥିବା ବେଳେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ପରିବାର ଲୋକେ ତାଙ୍କୁ ନିକଟସ୍ଥ ସୁକିନ୍ଦା ଡାକ୍ତରଖାନା ନେଇଥିଲେ। ତେବେ ସ୍ୱାସ୍ଥ୍ୟାବସ୍ଥା ଗୁରତର ଥିବାରୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ରୁଦ୍ର ପ୍ରଥମ ଶ୍ରେଣୀରେ ପାଠ ପଢ଼ନ୍ତି। ଅଧିକ ଚିକିତ୍ସା ଯୋଗାଇ ଦେବାକୁ ପୂର୍ବତନ ସରପଞ୍ଚ ଅଶୋକ ଦଣ୍ଡ ଦାବି କରିଛନ୍ତି।

## ସେଣ୍ଟ୍ରାଲ୍ ବ୍ୟାଙ୍କକୁ ୭୫ହଜାର ଟଙ୍କା କ୍ଷତିପୂରଣ ନିର୍ଦ୍ଦେଶ

ଢେଙ୍କାନାଳ,୨୦।୧୨(ସମିସ): ଢେଙ୍କାନାଳ ସହର ବନମାଳୀପ୍ରସାଦ ଅଞ୍ଚଳର ସ୍ଥାୟୀ ବାସିନ୍ଦା ଦମୟନ୍ତୀ ମୁଳିଆଙ୍କ ଘରକୁ ଯାଇ ଋଣ ଖିଲାପି ଅଭିଯୋଗ ପୂର୍ବକ ତାଙ୍କୁ ଘରୁ ବାହାରିଯିବା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ ସଶସ୍ତ୍ର ପୁଲିସବଳ ନେଇ ୨୦୨୧ ସେପ୍ଟେମ୍ବର ୬ ତାରିଖ ଅପରାହ୍ନ ୩ଟାରେ ପହଞ୍ଚିଥିଲେ। ପ୍ରତିବାଦ କରିବାରୁ ମୁଳିଆ ଦମ୍ପତି ଅଶାଳୀନ ବ୍ୟବହାରର ଶିକାର ହୋଇଥିଲେ। ପରେ ଋଣ ଖିଲାପି ଆଉଜଣେ ବ୍ୟକ୍ତି ଯାହାର ଗୃହ ଠିକଣା ଅଲଗା ଥିବା ଜଣାପଡ଼ିଥିଲା। ଏ ନେଇ ଦମୟନ୍ତୀ ଢେଙ୍କାନାଳ ଅତିରିକ୍ତ ସିଭିଲ ଜଜ ସିନିୟର ଡିଭିଜନଙ୍କ ନିକଟରେ ୧କୋଟି ଟଙ୍କାର ମାନହାନି ମାମଲା ଦାୟର କରିଥିଲେ। ଏହାର ବିଚାର କରି କୋର୍ଟ ଦମୟନ୍ତୀଙ୍କୁ ୭୫ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଛନ୍ତି। ଏକମାସ ମଧ୍ୟରେ କ୍ଷତିପୂରଣ ଅର୍ଥ ଜମା ନ କଲେ ବାର୍ଷିକ ୬ ପ୍ରତିଶତ ହାରରେ ପ୍ରଦାନ କରିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

## ଜୁଆଙ୍ଗ ଜନଜାତିଙ୍କ ପାଇଁ 'ଚୁନାବ ପାଠଶାଳା' କାର୍ଯ୍ୟକ୍ରମ



କଙ୍କଡ଼ାହାଡ଼,୨୦।୧୨(ସମିସ): କଙ୍କଡ଼ାହାଡ଼ ବ୍ଲକ ମକୁଆକାଟେଣି ପଞ୍ଚାୟତ ହଳଦୀକୁଣ୍ଡି ଗ୍ରାମରେ ବାସ କରୁଥିବା ଜୁଆଙ୍ଗ ଜନଜାତିଙ୍କ ପାଇଁ ଚୁନାବପାଠଶାଳା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭାରତର ଗଣତାନ୍ତ୍ରିକ ପଦ୍ଧତିରେ ଜୁଆଙ୍ଗ ଜନଜାତିକୁ ନିର୍ବାଚନ ସମ୍ବନ୍ଧରେ ଅବଗତ କରାଇବା, ଭୋଟଦାନ ପ୍ରକ୍ରିୟାରେ ଜୁଆଙ୍ଗ ଜନଜାତିକୁ ସକ୍ରିୟ ଅଂଶଗ୍ରହଣ କରାଇବା, ସ୍ୱତନ୍ତ୍ର ଭୋଟର ସଂଶୋଧନ ତାଲିକାରେ ନୂତନ ଭୋଟରଙ୍କୁ ଅନ୍ତର୍ଭୁକ୍ତ କରାଇବା ପ୍ରକ୍ରିୟା ସମ୍ବନ୍ଧରେ ଅବଗତ ହେବା, ମତଦାନ ହାର ବୃଦ୍ଧି କରାଇବା ଆଦି ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଯୋଗଦେଇ ଜୁଆଙ୍ଗ ଜନଜାତିମାନଙ୍କୁ ମତଦାନ ସମ୍ପର୍କରେ ବିସ୍ତୃତ ଭାବେ ଧାରଣା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଜିଲ୍ଲାପାଳ ଦୀପକ କୁମାର ମିଶ୍ର, ଜୁଆଙ୍ଗ ଜନଜାତି ଉନ୍ନୟନ ଅଧିକାରୀ ଇପ୍ସିତା ନନ୍ଦ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ମକୁଆକାଟେଣି ସରପଞ୍ଚ ଦୀପାମଞ୍ଜରୀ ସାହୁ, ସମାଜସେବୀ ସନାତନ ସାହୁ, ପିଇଓ ଲିନା ସିଂହ, ବିଏଲ ଅପର୍ଣ୍ଣା ପଧାନ, ହଳଦୀକୁଣ୍ଡି ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରୀନା ନାୟକ, ଶିକ୍ଷୟିତ୍ରୀ ମିନତୀ ସାହୁ, ସୁଦୀପ୍ତା ସିଂହ ପ୍ରମୁଖ ଯୋଗଦେଇଥିଲେ।

## ସଦର ବ୍ଲକସ୍ତରୀୟ ଶିଶୁ ଉତ୍ସବ

ଢେଙ୍କାନାଳ,୨୦।୧୨(ସମିସ): ଢେଙ୍କାନାଳ ସଦର ବ୍ଲକ୍ ଓଷ୍ଟା ତରଫରୁ ସ୍ଥାନୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ୪୪ତମ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଛି। ବ୍ଲକ ଓଷ୍ଟା ସଭାପତି ସତ୍ୟବ୍ରତ ପାତ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଭାରପ୍ରାପ୍ତ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଟିସିଏସର ବରିଷ୍ଠ ଇଞ୍ଜିନିୟର ପ୍ରତାପ କୁମାର ବେହେରା ଯୋଗଦେଇ ଛାତ୍ରଛାତ୍ରୀମାନେ ପିତାମାତା, ଶିକ୍ଷକଙ୍କ ପ୍ରତି ଭକ୍ତି ରଖିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ଅଧ୍ୟକ୍ଷ ଅଜୟ କୁମାର ବଳ ଯୋଗଦେଇ ସମୟାନୁବର୍ତ୍ତୀ ହେବା ସହ କଠିନ ପରିଶ୍ରମ କଲେ ଜୀବନର ଲକ୍ଷ୍ୟରେ ପହଞ୍ଚି ପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ଓଷ୍ଟା ସମ୍ପାଦକ ବିଭୂତି ସାମଲ, ଉପଦେଷ୍ଟା ସରୋଜକାନ୍ତ ଦାଶ, ପ୍ରଶାନ୍ତ କୁମାର ଧଳ, ଜିଲ୍ଲା ଉପସଭାପତି ସଙ୍ଗୀତା ବେହେରା, ବ୍ଲକ୍ ସମ୍ପାଦକ ଲିଙ୍ଗରାଜ ବେହେରା, ବିଚାରକ ଭାବେ ପ୍ରେମାନନ୍ଦ ଜେନା, ସୁରେଶ କୁମାର ପ୍ରଧାନ, ରାହାସ ବାବୁ, କିଶୋର ବେହେରା, ପ୍ରଦୀପ ଦାଶ, ଅଭିନବ ବରାଳ, ସଞ୍ଜୁକ୍ତା ଶରଣ ପ୍ରମୁଖ ଯୋଗଦେଇଥିଲେ। ବ୍ଲକସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଆସନ୍ତା ୨୪ ତାରିଖ ମ୍ୟୁନିସିପାଲ୍ ସରକାରୀ ଉଚ୍ଚ ବିଦ୍ୟାଳୟରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଯୋଗଦେବେ।

## ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଗଁଦିଆ,୨୦।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ନୂଆଗଡ଼ସ୍ଥିତ ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ସତ୍ୟାନନ୍ଦ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ, ମୁଖ୍ୟବକ୍ତା ଭାବେ ଯୋଗାଣ ମନ୍ତ୍ରୀଙ୍କ ପ୍ରତିନିଧି ତଥା ପୋରୁହଖୋଜ ସରପଞ୍ଚ ରତିକାନ୍ତ ସାହୁ, ବିଶିଷ୍ଟ ଅତିଥି ଭାବେ ଗଁଦିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ଖଟୁଆ, ସମ୍ମାନିତ ଅତିଥି ଭାବେ ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ବିଜୟ କୁମାର ସାମନ୍ତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରକୃତିବନ୍ଧୁ ହରିହର ସାହୁ, ସ୍ଥାନୀୟ ସରପଞ୍ଚ ସୁଭଦ୍ରା ପୃଷ୍ଟି, ବିଦ୍ୟାଳୟ ଆଲୁମ୍ନି କମିଟି ସଭାପତି ତୁଷାରକାନ୍ତ ବରାଳ, ଭ୍ରମରବର ରାଉତ, ନୂଆଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୁଗଳ କିଶୋର ଦାଶ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଗଣିତ ଶିକ୍ଷକ ଅଭୟ କୁମାର ଶତପଥୀ ଅତିଥି ପରିଚୟ ପ୍ରଦାନ ଓ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ରଶ୍ମିବାଳା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥି ଶିକ୍ଷକ ଡମ୍ବରୁଧର ସାହୁ, ଶିକ୍ଷକ ଅରୁଣ ଧାରୁଆ, ଶିକ୍ଷୟିତ୍ରୀ ଦୀପିକା ପଡ଼ିଆରି, କର୍ମଚାରୀ ଗୋବର୍ଦ୍ଧନ ବେହେରା ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ମନ୍ଦିରରୁ ଦାନବାକ୍ସ ସହ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍

କାମାକ୍ଷାନଗର,୨୦।୧୨(ସମିସ): କାମାକ୍ଷାନଗର ସହର ଅନନ୍ତପୁର ସାହିରେ ଥିବା ରାଧାକୃଷ୍ଣ ମନ୍ଦିରରୁ ଦାନବାକ୍ସ ସହ ଠାକୁରଙ୍କ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ମନ୍ଦିର ଫାଟକ ଭାଙ୍ଗି ଲୁଟପାଟ କରିଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ତିନିରୁ ଚାରିଜଣ ମୁଖାପିନ୍ଧା ଦୁର୍ବୃତ୍ତ ଦେହରେ ଚାଦର ଘୋଡ଼ାଇ ହୋଇ ମନ୍ଦିରରେ ପ୍ରବେଶ କରିଥିଲେ। କିଛି ସମୟ ପରେ ଦୁର୍ବୃତ୍ତମାନେ ମନ୍ଦିର ମୁଖ୍ୟ ଫାଟକ ତାଲା ଭାଙ୍ଗି ସାମ୍ନାରେ ଥିବା ଦାନବାକ୍ସ ଲୁଟିନେଇଥିଲେ। ସେହିପରି କୃଷ୍ଣଙ୍କ ରୁପା ବଂଶୀ, ରାଧାଙ୍କ ସୁନା ଖଡୁ ଓ ଅନ୍ୟାନ୍ୟ ଅଳଙ୍କାର ଲୁଟି ନେଇଛନ୍ତି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ସକାଳେ କାମାକ୍ଷାନଗର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଛି। ଦୁର୍ବୃତ୍ତମାନେ ଚୋରି କରୁଥିବା ସମୟର ଦୃଶ୍ୟ ସ୍ଥାନୀୟ କିଛି ଲୋକଙ୍କ ଘରେ ଲାଗିଥିବା ସିସିଟିଭିରେ କଏଦ ହୋଇଛି।




**EASTERN INVESTMENTS LIMITED**

CIN: L65993OR1927GOI034842
Regd. Office: Plot No:255, Pristine Green, Pokhariput, Bhubaneswar-751020

Statement of Standalone & Consolidated Reviewed Financial Results For the Quarter and Half Year Ended 30th Sept' 2025

(Rs.in Lakhs)

| Sl. No. | Particulars | Standalone | | | Consolidated | | |
|---|---|---|---|---|---|---|---|
| | | Half Year Ended | | Year Ended | Half Year Ended | | Year Ended |
| | | 30.09.2025 | 30.09.2024 | 31.03.2025 | 30.09.2025 | 30.09.2024 | 31.03.2025 |
| | | (Reviewed) | | (Audited) | (Reviewed) | | (Audited) |
| 1 | Total Income from Operation(including Other Income) | 35.87 | 72.58 | 44.27 | 9,717.44 | 7,054.61 | 13,405.00 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 6.51 | 29.05 | (44.47) | 792.99 | 526.39 | (4,119.11) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 6.51 | 29.05 | (44.47) | 792.99 | 526.39 | (4,119.11) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (8.06) | 24.91 | (28.91) | 525.30 | 342.30 | (3,518.39) |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | (8.06) | 24.91 | (28.91) | 525.30 | 342.30 | (3,525.52) |
| 6 | Net Profit attributable to Non Controlling Interests | - | - | - | 245.25 | 135.63 | (1,791.41) |
| 7 | Net Profit attributable to Owners of the Company | - | - | - | 280.05 | 206.67 | (1,726.98) |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,538.58 | 26,600.46 | 26,546.64 | (9,129.20) | (7,472.03) | (9,409.25) |
| 10 | Earning per share ( Rs) | | | | . | | |
| | **(i) Basic:** | **(0.56)** | **1.72** | **(2.00)** | **19.74** | **14.56** | **(121.71)** |
| | **(ii) Diluted** | **(0.56)** | **1.72** | **(2.00)** | **19.74** | **14.56** | **(121.71)** |

1. The above results of the Company were approved by the Board of Directors at their respective meetings held on 19.12.2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

**Place:** Visakhapatnam
**Date:** 19th December' 2025


Sd/-
**(A.K.Bagchi)**
Managing Director-EIL


ଡିଆଇଇଟିରେ ଦୁଇଦିନିଆ କର୍ମଶାଳା ଉଦଯାପିତ

# ଅନୁଭୂତିମୂଳକ ଶିକ୍ଷଣର ଆବଶ୍ୟକତା ଉପରେ ଆଲୋଚନା

ଢେଙ୍କାନାଳ,୨୦।୧୨(ସମିସ):

ସ୍ଥାନୀୟ ଡିଆଇଇଟିରେ ଅନୁଭୂତିମୂଳକ ଶିକ୍ଷଣ ଏକବିଂଶ ଶତାବ୍ଦୀର ଆବଶ୍ୟକତା ସମ୍ପର୍କିତ ଦୁଇଦିନିଆ କର୍ମଶଳା ଉଦଯାପିତ ହୋଇଛି। ପିଲାଙ୍କୁ ବହି ପାଠ ଆଉ ଭଲ ଲାଗୁନି। ପାଠକୁ ଘୋଷି ମନେ ରଖିବାର ଆଜି ଆବଶ୍ୟକତା ନାହିଁ। ପୋଥି ବାଇଗଣଠାରୁ ଦୂରେଇ ଯାଇ ବାଡ଼ି ବାଇଗଣ ଆଡ଼କୁ ଆମକୁ ଅଗ୍ରସର ହେବାକୁ ପଡ଼ିବ। ଖେଳ, ନାଚ, ପ୍ରକଳ୍ପ, ସମସ୍ୟା ସମାଧାନ ପରି ଉପାୟଗୁଡ଼ିକୁ ଶିକ୍ଷକ ଆପଣେଇଲେ ପିଲାଙ୍କ ଶିକ୍ଷଣ ଫଳପ୍ରଦ ହେବ ବୋଲି ଉଦଯାପନୀ ଉତ୍ସବରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଶରତ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁଙ୍କ ଅଧ୍ୟକ୍ଷତା ଓ ପ୍ରଶିକ୍ଷିକା ସୌମ୍ୟା ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଯାପନୀ ସଭାରେ ଶିକ୍ଷକ ପ୍ରଶିକ୍ଷିକା ସ୍ନେହଲତା ରାଜ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସେମିନାର ବିଭାଗ ଦାୟିତ୍ୱରେ ଥିବା ପ୍ରଶିକ୍ଷିକା କଲ୍ୟାଣୀ ସାହୁ କର୍ମଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରଥମ ଅଧିବେଶନରେ ପ୍ରଶିକ୍ଷିକା ସ୍ୱାଗତିକା ସ୍ୱାଇଁଙ୍କ ସଂଯୋଜନାରେ ୩ଟି ପେପର ଓ ଦ୍ୱିତୀୟ ଅଧିବେଶନରେ ସ୍ନେହଲତା ରାଜଙ୍କ ସଂଯୋଜନାରେ ୩ଟି ପେପର ଉପସ୍ଥାପିତ ହୋଇଥିଲା। ଫକୀର ମୋହନ ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଡ. ରଞ୍ଜନ କୁମାର ରାଉତ ପେପରଗୁଡ଼ିକୁ ମୂଲ୍ୟାୟନ କରିଥିଲେ। ପରଜଙ୍ଗ ବ୍ଲକ ଡମୋଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରବୀଣ କୁମାର ରାଉଙ୍କ କଳା ସମନ୍ୱିତ ଶିକ୍ଷଣ ମାଧ୍ୟମରେ ଅନୁଭୂତି ଆଧାରିତ ଶିକ୍ଷଣ ଶୀର୍ଷକ ଗବେଷଣାମୂଳକ ନିବନ୍ଧ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଓଡ଼ାପଡ଼ା ବ୍ଲକ ସଦାଶିବପୁର ସିଆରସିସି ଦିପୁନା ପାତ୍ରଙ୍କ ବ୍ୟକ୍ତି ଇତିହାସ ଅଧ୍ୟୟନ ଶୀର୍ଷକ ପେପର ଦ୍ୱିତୀୟ ଓ ପରଜଙ୍ଗ ବ୍ଲକ କୁଆଳୋ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଜ୍ୟୋସ୍ନାମୟୀ ଦାଶଙ୍କ ଖେଳଭିତ୍ତିକ ଶିକ୍ଷଣ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଅଧ୍ୟାପିକା ବିନ୍ଦୁ ବେହୁରିଆ ଧନ୍ୟବାଦ ଅର୍ପଣ କରିଥିଲେ।





# ଠିକଣା



ସୁଚରିତା ବେହେରା

ତା' ସହିତ ଏମିତି ଭେଟ ହେବ ବୋଲି ମୁଁ ଭାବିନଥିଲି । ହୁଏତ ଭ୍ରମ ହୋଇଥାଇପାରେ ଭାବି ବାରମ୍ବାର ତା' ନାଁ ଓ ଠିକଣାକୁ ମେଳ କରୁଥିଲି, କିନ୍ତୁ ମୋ ସବୁ ଆଶଙ୍କାକୁ ମିଛ ପ୍ରମାଣିତ କରି ସେ ସତ ହୋଇ ମୋ' ସାମ୍ନାରେ ଠିଆ ହୋଇଥିଲା । ମୁଁ ତାକୁ ଅଣଦେଖା କରି କିଚେନ୍‌କୁ ଯାଇ କଫି ଆଣିଲି । ଦୁଇ ଜଣ ସାଙ୍ଗ ସହିତ ଫୋନ୍‌ରେ କଥା ହେଲି । ରାତିରେ କେଉଁ ରେଷ୍ଟୁରାଣ୍ଟରୁ ଡିନର୍ ଅର୍ଡର୍ କରିବି ଭାବି ନେଲି । ଅଫିସ୍‌ର କିଛି ବଳକା କାମ ବି କଲି । ତଥାପି ସେ ମୋ' ସହିତ ଥିଲା । ମୁଁ ତାକୁ ଚାଲିଯିବାକୁ କହିବା ସତ୍ତ୍ୱେ ବି ସେ ସେମିତି ଠିଆହୋଇ ରହିଲା । ମୁଁ ପଚାରିଲି "ତୁ କ'ଣ ଚାହୁଁଛୁ ?" ସେ ନିରବ ରହିଲା ।

ମୁଁ ପୁଣି ଥରେ ସେ ସମାନ ପ୍ରଶ୍ନକୁ ଦୋହରାଇଲି । ତଥାପି ସେ ନିରବ ରହିଲା । ମୁଁ ତାକୁ କିଛି ନକହି ବାଲକୋନୀରେ ଆସି ବସିଲି । ଜହ୍ନରାତିର ଜୋସ୍ନା, ତାରାଭର୍ତ୍ତି ଆକାଶ, ମଧୁକାମିନୀ ଫୁଲର ବାସ୍ନା ମତେ ଅମୋଦିତ କରିବା ପରିବର୍ତ୍ତେ ଅଣନିଶ୍ୱାସୀ କରୁଥିଲା । ମୁଁ ଜୋର୍‌ରେ ଚିତ୍କାର କରି କହିଲି "ତୁ କେତେବେଳେ ଏଠୁ ଯିବୁ କହିଲୁ ।" ସେ କହିଲା "ତୁ ମତେ ମୋ ଠିକଣା ଦେଇଦେ, ମୁଁ ଚାଲିଯିବି ।" ଏଥର ମୁଁ ନିରୁତ୍ତର ରହିଲି । ସେ ବି ସେମିତି ଚୁପ୍‌ଚାପ୍ ରହିଲା । କଲିଂବେଲ୍ ଶୁଣି ଡୋର୍ ଖୋଲିଲି । ସେ ସେମିତି ମତେ ବଲ ବଲ କରି ଚାହିଁଥିଲା ।

ଡେଲିଭରି ବୟ ଖାଇବା ଦେଇ କେତେବେଳୁ ଗଲାଣି । ମୁଁ ଥରେ ତାକୁ ଆଉ ଥରେ ଡାଇନିଂ ଟେବୁଲ ଉପରେ ଥୁଆ ହେଇଥିବା ଖାଦ୍ୟକୁ ଦେଖୁଥିଲି । କାହିଁକି କେଜାଣି ହଠାତ୍ ମୋ' ଭୋକ ମରିଗଲା । ମୁଁ କିଛି କରିବାକୁ ଚାହୁଁଥିଲି, କିନ୍ତୁ ଏତେ ରାତିରେ କରିବା ପାଇଁ ମୋ ପାଖରେ କିଛି କାମ ନଥିଲା । ମୁଁ ପୁଣି ଥରେ ତାକୁ ଚାଲି ଯିବାକୁ କହିଲି । କିନ୍ତୁ ସେ ସେମିତି ବସି ରହିଥିଲା ମତେ ଏକ ଲୟରେ ଚାହିଁ ।

ମୁଁ ମନେ ପକେଇବାକୁ ଚେଷ୍ଟା କଲି, ସମୁଦ୍ର କୂଳରେ ବାଲିଘର କରୁକରୁ ହଠାତ୍ ଅନ୍ୟମନସ୍କ ହୋଇ ସେ ଥରେ ମତେ ପଚାରିଥିଲା "ଏଇ ରାସ୍ତାର ଠିକଣା କ'ଣ ?"

ମୁଁ ସାମାନ୍ୟ ହସି କହିଥିଲି, "କହିବି ଖୁବ୍ ଶୀଘ୍ର ।"

ଉଦାସ ଆଖିରେ ସେ ସେଦିନ କହିଥିଲା, "ଦେଖିବୁ, ଯେମିତି ଡେରି ନହୋଇଯାଏ ।" ପରେ ଆମର ଦେଖା ହୋଇନି । ଜାଣିଶୁଣି ନୁହେଁ, ଅଜାଣତରେ । ସେ ବୋଧେ ଆମର ଶେଷ ଦେଖା ଥିଲା । ମୁଁ ଆଉ ପଛକୁ ବୁଲି ଦେଖିନି । ସେ ବି ମତେ ବାଧ କରିନି ଅଟକି ଯିବାକୁ । ତା'ଠୁ ଦୂରେଇ ଯିବା ମୋର ଉଦ୍ଦେଶ୍ୟ ନଥିଲା । କିନ୍ତୁ ନିଜକୁ ପ୍ରମାଣିତ କରିବାର ଦୌଡ଼ରେ କେଉଁଠି ମୁଁ ତା' ହାତ ଛାଡ଼ି ଦେଲି ମନେନାହିଁ । ଏ ଭିତରେ ଦିନ, କେବେ ମାସ ବର୍ଷରେ ପରିଣତ ହେଲା ତା' ବି ମନେ ନାହିଁ । ଏବେ ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି କେମିତି ସେ ମୋ ଦୁନିଆଁରୁ ଅଚାନକ ଅନ୍ତର୍ଦ୍ଧାନ ହୋଇଗଲା । ମୁଁ ମୋ' ରାସ୍ତାରେ ଆଗେଇ ଗଲି, ବହୁତ ଦୂରକୁ । ସେ ବୋଧେ ରହିଗଲା ସେଇଠି, ମତେ ଅପେକ୍ଷା କରି । ଏକ ଅନ୍ତହୀନ ରାସ୍ତାରେ ଚାଲୁ ଚାଲୁ ହଠାତ୍ କେବେ ସ୍ମିତା ମୋ ଜୀବନର ଠିକଣା ପାଲଟି ଗଲା ଆଉ ସେ ଅତୀତ ଭିତରେ ହଜିଗଲା ଭାବିଲେ ଏବେ ସ୍ୱପ୍ନ ପରି ଲାଗୁଛି ।

ହଠାତ୍ କଲିଂ ବେଲ୍ ଶବ୍ଦରେ ନିଦ ଭାଙ୍ଗିଲା ମୋର । କବାଟ ଖୋଲି ଦେଖିଲି ସାମ୍ନାରେ ପ୍ରତ୍ୟୁଷ, ମୋ ସହକର୍ମୀ, ବନ୍ଧୁ । "ଫୋନ୍ କାହିଁକି ରିସିଭ୍ କରୁନ୍ନ, ସବୁ ଠିକ୍ ତ ?" ପ୍ରତ୍ୟୁଷକୁ କୌଣସି ଜବାବ ନଦେଇ ମୁଁ ତାକୁ ଖୋଜୁଥିଲି । କେହି ନଥିଲେ । ସକାଳର ସୂର୍ଯ୍ୟକିରଣ ପରଦା ଦେଇ ମୋ ଡ୍ରଇଂ ରୁମ୍‌ରେ ପଡୁଥିଲା । "ଜାଣିଛୁ, ସମୁଦ୍ର ବେଳାଭୂମିରେ ବାଲି ତଳୁ ଜଣେ ଝିଅର କଙ୍କାଳ ମିଳିଛି । ସନ୍ଧ୍ୟାରେ ଆମେ ଯେଉଁ ଜାଗାରେ ବସୁ... ।" ପ୍ରତ୍ୟୁଷର କଥାଗୁଡ଼ିକ ମୋ କାନରେ ବାଜି, ଧୀରେ ଧୀରେ ମିଳେଇ ଯାଉଥିଲା । ବର୍ତ୍ତମାନ ମୋ ନଜର ଥିଲା କେବଳ ସେଣ୍ଟର ଟେବୁଲରେ ଥୁଆ ହୋଇଥିବା ଗତକାଲିର ପେପର ଉପରେ । ■

ଜସ୍ମିନ ଗ୍ରୋଭ୍, ଗାଜିଆବାଦ
ଉତ୍ତର ପ୍ରଦେଶ

# କାକୁସ୍ଥ



ଦେବାଶିଷ ଚକ୍ରବର୍ତ୍ତୀ

ଥରେ କହିଲ ଦେଖି
କାହାକୁ ଭଲ ଲାଗେନି
ବସିବାକୁ ଛାଇରେ?
ହେଲେ ଭଲ ଲାଗେ କି
ଛାଇ ଲମ୍ବି ଆସିଲେ
ବୟସର ଅପରାହ୍ଣରେ?

ଯେତେ ଚାହିଁଲେ ବି
ସେ କ'ଣ ହୋଇ ପାରିବ
ଫୁଲଫୁଟା ସକାଳ ଭଳି
ବରଂ ତାକୁ ଅହରହ
ଆଖିଠାର ମାରୁ ନଥାଏ କି
ବିଷର୍ଣ୍ଣ ଗୋଧୂଳି ?

ଆପଣା ହାତରେ ରୋପିଥିବା
ଗଛ, ବୃକ୍ଷ
ନିଜେ ଗଢ଼ିଥିବା ଘରଦ୍ୱାର
ଏପରି କି ନିଜ ରକ୍ତର ସ୍ୱାକ୍ଷର
ସତରେ କେହି ହୋଇ ପାରନ୍ତି କି
ଷୋଳଅଣା ଆପଣାର?

ସଂଶୟର କଳାମେଘ
ମନ ଆକାଶକୁ ଆବୋରିଲେ
ଆପଣାକୁ ମନେ ହୁଏନି କି ଅଲୋଡ଼ା ?
ଉଡ଼ାଣଖୋର୍ ଇଚ୍ଛାମାନେ
ଆଉ ଦେଇପାରନ୍ତି କି ଖଣ୍ଡିଉଡ଼ା?
ଆଖି, ନାକ, କାନ ଭଳି ଇନ୍ଦ୍ରିୟମାନେ ବି
ବିନା ନୋଟିସ୍‌ରେ
କରନ୍ତିନି କି ହରତାଳ ?
ମନ ସିଲଟରେ ଲେଖା ଅକ୍ଷରକୁ
ନିମିଷକରେ ପୋଛି ଦିଏନି କି
ବିସ୍ମୃତିର ଡଷ୍ଟର ?

ସକାଳରେ ଠିଆ ହୋଇଥିବା
ମଣିଷଟି ସିନା ଦେଖି ପାରେନି
ବୟସର ଅପରାହ୍ଣକୁ
ହେଲେ, ଅପରାହ୍ଣରେ
ଠିଆ ହୋଇଥିବା ମଣିଷଟି
ଅହରହ ଲୋଡୁ ନଥାଏ କି
ସକାଳକୁ ?
ବେଳେବେଳେ ଭାବନାଟିଏ
ଉଙ୍କି ମାରେନି କି
ପ୍ରାଚୁର୍ଯ୍ୟର ଡାହାଣୀ ଆଲୁଅ
ପଛରେ ଧାଇଁ ଅର୍ଜିଥିବା
ବ୍ୟାଙ୍କ ବାଲାନ୍ସ, ଗାଡ଼ି, ଘର, ଜମି
ତୁଳନାରେ ଢେଏର୍ ମୂଲ୍ୟବାନ ନୁହେଁ କି
କଙ୍କି ପ୍ରଜାପତି ପଛରେ ଧାଉଁଥିବା
ଶୈଶବର ମଧୁର ଦୁଷ୍ଟାମୀ ? ■

ମଣ୍ଡୁଆ, କେନ୍ଦୁଝର ଗଡ଼
ମୋ : ୯୪୩୭୭୫୨୩୯୫

# ପ୍ରେମିକା



ଅଖିଳ କୁମାର ମିଶ୍ର

ଅସଙ୍ଗତି ବନ୍ଧନର କ୍ଷଣ କ୍ଷଣର ଦହନରେ -
ପ୍ରେମ ଏକ ସଇତାନ ଅନ୍ଧାରୀ ପୋଖରୀ ହୁଡ଼ାରେ/
ବିଳିବିଳାଏ ନହକା ଚିତ୍ର ପ୍ରତିମା ବୁଡ଼ ପ୍ରହରରେ,
ଯୁକ୍ତିତର୍କ ଲହଡ଼ିର ମନରେ ମାଗେ,
ଚାଲିଯିବ ଚାଲିଯିବ କହୁଥାଏ ବାର ବାର,
ପ୍ରେମ ତା'ର ଜିଦ୍ ପିଲାଦିନର,
ସେଇଠି ଥିବ, ସେଇଠି ରହିବ ନାହିଁ,
ସଦାବେଳେ ଡରଉଥିବ ପ୍ରାପ୍ତ ଅଭିଯୋଗେ,
ସେ ସେଇ ପ୍ରେମିକା, ଜୀବନ ପରିକା ।



ତା' ଦେହରେ ଦାଗ ଟିକେ ଲାଗେ ନାହିଁ,
ସବୁ ଦାଗ ଉପହାର ଦେଇ ସାରିଛି,
ଭୁଲ୍ ସବୁ ଘୋଡ଼ାଇବାକୁ
ବନ୍ଧୁ ବାନ୍ଧିଚି କଥାର ମାନ ସରି,
ଯାଇପାରେ ସେ ବଜାର ରାସ୍ତାରେ,
ଦଉଡ଼ାଇ ପାରେ ମତେ ପ୍ରତିଟି ମୋଡ଼ରେ ।

ଚମତ୍କାର ଅଭିନୟ ତା'ର ପ୍ରତିଦିନରେ,
ଅଭିମାନ ତା'ର ରୂପାନ୍ତର ଲାଲ୍ ପଣତରେ,
ଅପରାଧ ଯେତକ ତା'ର
ମୋର ବଞ୍ଚିବାର ରାହା ।

ସେ କାହାକୁ ପ୍ରେମ ବାଣ୍ଟେ ଜଣାନାହିଁ,
ସେ କାହାକୁ ମନ ଦିଏ ସେ ହିଁ ଜାଣେ -


ସେ କିନ୍ତୁ ସଶରୀରେ,
ହାତର ଏ ଦୁନିଆରେ,
ମୋ ପ୍ରାଣ ପ୍ରେମିକା ଚେହେରାରେ । ■

ଅତିରିକ୍ତ ମହାନିର୍ଦ୍ଦେଶକ
ପିଆଇବି, ଭାରତ ସରକାର
ଭୁବନେଶ୍ୱର

## ପୁସ୍ତକ ଓ ପତ୍ରିକା ପରିଚୟ

### ମନ ବଗିଚାର ହସଫୁଲଟି

ହଂସନାଥ ମୁଦୁଲି





ପେଜମେକର ପବ୍ଲିକେଶନ
୧୧୭ ବାପୁଜୀ ନଗର, ଭୁବନେଶ୍ୱର
ପ୍ରଥମ ପ୍ରକାଶନ: ୨୦୨୪
ମୂଲ୍ୟ: ୧୭୦ ଟଙ୍କା

"ଫୁଲଟିଏ ମୁଁ ଫୁଲଟିଏ/ ପାଖୁଡ଼ାରେ ମୋର ରଙ୍ଗର ଚମକ/ ଅନ୍ତର ମହକେ ଭରିଥାଏ/ ଫୁଲଟିଏ ମୁଁ ଫୁଲଟିଏ ।" (ଫୁଲଟିଏ ମୁଁ ଫୁଲଟିଏ) ଏମିତି ଫୁଲ, ଜହ୍ନ, ତାରା, ଆକାଶ, ପ୍ରକୃତି ଆଦିକୁ ନେଇ ପ୍ରକାଶ ପାଇଛି ହଂସନାଥ ମୁଦୁଲିଙ୍କ ଶିଶୁ/ କିଶୋର ଗୀତି କବିତା ପୁସ୍ତକ 'ମନ ବଗିଚାର ହସଫୁଲଟି' । ଏହି ପୁସ୍ତକର କବିତାଗୁଡ଼ିକ ଶିଶୁ ଓ କିଶୋରମାନଙ୍କ ପାଇଁ ଆମୋଦଦାୟକ ସହିତ ଶିକ୍ଷଣୀୟ ମଧ୍ୟ ହୋଇଛି । ଜୀବନକୁ ମନ ଭରି ଉପଭୋଗ କରିବା, ପ୍ରକୃତିକୋଳରେ ହଜିଯିବା, ଶିଶୁ ମୁହଁରେ ହସ ଫୁଟାଇବା ଆଦି ଅନେକ ସାମାଜିକ ଓ ଜୀବନଧର୍ମୀ ବାର୍ତ୍ତା ରହିଛି ଏହି କବିତାଗୁଡ଼ିକରେ । ଏହି ପୁସ୍ତକରେ 'ମନ ବଗିଚାର ହସଫୁଲଟି', 'ଫୁଲଟିଏ ମୁଁ ଫୁଲଟିଏ', 'ଦେଖ ଫୁଲଟେ ଫୁଟିଛି ମୁହିଁ', 'ଜୀବନର ମୂଳ ଥାଏ', 'ଫୁଲଟେ ଫୁଟିଲେ', 'ଆକାଶରୁ ଜହ୍ନ ମୋତେ', 'ଜହ୍ନମାମୁଁ ମୁହିଁ', 'ମୁଁ ଦିନ ଆକାଶର ତାରା', 'ଉଠ ଯିବ ପାଠ ପଢ଼ି', 'ବରଷା ମୁଁ ଯାଏ ଝରି', 'ମୁଁ ଯେ କାଗଜ ଡଙ୍ଗା', 'ପ୍ରକୃତିମାତାର ହାତର ସୃଜନ', 'ଜୀବନ ଗୋଟିଏ ଫୁଲ', 'ଜୀବନ ଗୋଟିଏ ଗୀତ' ଆଦି ଗୀତି କବିତା ହୃଦୟସ୍ପର୍ଶୀ ହୋଇଛି । ପ୍ରତିଟି କବିତାର ଭାବ, ଭାଷା ବେଶ୍ ବୋଧଗମ୍ୟ । ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### ବାପା ଓ ସୋଫା

ପ୍ରଦ୍ୟୁମ୍ନ ପଟ୍ଟନାୟକ





କାବ୍ୟଲୋକ
୨୯୭୪, ଗ୍ୟାରେଜ ଛକ
ଲୁଇସ୍ ରୋଡ୍, ଭୁବନେଶ୍ୱର-୨
ପ୍ରଥମ ପ୍ରକାଶନ: ୨୦୨୫
ମୂଲ୍ୟ: ୧୬୦ ଟଙ୍କା

ଜୀବନର ଅନେକ ଘଟଣା ଅନୁଭୂତି, ଅନୁଭବ ମନ ଭିତରେ ଗଭୀର ଛାପ ପକାଏ । ସେଇସବୁ ଘଟଣା ସ୍ମୃତି ହୋଇରହିଯାଏ ହୃଦୟରେ । ଘଟଣା ବହୁଳ ଜୀବନର ସେଭଳି କିଛି ସ୍ମୃତି ଓ ଅନୁଭୂତି କାହାଣୀର ରୂପ ନେଇ ପ୍ରକାଶ ପାଇଛି ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ 'ବାପା ଓ ସୋଫା' ଗଳ୍ପ ପୁସ୍ତକ । ଏହି ପୁସ୍ତକରେ ମୋଟ ୨୧ଟି ଗପ ସଂକଳିତ ହୋଇଛି । ପ୍ରତିଟି ଗପର ଭାବ, ଆବେଦନ ଓ କାହାଣୀ ସ୍ୱତନ୍ତ୍ର । 'ବାପା ଓ ସୋଫା', 'ନିରିମାଖି', 'ଅଦୃଶ୍ୟ ଲାଠି', 'ନିରଞ୍ଜନ', 'ରାସ୍ତା', 'ଅମୂଲ୍ୟ ମୋତି', 'ସ୍ୱପ୍ନ', 'ଶେଷ ଦର୍ଶନ', 'ଶେଷଲଗ୍ନ', 'ପ୍ରତୀକ୍ଷମାଣା', 'ମାତୃ ଦିବସ', 'ସାଇତା ସ୍ମୃତି', 'ଧୂମ କୁଣ୍ଡଳୀ', 'ମିଛଗପ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । ଏହି ପୁସ୍ତକର ଅନେକ ଗପରେ ମାନବୀୟ ସଂପର୍କ, ସାମାଜିକ ସମସ୍ୟା, ପାରିବାରିକ ଦ୍ୱନ୍ଦ୍ୱ, ସଂଘାତ, ଜୀବନର ନାନା ଘଟଣା ସାବଲୀଳ ଓ ସରଳ ଭାଷାରେ ପ୍ରକାଶ ପାଇଛି । ସମାଜରେ ନିତି ଘଟୁଥିବା ଅତି ସାଧାରଣ ଘଟଣାକୁ ଗାଳ୍ପିକ ନିଜ କଳାଚାତୁରୀ ମାଧ୍ୟମରେ ରମଣୀୟ ଭାବେ ବର୍ଣ୍ଣନା କରିଛନ୍ତି । 'ବାପା ଓ ସୋଫା' ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### ସତ୍ୟମେବ ଜୟତେ

ସଂପାଦକ: ମାନସ ରଞ୍ଜନ ଦାଶ




ସତ୍ୟମେବ ଜୟତେ ପରିବାର
ସପନପୁର, ସାଲେପୁର
କଟକ
ମୂଲ୍ୟ: ୮୦ ଟଙ୍କା

ମାନସ ରଞ୍ଜନ ଦାଶଙ୍କ ସଂପାଦନାରେ ପ୍ରକାଶ ପାଇଛି 'ସତ୍ୟମେବ ଜୟତେ' ପତ୍ରିକା । ଏହି ପତ୍ରିକାରେ ଡକ୍ଟର ଗୌତମ ମହାରଣାଙ୍କ 'ସନାତନ ଧର୍ମର ସ୍ୱରୂପ', ଡ. ସନ୍ତୋଷ କୁମାର ପଣ୍ଡାଙ୍କ 'ସଂକ୍ରାନ୍ତି, ଏକ କ୍ରିୟା', ସୁଧୀର ଷଡ଼ଙ୍ଗୀଙ୍କ 'ଶକ୍ତି ପୀଠ: ମାଆ ଉପାଡ଼ି ସ୍ଥଳ', ଜୟଦେବ ଲେଙ୍କାଙ୍କ 'ସ୍ୱରର ରାଣୀ ଆକାଶବାଣୀ', ଆରିଫ୍ କଟକୀଙ୍କ 'ସ୍ୱାଭିମାନୀ ସମାଜ ଗଠନରେ ସୁନାଗରିକର ଭୂମିକା' ଆଦି ପ୍ରବନ୍ଧ ତଥ୍ୟଭିତ୍ତିକ ଓ ଭାବଗର୍ଭକ ହୋଇଛି । ସେହିପରି ଡକ୍ଟର କୃତ୍ତିବାସ ନାୟକଙ୍କ 'ସାନଭାଇ', ଗଗନ ଚନ୍ଦ୍ର ଦାଶଙ୍କ 'ସେଇ ଝିଅଟି', ପ୍ରଜ୍ଞାଲୀନ ସାହୁଙ୍କ 'ସମ୍ମାନ', କୁଞ୍ଜ ବିହାରୀ ସାହୁଙ୍କ 'ସୁନୟନାର ହସ' ଆଦି ଗପ ମନଛୁଆଁ ହୋଇଛି । ସେଭଳି କବିତା ବିଭାଗରେ 'ଶେଷଶିଖାର ଜ୍ୱଳନ ପୂର୍ବରୁ', ସୁନନ୍ଦା ମହାନ୍ତିଙ୍କ 'ଶବ୍ଦ ଶର', ଭକ୍ତ ଚରଣ ସାହୁଙ୍କ 'ସ୍ମୃତି ତୁମେ କେବେ...', ରାହୁଲ ତାଣ୍ଡିଙ୍କ 'ଶପଥ', ଗୀତା ଷଡ଼ଙ୍ଗୀଙ୍କ 'ସେଇ ଲୋକଟି', ସୁଧୀର କୁମାର ଦାସଙ୍କ 'ସ୍ମୃତିରେ ଗାଁ ଘର', ଅଧ୍ୟାପିକା ମନ୍ଦାକିନୀ ପାଢ଼ୀଙ୍କ 'ସ୍ୱପ୍ନ ତୁମେ' ଆଦି କବିତା ହୃଦୟସ୍ପର୍ଶୀ ହୋଇଛି । ଏହି ପତ୍ରିକାର ଲେଖାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

# ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପରେ ସାମାଜିକ ପରିବର୍ତ୍ତନର ସ୍ୱର



ବୈଷ୍ଣବ ମେହେର

ଆଧୁନିକ ଓଡ଼ିଆ ସାହିତ୍ୟର ଜଣେ ଅନନ୍ୟ ସ୍ରଷ୍ଟା ସୁରେନ୍ଦ୍ର ମହାନ୍ତି । ସାହିତ୍ୟର କୌଣସି ନିର୍ଦ୍ଦିଷ୍ଟ ବିଭାଗରେ ନୁହେଁ, ବରଂ କବିତା ବ୍ୟତୀତ ଗଳ୍ପ, ଉପନ୍ୟାସ, ସ୍ତମ୍ଭରଚନା, ସମାଲୋଚନା, ନାଟକ, ଆତ୍ମଜୀବନୀ, ଭ୍ରମଣ କାହାଣୀ ଭଳି ପ୍ରକାଣ୍ଡ ସାହିତ୍ୟ ବୃକ୍ଷର ପ୍ରାୟ ଶାଖାରେ ନିଜ ଛାପକୁ ଯଶସ୍ୱୀ କରାଇ ପାରିଛନ୍ତି । କିନ୍ତୁ ମର୍ମସ୍ପର୍ଶୀ ଶତାଧିକ କ୍ଷୁଦ୍ରଗଳ୍ପ ରଚନା କରିଥିବା ସୁରେନ୍ଦ୍ରଙ୍କ ଅନାବିଳ ଦୁର୍ବଳତା ଯେ ଗଳ୍ପ ସାହିତ୍ୟରେ ରହିଥିଲା, ଏହା ତାଙ୍କ ଗଳ୍ପ ଭିତରକୁ ପ୍ରବେଶ ପରେ ସ୍ୱତଃ ଅନୁମାନ କରିହୁଏ । ବୋଧେ ସେଥିପାଇଁ ହିଁ ଥରେ ଏକ ସାକ୍ଷାତକାରରେ ସେ କହିଥିଲେ - "ଗଳ୍ପ-ଗଳ୍ପ-ଗଳ୍ପ ହେଉଛି ମୋର First Love ।"

ଜଣେ ସଫଳ ରାଜନୈତିଜ୍ଞ, ସାମ୍ବାଦିକ ଭାବରେ ଓଡ଼ିଶାର ପୁରପଲ୍ଲୀ ବୁଲି ବିଭିନ୍ନ ବର୍ଗର ଲୋକଙ୍କ ସଂସ୍ପର୍ଶରେ ସେ ଆସିବା ସୁଯୋଗ ଲାଭ କରିଥିଲେ । ତେଣୁ ସାଧାରଣ ଲୋକଙ୍କ ଜୀବନକୁ ଅତି ନିକଟରୁ ଅନୁଭବ କରିବାର ଅପୂର୍ବ ସୁଯୋଗ ସୁରେନ୍ଦ୍ରଙ୍କ ପ୍ରାୟ ଗଳ୍ପରେ ଗ୍ରାମୀଣ ଜୀବନର ନିଛକତା ଖୁବ୍ ଜୀବନ୍ତ ଭାବରେ ପ୍ରତିଫଳିତ ହୋଇଛି । ପାରମ୍ପରିକ ସ୍ଥିତାବସ୍ଥାକୁ ମୃତାବସ୍ଥା ପ୍ରାୟେ ମଣି ଯେଉଁ ପରିବର୍ତ୍ତନରେ ସାମୂହିକ କଲ୍ୟାଣ ସାଧିତ ହେବାକୁ ସେ ଅନୁଭବ କରୁଥିଲେ, ସକଳ ସମସ୍ୟା ସତ୍ତ୍ୱେ ତାକୁ ଗ୍ରହଣ କରିବାରେ ସେ ତିଳେମାତ୍ର ପଶ୍ଚାତଧାବନ ହୋଇ ନାହାନ୍ତି । ସୁରେନ୍ଦ୍ରଙ୍କୁ ଯେତେବେଳେ ମାତ୍ର ଷୋହଳ ବର୍ଷ ବୟସ, ସେତେବେଳେ ତାଙ୍କର ପ୍ରଥମ କ୍ଷୁଦ୍ରଗଳ୍ପ 'ବନ୍ଦୀ' ପ୍ରକାଶ ପାଏ ୧୯୩୮ ମସିହାରେ ତତ୍କାଳୀନ ପ୍ରସିଦ୍ଧ ଓଡ଼ିଆ ସାହିତ୍ୟ ପତ୍ରିକା 'ଉତ୍କଳ ସାହିତ୍ୟ'ରେ । ଜଣେ ତରୁଣ ଗାଳ୍ପିକର ହୃଦୟର ଭାବାବେଗ ସ୍ୱରୂପ ଅସହ୍ୟ ଅତ୍ୟାଚାରକୁ ସହ୍ୟ କରି ନପାରି ଖଟିଖିଆ ଦରିଦ୍ର ମଣିଷଟି କିପରି ଅତ୍ୟାଚାରୀ ମହାଜନ ଉପରେ ପ୍ରତିଶୋଧ ପରାୟଣ ହୋଇଯାଏ, ତାହା ଏହି ଗଳ୍ପରେ ଗାଳ୍ପିକ ନିଖୁଣ ଭାବରେ ବର୍ଣ୍ଣନା କରିଛନ୍ତି ।

ସୁରେନ୍ଦ୍ର ମହାନ୍ତି ଜଣେ ଜୀବନବାଦୀ ଲେଖକ । ତା'ର ପରିଚୟ ତାଙ୍କ ଅନେକ ଗଳ୍ପରେ ମିଳିପାରେ । କର୍ମମୟ ଜୀବନର ଘାତପ୍ରତିଘାତ ଯୁଗେଯୁଗେ ମଣିଷକୁ ବୀତସ୍ପୃହ କରି ପକାଏ । ସୁରେନ୍ଦ୍ରଙ୍କ 'ରୁଟି ଓ ଚନ୍ଦ୍ର' ଗଳ୍ପରେ ସକଳ ବେଦନା ଭିତରେ ଅନୁସନ୍ଧିତ୍ସୁ ମଣିଷ ଜୀବନରେ ପ୍ରକୃତ ଅମୃତର ସନ୍ଧାନ ପାଇପାରେ । ସେଥିପାଇଁ ସେ ଏକ ସାର୍ଥକ ଜୀବନ ବଞ୍ଚିବାରେ ସଫଳ ହୁଏ ବୋଲି ଦର୍ଶାଇ ଦିଆଯାଇଛି । ପ୍ରାଣର ପ୍ରାଚୁର୍ଯ୍ୟରେ ଜଣେ ଯଦି ପରିପୂର୍ଣ୍ଣ, ତେବେ ଗୋଟିଏ କି ଦୁଇ ରାତିର ଉପବାସ ତା' ପାଇଁ ସେତେଟା ବେଦନାସିକ୍ତ ହୋଇ ନପାରେ । ପୂରା ମଜୁରି ଆଉ ପୂରା ପେଟ, ଜୀବନର ପ୍ରୟୋଜନୀୟତା ହୋଇପାରେ, କିନ୍ତୁ ଜୀବନର ଲକ୍ଷ୍ୟ ତ ଆତ୍ମତୃପ୍ତି । ମନମୁଗ୍ଧକର ଝରଝର ଝରଣା, ସଫେଦ ଜ୍ୟୋସ୍ନାର ଆବିଳତା, ସବୁଜ ସୁନ୍ଦର ପରିପୂର୍ଣ୍ଣ ପ୍ରକୃତିର ଆକର୍ଷଣ ଯେ ଚିରାଚରିତ ଜୀବନଠାରୁ ଖୁବ୍ ସ୍ୱତନ୍ତ୍ର । ଏହା ହିଁ 'ରୁଟି ଓ ଚନ୍ଦ୍ର' ଗଳ୍ପରେ ଗାଳ୍ପିକଙ୍କ ଆଭିମୁଖ୍ୟ, ଯାହା ତାଙ୍କ ଗଳ୍ପ ସଂକଳନର ନାମ ବହନ କରି ତାଙ୍କ ବାସ୍ତବ ଜୀବନ ଚରିତ୍ରର ମହନୀୟ ଦିଗକୁ ଯଥାର୍ଥ ଢଙ୍ଗରେ ଉପସ୍ଥାପିତ କରିଛି । ଏହି ପରିପ୍ରେକ୍ଷୀରେ କଥାକାରଙ୍କ 'କୃଷ୍ଣଚୂଡ଼ା' ଗଳ୍ପ ମଧ୍ୟ ସେହି ସମାନ ଆବେଦନରେ ପରିପୁଷ୍ଟ ହୋଇଛି । ଗଳ୍ପ ନାୟକ 'ସଦାନନ୍ଦ' ନିତିଦିନିଆ ସମ୍ବାଦ ଲେଖା ଛାଡ଼ି କମନୀୟ କୃଷ୍ଣଚୂଡ଼ାର ଆକର୍ଷଣକୁ ଏଡ଼ାଇ ନ ପାରି ତାକୁ ତୋଳିବାରେ ନିଜକୁ ନିୟନ୍ତ୍ରଣ କରି ନପାରିବା ମନ ଓ ହୃଦୟର ଆହ୍ୱାନ ହିଁ ଅସଲ ଜୀବନର ପରିଭାଷା ବୋଲି ବୁଝିବାକୁ ପଡ଼େ ।

ପରିସ୍ଥିତି ଯେତେ ନିଷ୍ଠୁର ହେଉନା କାହିଁକି ଆପଣାର ଲୋକଟିଏ ପାଖରେ ଥିଲେ ସବୁ ଦୁଃଖ ଆପେଆପେ ଅପସରି ଯାଏ । ସେହି ଲୋକଟି ଯେତେ ବେଳେ ଦୂରେଇ ଯାଏ, ସେତିକି ବେଳେ ମଣିଷର ଅନ୍ତଃବେଦନା ଦ୍ୱିଗୁଣିତ ହୋଇଯାଏ । ଏକଥା ସୁରେନ୍ଦ୍ରଙ୍କ 'ନୟନପୁର ଏକ୍ସପ୍ରେସ୍' ଗଳ୍ପରେ ପରିଦୃଷ୍ଟ ହୁଏ । ସେହିଭଳି ତାଙ୍କର ଅନ୍ୟତମ ସଫଳ ଗଳ୍ପ ହେଉଛି 'ମହାନଗରୀର ରାତ୍ରି' । ଯେଉଁଠି ଜଣେ ଦୁଃସ୍ଥ ନାରୀର କରୁଣ ଜୀବନ କାହାଣୀର ନିଖୁଣ ଉପସ୍ଥାପନା ପାଠକଙ୍କୁ ଅଭିଭୂତ କରିଦିଏ । ପୁନଶ୍ଚ 'ଖାଦାନୀ' ଗଳ୍ପରେ ମାଟି ଓ ପ୍ରକୃତିର ସରଳ ମଣିଷ କିପରି ଆଧୁନିକତାର ମୋହରେ ପଡ଼ି ନିଜ ଜୀବନକୁ ବିପର୍ଯ୍ୟସ୍ତ କରି ଦେଉଛି । ସେହିପରି 'ଘନିଆର ଗଣେଶ ଚତୁର୍ଥୀ' ଗଳ୍ପରେ ଭଗବାନଙ୍କ ପୂଜାର୍ଚ୍ଚନା ହେଉ କି ବିଦ୍ୟାଳୟରେ ଶିକ୍ଷାଅର୍ଜନ ହେଉ ଏଥିରେ ସମସ୍ତଙ୍କ ସମାନ ଅଧିକାର ରହିବା ପ୍ରସଙ୍ଗ ଚିତ୍ରଣ କରାଯାଇଛି । 'ମେଣ୍ଢାଖାଇ' ଗଳ୍ପରେ ଏକ ସରଳ, ନିଷ୍ପାପ ଗ୍ରାମ୍ୟ ଜୀବନର ବାର୍ତ୍ତାକୁ ଗାଳ୍ପିକ ଜୀବନ୍ତ ଢଙ୍ଗରେ ସଜାଇ ଦେଇଛନ୍ତି । ସେହିପରି 'ଅପରିଚିତର ପରିଚୟ' ଗଳ୍ପ ତ ପ୍ରତିଟି ମଣିଷକୁ ମଣିଷତ୍ୱର ପରିଚୟ କରାଇବାର ଭାର ବହନ କରିଛି । ନିଜେ ଭୋକ ଉପାସରେ ଥାଇ ସୁଦ୍ଧା ଅନ୍ୟ ଜଣେ ଅସହାୟା ପାଇଁ ରିଲିଫ୍ ନେବାକୁ ଆସି ଜଣେ ମାନବଧର୍ମୀକୁ କିପରି ଲହୁଲୁହାଣ ହେବାକୁ ପଡ଼େ ତାହା ଏଠାରେ ଚିତ୍ରିତ ହୋଇଛି । ବାସ୍ତବରେ ଏହି ଗଳ୍ପ ମାନବିକତାର ବାସନାକୁ ବିଚ୍ଛୁରିତ କରେ । ଅପରପକ୍ଷେ ସୁରେନ୍ଦ୍ର ମହାନ୍ତିଙ୍କ ଅନ୍ୟ ଦୁଇଟି ଗଳ୍ପ 'ଓଃ ! କାଲକାଟା' ଓ 'ରାଜଧାନୀ'ରେ ସାଧାରଣ ମଣିଷଙ୍କ ଅସହାୟତା, ଦରିଦ୍ରତାର ନିଦାନ ପାଇଁ କର୍ତ୍ତୃପକ୍ଷଙ୍କ ସ୍ୱାର୍ଥଲିପ୍ସୁ ଅନ୍ତଃସାରଶୂନ୍ୟ ଯୋଜନାକୁ ଯେଉଁଭଳି ଇଙ୍ଗିତ କରାଯାଇଛି, ସେଭଳି ସେତେବେଳର କିଛି ଲୋକଙ୍କ ରୁଗ୍‌ଣ ମାନସିକତାର ମଧ୍ୟ ଏଠାରେ ପରିପ୍ରକାଶ କରାଯିବା ଏକ ସ୍ୱଚ୍ଛ ସାମାଜିକ ପରିବର୍ତ୍ତନକୁ ଖୋରାକ ଦେଇ ଆସୁଛି । ସୁରେନ୍ଦ୍ର ମହାନ୍ତିଙ୍କ ମତରେ 'ଦାରିଦ୍ର କ୍ଷମତାଲିପ୍ସୁ ରାଜନୈତିକ ନେତାମାନଙ୍କର ଏକ ନ୍ୟସ୍ତସ୍ୱାର୍ଥ । ଦାରିଦ୍ର୍ୟ ଲୋପ ପାଇଗଲେ, ସେମାନଙ୍କର ସହଜ ନେତୃତ୍ୱ ଆଉ ଚଳିବ ନାହିଁ । ଯେତେଦିନ ଯାଏ ଦାରିଦ୍ର ରହିଥିବ, ସେତେଦିନ ପର୍ଯ୍ୟନ୍ତ ସେମାନେ ସୁପ୍ରତିଷ୍ଠିତ ଥିବେ ।" ନିଜେ ରାଜନୀତିରେ ଥାଇ ରାଜନୈତିଜ୍ଞଙ୍କ ପ୍ରତି ଲେଖକଙ୍କ ଏଭଳି ଦୃଷ୍ଟିଭଙ୍ଗୀ କେବଳ ତାଙ୍କ ସ୍ୱଚ୍ଛ ବ୍ୟକ୍ତିତ୍ୱର ପରିଚୟ ଦେଉ ନାହିଁ, ଏହାସହ ସାମାଜିକ ପରିବର୍ତ୍ତନର ବହ୍ନିଟିଏ ସେ ନିଜ ଗଳ୍ପ ମାଧ୍ୟମରେ ସମାଜରେ ଜଳାଇ ରଖିବାର ପ୍ରୟାସକୁ ସ୍ପଷ୍ଟ କରୁଛି । ସେହିପରି ମଣିଷ ଆତ୍ମପ୍ରଚାର ନିମିତ୍ତ କ'ଣ କରିପାରେ ତାହା ଗଳ୍ପ 'ଜୀଅନ୍ତା ଭୂତ'ରେ ପର୍ଯ୍ୟବସିତ ହୋଇଛି ।

ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପ ରଚନାର ପୃଷ୍ଠଭୂମି ନିଶ୍ଚିତ ଭାବେ ବିବିଧ । ପୁରାଣ ଓ ଇତିହାସ ପ୍ରସଙ୍ଗକୁ ସେ ଅନେକ ଗଳ୍ପରେ ସ୍ଥାନ ଦେଇଥିଲେ ମଧ୍ୟ ସାମାଜିକ, ରାଜନୈତିକ ଓ ଲୋକଙ୍କ ମାନସିକ ସମସ୍ୟା ପର୍ଯ୍ୟବସିତ ତାଙ୍କ ଅନେକ ଗଳ୍ପରେ ତତ୍କାଳୀନ ଚିରାଚରିତ ପ୍ରଥା, ପରମ୍ପରା ପ୍ରତି ଲେଖକଙ୍କ ଅନ୍ତରର ବିଦ୍ରୋହକୁ ଯେତିକି ଅବଲୋକନ କରିହୁଏ, ସେତିକି ତାଙ୍କ ହୃଦୟ କୋଣରେ ଜାଗ୍ରତ ହୋଇଥିବା ଭିନ୍ନ ଏକ ସମାଜ ଗଠନର ଆକାଂକ୍ଷାକୁ ମଧ୍ୟ ହୃଦୟଙ୍ଗମ କରିହୁଏ । ■

ସିନାପାଲି, ନୂଆପଡ଼ା
ମୋ: ୯୭୭୭୭୫୩୯୩୫

## ନବୋଦୟ ବିଦ୍ୟାଳୟରେ ନବମ ଛାତ୍ରଙ୍କୁ ମାର୍‌ପିଟ୍

# ୭ ଛାତ୍ର ସାତ ଦିନ ପାଇଁ ନିଲମ୍ବିତ

କୋରୁକୋଣ୍ଡା, ୨୦।୧୨ (ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ଅନ୍ତର୍ଗତ ବାଲିମେଳା ସହରରେ ଥିବା ନବୋଦୟ ବିଦ୍ୟାଳୟ-୨ରେ ଜୁନିୟର୍ ଛାତ୍ରଙ୍କୁ ମାଡ଼ ଘଟଣାରେ ଏକାଦଶ ଶ୍ରେଣୀର ୭ଜଣ ଛାତ୍ରଙ୍କୁ ଏକ ସପ୍ତାହ ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ନିଲମ୍ବିତ କରିଛନ୍ତି। ଏହାସହ ହଷ୍ଟେଲ କେୟାର୍-ଟେକର୍ ବିଶ୍ୱଜିତ ସରକାରଙ୍କୁ ବହିଷ୍କୃତ କରାଯାଇଛି।

ସୂଚନାନୁଯାୟୀ, ଛାତ୍ରଛାତ୍ରୀମାନେ ଘରଠାରୁ ଦୂରରେ ହଷ୍ଟେଲରେ ରହୁଛନ୍ତି। ସେଥିପାଇଁ ଅଭିଭାବକମାନେ ପିଲାମାନଙ୍କୁ କିଛି ଶୁଖିଲା ଖାଦ୍ୟ ନିଜ ପାଖରେ ରଖିବା ପାଇଁ ଦେଇଥା'ନ୍ତି। ୪ ଦିନ ତଳେ ନବମ ଶ୍ରେଣୀର ଜଣେ ଛାତ୍ର ଅନ୍ୟ ଜଣେ ଛାତ୍ରଙ୍କ କିଛି ଖାଦ୍ୟ ଖାଇ ଦେଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏ ସଂପର୍କରେ ଏକାଦଶ ଶ୍ରେଣୀର ଛାତ୍ରଙ୍କ କ୍ୟାପଟେନ୍ ଏବଂ କେୟାରଟେକର୍ ଜାଣିବା ପରେ ନବମ ଶ୍ରେଣୀର କେତେକ ଛାତ୍ରଙ୍କୁ ଏକାଦଶ ଶ୍ରେଣୀର ଛାତ୍ରାବାସକୁ ଡାକି ପଚରାଉଚରା କରିବା ସହ ନିର୍ଘୁମ ମାଡ଼ ମାରିଥିଲେ। କେୟାର୍-ଟେକର୍ ବିଶ୍ୱଜିତ ସରକାର ମଧ୍ୟ ନବମ ଶ୍ରେଣୀ ଛାତ୍ରମାନଙ୍କୁ ବାରମ୍ବାର ପାଣି ପିଆଇ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା।

## ୫୬ ଇନ୍ସପେକ୍ଟରଙ୍କୁ ବଦଳି

ଭୁବନେଶ୍ୱର, ୨୦।୧୨ (ସମିସ): ରାଜ୍ୟରେ ଇନ୍ସପେକ୍ଟରସ୍ତରରେ ବଡ଼ଧରଣର ଅଦଳବଦଳ ହୋଇଛି। ପୂର୍ବରୁ ହୋଇଥିବା ବଦଳି ଅର୍ଡରକୁ ପରିବର୍ତ୍ତନ କରାଯାଇଛି। ଗତ ମାସ ୧୯ ତାରିଖ ଦିନ ନୂଆ କରି ପଦୋନ୍ନତି ପାଇଥିବା ୪୭୫ଜଣ ଇନ୍ସପେକ୍ଟରଙ୍କର ବିଭିନ୍ନ ଜିଲ୍ଲା ଓ ପୁଲିସ ଶାଖାକୁ ବଦଳି ହୋଇଥିଲା। ସେଥିମଧ୍ୟରୁ ୫୬ଜଣ ଇନ୍ସପେକ୍ଟରଙ୍କର ବଦଳିକୁ ପରିବର୍ତ୍ତନ କରାଯାଇଛି। ଉକ୍ତ ଇନ୍ସପେକ୍ଟରମାନଙ୍କୁ ବିଭିନ୍ନ ଜିଲ୍ଲା ଓ ପୁଲିସ ଶାଖାକୁ ବଦଳି କରାଯାଇଛି। ଶନିବାର ରାଜ୍ୟ ପୁଲିସ ମୁଖ୍ୟାଳୟ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି।

# ୬ ଜିଲ୍ଲାରେ ଘନକୁହୁଡ଼ି

## ମାର୍ଗଦର୍ଶିକା ଜାରି କଲା ପରିବହନ ବିଭାଗ

କଟକ, ୨୦।୧୨(ସମିସ): ରାଜ୍ୟର ୬ଟି ଜିଲ୍ଲା ସୁନ୍ଦରଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କୋରାପୁଟ ଏବଂ ସମ୍ବଲପୁରରେ ଘନ କୁହୁଡ଼ି ଆଶଙ୍କା ରହିଛି। ଏଥିପାଇଁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ଆରଟିଓମାନଙ୍କୁ ଦୁର୍ଘଟଣା ନିବାରଣ ପଦକ୍ଷେପ ନେବା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶରେ ଏହି ମାର୍ଗଦର୍ଶିକା ଜାରି କରାଯାଇଛି। ଏହାର ସଠିକ୍ କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟ ପରିବହନ ପ୍ରାଧିକରଣର ବରିଷ୍ଠ ଅଧିକାରୀ, ଉପ ପରିବହନ ଆୟୁକ୍ତ ଏବଂ ଆରଟିଓମାନଙ୍କୁ ନେଇ ଏକ ଆଭାସୀ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଚେତନତା ଏବଂ ଏନଫୋର୍ସମେଣ୍ଟକୁ ଗୁରୁତ୍ୱ ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ଦୃଶ୍ୟମାନତା ଅନୁସାରେ ଧୀର ଗତିରେ ଗାଡ଼ି ଚାଳନା, ଲୋ-ବିମ୍ ହେଡଲାଇଟ୍ ବ୍ୟବହାର କରିବା, ସାମ୍ନାରେ ଥିବା ଗାଡ଼ିଠୁ ନିରାପଦ ଦୂରତା ବଜାୟ ରଖିବା, ପାର୍କିଂ ଲାଇଟ୍ ଏବଂ ଟେଲ୍ ଲାଇଟ୍ ସଠିକ ଭାବେ ଚାଲୁ ରଖିବା, ଘାଟି ତଥା ମୋଡ଼ରେ ସାବଧାନତା ସହ ଆଗକୁ ବଢ଼ିବା, ଯଦି ଦୃଶ୍ୟମାନତା କମ୍ ହୁଏ, ତେବେ ଗାଡ଼ି ନ ଚଳାଇ ସୁରକ୍ଷିତ ସ୍ଥାନରେ ପାର୍କିଂ କରିବାକୁ ପରାମର୍ଶ ଦିଆଯାଇଛି। ବାଣିଜ୍ୟିକ ଯାନରେ ହେଡ୍‌ଲାଇଟ୍, ବ୍ରେକ୍ ଲାଇଟ୍, ରିଫ୍ଲେକ୍ଟର ବ୍ୟବହାର କରନ୍ତୁ, ଭୋର ସମୟରେ ଅନାବଶ୍ୟକ ଯାତ୍ରା ଏଡ଼ାଇବା ସହ ଅଭିଜ୍ଞ ଚାଳକଙ୍କୁ ନିଯୁକ୍ତ କରିବାକୁ ମାର୍ଗଦର୍ଶିକାରେ ପରାମର୍ଶ ଦିଆଯାଇଛି।

**ଆରଟିଓଙ୍କୁ ଦୁର୍ଘଟଣା ନିବାରଣ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ**

# ଅବଶିଷ୍ଟାଂଶ

### ରାଜଧାନୀ ଏକ୍ସପ୍ରେସ୍...

ଡିଭିଜନର ଯମୁନାମୁଖ-କାମପୁର ସେକ୍ସନରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣା ସ୍ଥଳଟି ଏକ ହାତୀସୂଚୀତ କରିଡର ନଥିଲା। ଅଧିକାରୀଙ୍କ କହିବା ଅନୁଯାୟୀ ଏହି ହାତୀ ପଲ ହଠାତ ଟ୍ରେନ୍ ସାମ୍ନାରେ ଦେଖାଦେଇଥିଲା। ଲୋକୋ ପାଇଲଟ ଜରୁରୀକାଳୀନ ବ୍ରେକ ଲଗାଇଥିଲେ ମଧ୍ୟ ହତୀ ପଲ ସହ ଟ୍ରେନ୍‌ର ଧକ୍କାକୁ ରୋକାଯାଇ ପାରି ନଥିଲା। ଉଲ୍ଲେଖଯୋଗ୍ୟ ଯେ, ସାଇରଙ୍ଗ- ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍ ମିଜୋରାମର ସାଇରଙ୍ଗ ଓ ଦିଲ୍ଲୀର ଆନନ୍ଦ ବିହାର ଟର୍ମିନାଲକୁ ସଂଯୋଗ କରୁଛି। ଏହି ଦୁର୍ଘଟଣା ଫଳରେ ଏନ୍‌ଏଫ ରେଳବାଇର ଯମୁନାମୁଖ-କାମପୁର ସେକ୍ସନରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି।

### ଆଣ୍ଠେଇଛି ପିଏମ୍...

ଯୁକ୍ତି ଅନୁଯାୟୀ ରୁଫଟପ୍ ସୋଲାରର ଭବିଷ୍ୟତର ଆବଶ୍ୟକତା, ଏଥିରୁ ଉଭୟ ଉପଭୋକ୍ତା ଏବଂ ପରିବେଶକୁ ମିଳୁଥିବା ଫାଇଦା, କମ୍ ଖର୍ଚ୍ଚରେ ଅଧିକ ବିଜୁଳି ଉତ୍ପାଦନ ସର୍ବୋପରି କେନ୍ଦ୍ର ଏବଂ ରାଜ୍ୟ ସରକାର ପ୍ରଦାନ କରୁଥିବା ସବ୍‌ସିଡି ଅର୍ଥ ବାବଦରେ ଉପଭୋକ୍ତାଙ୍କୁ ସେପରି ସଚେତନ କରାଯାଉ ନାହିଁ। ଯାହାଫଳରେ ରାଜ୍ୟର ଉପଭୋକ୍ତା ଏହି ମହତ୍ତ୍ୱାକାଂକ୍ଷୀ ଯୋଜନାଠାରୁ ମୁହଁ ମୋଡୁଛନ୍ତି ବୋଲି ଶକ୍ତି ସମୀକ୍ଷକ ଯୁକ୍ତି ବାଢୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ ରୁଫଟପ୍ ସୋଲାର ପ୍ୟାନେଲଜରେ ୧ କିଲୋୱାଟ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ୫୫ ହଜାର ଟଙ୍କାର ସବ୍‌ସିଡି ପ୍ରଦାନ କରୁଛନ୍ତି। ସେହିପରି ୨ କିଲୋୱାଟ ପାଇଁ ୧.୧୦ ଲକ୍ଷ ଏବଂ ୩ କିଲୋୱାଟ ପାଇଁ ୧.୩୮ ଲକ୍ଷ ଟଙ୍କା ସବ୍‌ସିଡି ପ୍ରଦାନ କରୁଛନ୍ତି। ମାତ୍ର ଏହାର ସୁଫଳ ଉପଭୋକ୍ତା ଯେତିକି ଉଠାଇବା କଥା, ତାହାଠାରୁ ଢେର୍ ପଛରେ ରହିଥିବା ଜଣାପଡ଼ିଛି। ଅପରପକ୍ଷେ ପିଏମ୍ ସୂର୍ଯ୍ୟଘର ଯୋଜନାର ୟୁଏଲଏ(ୟୁଟିଲିଟି ଏଗ୍ରିଗେସନ ମଡେଲ) ଅଧୀନରେ ଘରୋଇ ଉପଭୋକ୍ତାଙ୍କ ପାଇଁ ସବସିଡି ଅର୍ଥ ରାଶିକୁ ଆହୁରି ବୃଦ୍ଧି କରାଯାଇଛି। ଏଥିରେ ପୂର୍ବରୁ ୧ କିଲୋୱାଟ ସୋଲାର ପ୍ୟାନେଲ ପାଇଁ ଉପଭୋକ୍ତାଙ୍କୁ ୫ ହଜାର ଟଙ୍କା ପ୍ରଦାନ କରିବାକୁ ପଡୁଥିବା ବେଳେ ଏଣିକି ମାତ୍ର ୧୮ ୭୫ ଟଙ୍କା ଦେବାକୁ ପଡ଼ିବ ବୋଲି ଜଣାପଡ଼ିଛି।

### ଘର ସହ ନାବାଳିକାଙ୍କୁ...

ପଛରେ ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସଆଇର ଢାକା ସେଲ୍ ଥିବା ସୂଚନା ମିଳିଛି। ଏପରି ଏକ ସେଲ୍ ହିଁ ଶ୍ରୀଲଙ୍କାରେ ଅସ୍ଥିରତା ସୃଷ୍ଟି କରିଥିଲା। ଏବେ ସେହି ପୁରୁଣା କୌଶଳକୁ ବାଂଲାଦେଶରେ ଆପଣା ଯାଇଛି। ଏହାକୁ ସରକାର ଏବଂ ଆମେରିକା ମଧ୍ୟ ସମର୍ଥନ ଦେଉଛି।

ବାଂଲାଦେଶ ନିର୍ବାଚନ ପୂର୍ବରୁ ଜାଣିଶୁଣି ଏହି ହିଂସା ଆରମ୍ଭ କରାଯାଇଥିବା କୁହାଯାଉଛି। ନିର୍ବାଚନକୁ ଘୁଞ୍ଚାଇବା ପାଇଁ ପାକିସ୍ତାନ ସହ ମିଶି କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସ ଏହି ଷଡ଼ଯନ୍ତ୍ର କରିଛନ୍ତି। ଆଉ ଏହାକୁ ଆମେରିକା ସମର୍ଥନ ମଧ୍ୟ ମିଳିଥିବା କୁହାଯାଉଛି। ସଂଖ୍ୟାଲଘୁ ହିନ୍ଦୁ ଯୁବକଙ୍କୁ ହତ୍ୟା କରି ଜାଳିଦେବା ପରେ ଚରମପନ୍ଥୀ ଏବେ ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନପି)ର ନେତାଙ୍କୁ ନିଶାଣ କରିଛନ୍ତି। ନିର୍ବାଚନୀ ସର୍ଭେରେ ଏହି ପାର୍ଟି ବିଜୟୀ ହେଉଥିବା ଜଣାପଡ଼ିବା ପରେ ବିରୋଧୀ ରକ୍ତଚାଉଳ ଚୋବାଉଛନ୍ତି। ତେଣୁ ଜାଣିଶୁଣି ନିର୍ବାଚନ ଭଣ୍ଡୁର କରିବାକୁ ପ୍ରୟାସ କରୁଛନ୍ତି। ଏହି କ୍ରମରେ ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ୧ଟାରେ ବିକ୍ଷୋଭକାରୀ ଲକ୍ଷ୍ମୀପୁର ସଦର ସ୍ଥିତି ବିଏନପି ନେତା ବିଲାଲ ହୁସେନଙ୍କ ଘରେ ଆକ୍ରମଣ କରିଛନ୍ତି। ବାହାର ପଟୁ ତାଲା ଲଗାଇ ଘର ଜାଳି ଦେଇଛନ୍ତି। ଏହି ହିଂସାର ନିଆଁରେ ବିଲାଲଙ୍କ ସାନ ଝିଅ ଆୟଶା ଅଖତର (୭) ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ହୁସେନଙ୍କ ସମେତ ତାଙ୍କର ଆଉ ଦୁଇ ଝିଅ ସଲମା ଅଖତାର (୧୬) ଏବଂ ସାମିଆ ଅଖତାର (୧୪) ଜଳି ଯାଇଛନ୍ତି। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଦୁଇ ଝିଅଙ୍କୁ ଢାକା ହସ୍ପିଟାଲକୁ ପଠାଇ ଦିଆଯାଇଛି।

ଭାରତ ବିରୋଧୀ ନେତା ଭାବେ ପରିଚିତ ଉସମାନ ହାଦିଙ୍କୁ ଆଜି ରାଷ୍ଟ୍ରୀୟ କବିଙ୍କ ପାର୍ଶ୍ୱରେ କବର ଦିଆଯାଇଛି। ଏହା ପୂର୍ବରୁ ଦ୍ୱିପହର ୨ଟା୩୦ରେ ସଂସଦ ଭବନର ଦକ୍ଷିଣ ପ୍ଲାଜାରେ ହାଦିଙ୍କ ପାଇଁ ନମାଜ କରାଯାଇଥିଲା। ଏଠାରେ ଇନ୍‌କିଲାବ ମଞ୍ଚର ସଚିବ ଅବଦୁଲ୍ଲା ଅଲ ଜାବେର ତାଙ୍କ ସମର୍ଥକଙ୍କୁ ବିକ୍ଷୋଭରେ ସାମିଲ ହେବା ପାଇଁ ଶାହବାଗ ଯିବାକୁ କହିଥିଲେ। ସେ କହିଥିଲେ ଯେ ଆମେ ଶୋକ ମନାଇବାକୁ ଆସିନାହୁଁ। ଆମ ଭାଇ ନ୍ୟାୟ ମାଗିବାକୁ ଆସିଛୁ। ହାଦିଙ୍କୁ ଗୁଳି ମାଡ଼ ଘଟଣାକୁ ସପ୍ତାହେ ବିତି ଯାଇଥିଲେ କାହାକୁ ଗିରଫ କରାଯାଇ ନାହିଁ। ସେ ସରକାରଙ୍କୁ ଏ ନେଇ ୨୪ ଘଣ୍ଟା ଭିତରେ ଜବାବ ମାଗିଛନ୍ତି। ଏହା ମଧ୍ୟରେ ହାଦିଙ୍କୁ ନେଇ ଚାଞ୍ଚଲ୍ୟକର ସୂଚନା ଆସିଛି। ହାଦି ନିର୍ବାଚନରେ କାହାକୁ ସମର୍ଥନ ଦେଉ ନ ଥିଲେ। ସେ ବିଏନପି, ମହମ୍ମଦ ୟୁନୁସ୍ ଏବଂ ଜମାତ-ଇ-ଇସଲାମି ସରକାର ଗଠନ କରୁ ବୋଲି ଚାହୁଁ ନ ଥିଲେ। ଏହି ତିନି ଦଳ ଦୁର୍ନୀତିରେ ଲିପ୍ତ ଥିବା ସେ କହୁଥିଲେ। ତେଣୁ ସେ ନୂଆ ବାଂଲା ଗଢ଼ିବାକୁ ଆହ୍ୱାନ ଦେଇଥିଲେ। ମାତ୍ର ଏହି ଆଭିମୁଖ୍ୟ ତାଙ୍କ ପାଇଁ କାଳ ପାଲଟି ଯାଇଥିଲା। କାରଣ ଆଇଏସଆଇର ଢାକା ସେଲ୍ ଇନକିଲାବ ମଞ୍ଚ ଏବଂ ବିଏନପି ସରକାର ଗଠନ ନ କରୁ ବୋଲି ଚାହୁଁଥିଲା। ପାକିସ୍ତାନ ମହମ୍ମଦ ୟୁନୁସ ଏବଂ ଜମାତକୁ ସମର୍ଥନ ଦେଉଥିଲା। ହାଦିର ଲୋକପ୍ରିୟତା ଏବଂ ନିର୍ବାଚନ ସର୍ଭେରେ ବିଏନପି ସଂଖ୍ୟାଗରିଷ୍ଠତା ପାଉଥିବା ଜଣା ପଡ଼ିବା ପରେ ଆଇଏସଆଇ ହାଦିଙ୍କ ହତ୍ୟା ଷଡ଼ଯନ୍ତ୍ର କରିଥିଲା। ଏହା ପଛରେ ନିର୍ବାଚନ ଘୁଞ୍ଚାଇ ନିଜ ସ୍ଥିତି ମଜବୁତ ଏବଂ ଭାରତକୁ ବଦନାମ କରିବା ଉଦ୍ଦେଶ୍ୟ ଥିଲା।

ଅନ୍ୟପକ୍ଷରେ ଇନକିଲାବ ମଞ୍ଚ ଏବଂ ଜମାତର ଚରମପନ୍ଥୀ ଶୁକ୍ରବାର ବେନାପୋଲର ଭାରତ ସୀମା ପର୍ଯ୍ୟନ୍ତ ମାର୍ଚ୍ଚ କରିଥିଲେ। ସେମାନେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କୁ ଫେରାଇବାକୁ ଦାବି କରିଥିଲେ। ଚଟଗାଁଓର ଚନ୍ଦ୍ରନାଥ ମନ୍ଦିର ବାହାରେ ମଧ୍ୟ ଚରମପନ୍ଥୀ ଧାର୍ମିକ ସ୍ଲୋଗାନ ଦେଇଥିଲେ। ସ୍ଥିତିକୁ ଦେଖି ଭାରତୀୟ ସେନା ସକ୍ରିୟ ହୋଇଯାଇଛି। ବାଂଲାଦେଶ ସ୍ଥିତି ଉପରେ ତୀକ୍ଷଣ ନଜର ରଖିଛି। ଇଷ୍ଟର୍ଣ୍ଣ କମାଣ୍ଡ ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ଆରସି ତିୱାରୀ ମଧ୍ୟ ବାଂଲାଦେଶ ସୀମା ଗସ୍ତରେ ଯାଇଥିଲେ। ଏହା ମଧ୍ୟରେ ଭାରତୀୟ ସ୍ଥଳ ସେନାମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ ଆଜି ଢାକା ସେନାମୁଖ୍ୟଙ୍କ ସହ କଥା ହୋଇଛନ୍ତି। ସେ ଭାରତୀୟ ଦୂତାବାସ ଏବଂ ଅନ୍ୟ ସମ୍ପତ୍ତିର ସୁରକ୍ଷା ନେଇ ଗ୍ୟାରେଣ୍ଟି ଦେଇଛନ୍ତି। ଏହା ମଧ୍ୟରେ ବାଂଲାଦେଶ ସରକାର ହାଦିଙ୍କ ହତ୍ୟାରେ ସାମିଲ ୭ ଜଣଙ୍କୁ ଗିରଫ କରିଛନ୍ତି। ତେବେ ହିଂସା ଆରମ୍ଭ ସମୟରେ ସରକାର ଏହାକୁ ଅଟକାଇବା ପାଇଁ କୌଣସି ପଦକ୍ଷେପ ନେଇ ନଥିଲେ। ସେନା ଏବଂ ପୁଲିସକୁ ଘଟଣାସ୍ଥଳକୁ ପଠାଇ ନ ଥିଲେ ବୋଲି ଜଣାପଡିଛି। କାରଣ ସେ ଫେବୃଆରୀ ୧୨ରେ ହେବାକୁ ଥିବା ନିର୍ବାଚନ ଘୁଞ୍ଚାଇବାକୁ ଚାହୁଁଛନ୍ତି। ଆୱାମୀ ଲିଗକୁ ନିଷିଦ୍ଧ କରାଯାଇଥିବାବେଳେ ବିଏନପିକୁ ସେ ସମର୍ଥନ ଦେଉନାହାନ୍ତି। ୟୁନୁସ ଆମେରିକା ଏବଂ ପାକିସ୍ତାନ ସମର୍ଥନରେ ଚିର ଦିନ ପାଇଁ ରାଜ କରିବାକୁ ଚାହୁଁଛନ୍ତି। ତେଣୁ ସେ ଅରାଜକତାକୁ ପ୍ରୋତ୍ସାହନ ଦେଉଥିଲେ।

### ୫ ବର୍ଷରେ କଟିଛି...

ଏହି ଦୁଇଟି ରାଜ୍ୟକୁ ବାଦ୍ ଦେଲେ ଓଡ଼ିଶା, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ ଓ ରାଜସ୍ଥାନରେ ମଧ୍ୟ ସର୍ବାଧିକ ଜବ କାର୍ଡ ହଟାଯାଇଛି। ଓଡ଼ିଶାରେ ୪୧ ଲକ୍ଷ୬୦ ହଜାର ଜବକାର୍ଡ କଟାଯାଇଥିବା ବେଳେ ମଧ୍ୟପ୍ରଦେଶରେ ୩୨ ଲକ୍ଷ ୭୦ ହଜାର, ପଶ୍ଚିମବଙ୍ଗରେ ୨୪ ଲକ୍ଷ ୨୦ ହଜାର ଓ ରାଜସ୍ଥାନରେ ୧୦.୫ ଲକ୍ଷ ଜବ କାର୍ଡ କଟାଯାଇଛି। କଟାଯିବାର ଏହି ପ୍ରକ୍ରିୟା ନିୟମିତ ଭାବେ କରାଯାଇଥାଏ।

### 'ପ୍ରତୀକ୍ଷା କେନ୍ଦ୍ର'ରେ ତାଲା...

କାକରରେ ଛିଡ଼ା ହେବାକୁ ବାଧ ହେଉଥିବା ଦୃଶ୍ୟ ଦେଖିବାକୁ ମିଳିଛି ଏମସ୍ ନିକଟ ଡୁମୁଡୁମା ରାସ୍ତା କଡ଼ରେ।

ସୂଚନା ଅନୁସାରେ, ଶ୍ରମିକମାନଙ୍କ ସୁବିଧା ନିମନ୍ତେ ଭୁବନେଶ୍ୱରର ୨ଟି ସ୍ଥାନ ଯଥା ଡୁମୁଡୁମା ଓ କଳ୍ପନାରେ ନିର୍ମାଣ କରାଯାଇଛି 'ଶ୍ରମିକ ପ୍ରତୀକ୍ଷା କେନ୍ଦ୍ର'। ବିଡିଏ ପକ୍ଷରୁ ନିର୍ମାଣ କରାଯାଇଥିବା ଏହି ପ୍ରତୀକ୍ଷା କେନ୍ଦ୍ର ବିଏମସିକୁ ହସ୍ତାନ୍ତରିତ କରାଯାଇଛି। ଏହି ଦୁଇଟି କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତ ଶ୍ରମିକ ଦିବସରେ ଉଦ୍‌ଘାଟନ କରିଥିଲେ। ଶ୍ରମଜୀବୀମାନଙ୍କ ଗାରିମା ବୃଦ୍ଧିରେ ସହାୟକ ହେବା ଉଦ୍ଦେଶ୍ୟରେ ନିର୍ମିତ ଡୁମଡୁମାସ୍ଥିତ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରାଯିବାର ପ୍ରାୟ ୭ମାସ ବିତିଯାଇଥିଲେ ମଧ୍ୟ ଏଯାଏ ତାହା ଶ୍ରମିକଙ୍କ କାମରେ ଲାଗିପାରିଲା ନାହିଁ। କାରଣ ଉଦ୍‌ଘାଟନ ଦିନରୁ ଏଠାରେ ତାଲା ଝୁଲୁଛି। ପୂର୍ବଭଳି ସକାଳୁ ସକାଳୁ ରାସ୍ତାରେ ଭିଡ଼ ଜମୁଛି। ତେବେ ପ୍ରାୟ ୧ କୋଟି ଟଙ୍କା ବ୍ୟୟବରାଦରେ ନିର୍ମିତ ଏହି କେନ୍ଦ୍ରରେ ଶ୍ରମଜୀବୀମାନଙ୍କ ପାଇଁ ସାମୟିକ ଆଶ୍ରୟସ୍ଥଳୀ ସୁବିଧା ରହିଛି। ଯେଉଁଠି ଉଭୟ ମହିଳା ଓ ପୁରୁଷ ପ୍ରାୟ ୪ଶହରୁ ଉର୍ଦ୍ଧ୍ୱ ଶ୍ରମଜୀବୀମାନେ ଆଶ୍ରୟ ନେଇପାରିବେ। ସେହିପରି କେନ୍ଦ୍ର ପରିସରରେ ଏକ ଦୋକାନ ଘର ରହିଛି, ଯେଉଁଠାରେ ଚା, ପାନ, ଜଳଖିଆ ଆଦି ଆବଶ୍ୟକୀୟ ଖାଦ୍ୟ ସାମଗ୍ରୀ ଉପଲବ୍ଧ ସମେତ ପାନୀୟ ଜଳ,ଶୌଚାଳୟ ଏବଂ ପାର୍କର ମଧ୍ୟ ସୁବିଧା ରହିଛି। ହେଲେ ଏଯାଏ ତାହା କାର୍ଯ୍ୟକାରୀ ହେଉନଥିବାରୁ ସ୍ଥାନୀୟ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ୱାର୍ଡର କର୍ପୋରେଟର ରଶ୍ମିରଞ୍ଜନ ପାଟଶାଣୀ କହିଛନ୍ତି, ଏହି କେନ୍ଦ୍ରରେ ରହିଥିବା ଶୌଚାଳୟର ସଫାସୁତୁରା ଓ ପରିଚାଳନା ଠିକ୍ ଭାବେ କରାଯିବା ଜରୁରୀ ହୋଇଥିବା ବେଳେ ଏଥିପାଇଁ କାହାରିକୁ ନିଯୁକ୍ତି କରାଯାଇନାହିଁ। ସେହିପରି ପାର୍କର ଦାୟିତ୍ୱ ଏବଂ କେନ୍ଦ୍ର ସୁରକ୍ଷା ନିମନ୍ତେ ସୁରକ୍ଷାକର୍ମୀଙ୍କୁ ନିଯୁକ୍ତି କରାଯିବା ପରେ ଏହାକ କାର୍ଯ୍ୟକ୍ଷମ ହେବ। ଏଥିପାଇଁ ଏକ ଘରୋଇ ସଂସ୍ଥାକୁ କାର୍ଯ୍ୟ ହସ୍ତାନ୍ତର କରାଯାଇଛି। ଖୁବଶିଘ୍ର ଉକ୍ତ ସଂସ୍ଥା ନିଯୁକ୍ତି କରିବାକୁ ଆଲୋଚନା ହୋଇଛି। ଏହାପରେ ସପ୍ତାହେ କି ୨ସପ୍ତାହ ମଧ୍ୟରେ ଏହି କେନ୍ଦ୍ର ଖୋଲାଯାଇ ବ୍ୟବହାର କରାଯିବ। ପ୍ରତିଦିନ ସକାଳ ୬ଟାରୁ ସନ୍ଧ୍ୟା ୫ଟା ଯାଏ ଏହି କେନ୍ଦ୍ର ଖୋଲା ରହିବ ବୋଲି ସୂଚନା ରହିଛି।

ସେହିପରି କଳ୍ପନାରେ ନିର୍ମିତ ଏହି ପ୍ରତୀକ୍ଷା କେନ୍ଦ୍ର ଯଦିଓ ଖୋଲା ରହିଛି କିନ୍ତୁ ଏହାକୁ ସଠିକ୍ ଭାବେ ପରିଚାଳନା କରାଯାଉନଥିବା ଅଭିଯୋଗ ହୋଇଛି। ଏଠାରେ କେହି ସୁରକ୍ଷାକର୍ମୀ ନଥିବାରୁ ସନ୍ଧ୍ୟା ହେଲେ ଶ୍ରମିକ ପ୍ରତୀକ୍ଷା କେନ୍ଦ୍ର ପାଲଟୁଛି ନିଶାଡିଙ୍କ ଆଡ୍ଡାସ୍ଥଳୀ। ତେଣୁ ଯଥାଶିଘ୍ର ବିଏମସି ଏହାର ପରିଚାଳନା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସ୍ଥାନୀୟ ଶ୍ରମିକମାନେ ନିବେଦନ କରିଛନ୍ତି।

### ଦାଦନଗଡ଼ରେ ଶ୍ରମିକଙ୍କ...

କେରଳରେ ୨ଜଣ, ତାମିଲନାଡୁରେ ୬ ଓ ଆନ୍ଧ୍ର ପ୍ରଦେଶରେ ୭ଜଣ ଶ୍ରମିକ ନିଜ ଜୀବନ ହାରିଥିବା ଅତିରିକ୍ତ ଶ୍ରମ ଅଧିକାରୀ ଶୁଭଲକ୍ଷ୍ମୀ ବେହେରା ସୂଚନା ଦେଇଛନ୍ତି। ଗଞ୍ଜାମ ଜିଲ୍ଲାରୁ ଦେଶର ବିଭିନ୍ନ ରାଜ୍ୟକୁ ପ୍ରତିଦିନ ଶହ ଶହ ଶ୍ରମିକ ଚାଲାଣ ହେଉଛନ୍ତି। ଶେରଗଡ଼, ହିଞ୍ଜିଳି, ଭଞ୍ଜନଗର ଓ ଆସିକା ସମେତ ଅନ୍ୟାନ୍ୟ ବ୍ଲକ୍‌ରୁ ଦଲାଲ୍ ମାନେ ବେଧଡ଼କ ଭାବେ ଗୁଜରାଟ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଓ ତାମିଲନାଡୁ ଭଳି ବିଭିନ୍ନ ରାଜ୍ୟକୁ ଯୁବକଯୁବତୀଙ୍କୁ କାମ ଲାଳସା ଦେଖାଇ ନେଉଛନ୍ତି। ଦୁଃଖର ବିଷୟ ହେଉଛି କର୍ମ ସଂସ୍ଥାରେ ନିୟୋଜିତ ପରେ ଶ୍ରମିକଙ୍କୁ କାର୍ଯ୍ୟ କ୍ଷେତ୍ରରେ ଆବଶ୍ୟକ ମୁତାବକ ପ୍ରତିକାରକ ମୂଳକ ପଦକ୍ଷେପ କିମ୍ବା ସ୍ୱାସ୍ଥ୍ୟ ସେବା ଜନିତ ମିଳୁନଥିବାରୁ ଅକାରଣରେ ପ୍ରାଣ ହରାଉଛନ୍ତି। ଫଳରେ କର୍ମ ସନ୍ଧାନରେ ଯାଇ ମର ଶରୀର ଭିଟାମାଟିକୁ ଫେରୁଛି। ଦୁର୍ଭାଗ୍ୟର ବିଷୟ ମୃତ୍ୟୁବରଣ କରିଥିବା ୨୪ଜଣଙ୍କ ମୃତ୍ୟୁ ଶ୍ରମଙ୍କ ମଧ୍ୟରୁ ମାତ୍ର ଜଣେ ଶ୍ରମିକଙ୍କ ଶ୍ରବ କାଡର୍ ରହିଛି। ବିଭିନ୍ନ ସମୟରେ ତୃଣମୂଳ ସ୍ତରରେ ବିଭାଗର ସଚେତନତା ଅଭାବ କାରଣରୁ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହେଉନଥିବା ସହ ଏହାର ଲାଭ ପାଉପାରୁ ନାହାନ୍ତି। ଅନ୍ୟପକ୍ଷେ ଜିଲ୍ଲାରେ ସଚେତନତା ଅଭାବରୁ ଶ୍ରମିକ ମାନେ ପଞ୍ଜୀକରଣ କରୁନଥିବାରୁ ମୃତ୍ୟୁକାଳୀନ ସହାୟତା ରାଶି ମଧ୍ୟ ମିଳିପାରୁନାହିଁ। ଶ୍ରମିକ ମାନଙ୍କୁ ଚାଲାଣ କରୁଥିବା ପଞ୍ଜୀକୃତ ଦଲାଲଙ୍କ ସୂଚୀ ବିଭାଗ ପାଖରେ ଉପଲବ୍ଧ ନାହିଁ। ଯଦ୍ୱାରା ଜିଲ୍ଲର କେଉଁ ପଞ୍ଚାୟତରୁ କେତେ ଲୋକ ଦାନ ଖଟିବାକୁ କେଉଁ କେଉଁ ରାଜ୍ୟକୁ ଯାଉଛନ୍ତି ତାହାର ହିସାବ ରହୁନି। ଏହା ଦ୍ୱାରା ଦିନକୁ ଦିନ ଗଞ୍ଜାମ ଜିଲ୍ଲାରେ ଦାଦନ ଦୁଃଖ କମୁନଥିବା ବେଳେ ଶ୍ରମିକଙ୍କ ମୃତ୍ୟୁ ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନେଇ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଏଥିପ୍ରତି ଶ୍ରବ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଧ୍ୟାନ ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ଅପରପକ୍ଷେ ପଞ୍ଜିକୃତରୁ ବାଦ ପଡ଼ିଥିବା ଶ୍ରମିକଙ୍କ ମୃତ୍ୟୁ ହିସାବ ବିଭାଗ ପାଖରେ ରହୁନି। ବର୍ଷକୁ ଶତାଧିକ ଦାଦନଙ୍କ ମୃତ୍ୟୁ ହେଉଥିବା ବେଳେ ସରକାରୀ ସ୍ତରରେ ଏହାର ତଥ୍ୟ ରହୁନଥିବା ପରିତାପର ବିଷୟ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

**OFFICE OF THE DIVISIONAL FOREST OFFICER, ATHMALLIK FOREST DIVISION.**
**AT/PO: ATHMALLIK, DIST-ANGUL-759125.** MM-404
E-mail: dfoathmallikt@gmail.com Mob: +91 9437004236.
Letter No. 5966/1F Section/ (55/2025-26) / Dt. 17. Dec., 2025
**INVITATION FOR BIDS (IFB)**
**E- Procurement Bid Identification No. DFO(ALK)-FE & CC-02/2025-26**

1. The Divisional Forest Officer, Athmallik, Odisha on behalf of Governor of Odisha, invites percentage rate in Single cover system in ONLINE MODE only, for the work **Construction of staff barrack at Ghodagadi under Madhapur Range.**
2. Nature of Work : Building Works
3. Class of Contractor : C&D Class
4. Estimated Cost : **1504726.00**
5. Completion Period : 2.5 Calendar Months
6. Availability of Bid Documents : 22.12.2025 (11.00 AM) to 04.01.2026(05.00 PM)
7. Last Date for Receipt of Bids : 04.01.2026 up to 05.00 PM
8. Opening of Bids : 05.01.2026 at 11:30 AM

Furter details can be seen from the e-Procurement portal www.tendersodisha.gov.in. The Addendum/ Corrigendum/Cancellation of tender, if any, will be hosted on the website only.

Sd/-
Divisional Forest Officer
Athmallik Forest Division
OIPR-08125/11/0025/2526

**INTEGRATED TRIBAL DEVELOPMENT AGENCY, KORAPUT, DIST: KORAPUT (GOVT. OF ODISHA)**
CAD-2784
**TENDER CALL NOTICE**
**Bid Identification No: PA (ITDA) -KPT- 06/25-26**
**Letter No: 4173 /Dated: 19/12/2025**

| Sl. No. | Particulars | Date | Time |
|---|---|---|---|
| 01 | Dale of Publication | 19.12.2025 | 10.00 AM |
| 02 | Last date for receipt of Hard Copies to this office (Through Registered Post / Speed Post). | 03.01.2026 | 5.30 PM |
| 03 | Date of Opening of Bid & Finalization / Selection of Bidder | 06.01.2026 | 11.00 AM |

1. The Project Administrator, ITDA, KORAPUT on behalf of Governor of Odisha invites Percentage rate tenders under I.T.D.A Koraput from the eligible class "B", "C" & "D" contractors and must submit experience certificate of the same failing which bid will be rejected.
2. The Tender Paper can be purchased online from tendersodisha.gov.in from I.T.D.A Koraput.
3. The Bidder or Authorize representative must attend this Office on 06.01.2026 as the Bid will be finalize on the same day.
4. The undersigned reserves all the right to reject / cancel any or all of the Bids without assigning any reason thereof.

Project Administrator
I.T.D.A., Koraput
OIPR-19271/11/0006/2526

**THE ORISSA MINERALS DEVELOPMENT COMPANY LTD.**
(A Government of India Enterprise)
CIN: L51430OR1918GOI034390
Regd. Office: Ground Floor, SAIL Building, Plot-271, Bidyut Marg, Unit-IV, Shastri Nagar, Bhubaneswar, Khordha, Odisha, India-751001
Email: info.birdgroup@birdgroup.co.in, Website: www.birdgroup.co.in

**STATEMENT OF UNAUDITED STANDALONE FINANCIAL RESULTS FOR THE HALF YEAR ENDED 30th SEP'2025 - IND-AS COMPLIANT**
(Rs.in Lakhs)

| SL. NO. | PARTICULARS | Half Year Ended | | Year Ended |
|---|---|---|---|---|
| | | 30.09.2025 | 30.09.2024 | 31.03.2025 |
| | | (Reviewed) | | (Audited) |
| 1 | Total Income from Operation / Other Income | 4,744.05 | 3,858.04 | 7,100.17 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 47.96 | (88.63) | (4,840.40) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 47.96 | (88.63) | (4,840.40) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | 47.96 | (88.63) | (4,840.40) |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | 35.49 | (128.68) | (4,022.39) |
| 6 | Paid up Equity Share Capital | 60.00 | 60.00 | 60.00 |
| 7 | Reserves (Excluding revaluation reserve) as shown in the audited balance sheet of the previsous year | (5,182.31) | (1,262.60) | (5,217.81) |
| 8 | Net Worth | (5,122.31) | (1,202.60) | (5,157.81) |
| 9 | Earning per share (of Re. 1/-each) (for continuing and discontinued operations):- | | | |
| | 1. Basic: | 0.59 | (2.14) | (67.04) |
| | 2. Diluted | 0.59 | (2.14) | (67.04) |

1. The above results of the Company were approved by the Board of Directors at their respective meetings held on 19th December'2025.
2. The above is the extract of the detail format of Annual Financial Result filed with the Stock Exchange under Regulation 33 of the SEBI (Listing Obligations and Disclosure Requirements) Regulations, 2015. The full Format of the Annual Financial Results are available on the Company's Website: www.birdgroup.co.in, the NSE (www.nseindia.com), the BSE (www.bseindia.com) and the CSE (www.cse-india.com).

Place: Bhubaneswar
Date: 19th December'2025

For and on behalf of the Board of Director
Sd/-
(Vasudha Chandra Suratkal)
Managing Director

**AFFIDAVIT**
By virtue of an affidavit sworn before the Notary Public, Sonepur, dtd.20.12.2025, I, SUCHITRA MAHAKUD, At- Sindurpuri, P.O. Khakata, P.S. Manamunda, Dist. Boudh hereby declare that my correct name is SUCHITRA MAHAKUD. but in my Voter Card It is mentioned as LIPSARANI MAHAKUD. That both the name s are refer to same and one person i.e. myself. Henceforth I shall be known as **SUCHITRA MAHAKUD** for all purposes.
**Sd/- SUCHITRA MAHAKUD**

**AFFIDAVIT**
I, Dasarath Aditya Murmu, aged about 37 years, S/o- Surai Majhi, resident of Balaram Bihar, Jubuli Town, Dhenkanal Sadar, Po- Dhenkanal, Ps- Dhenkanal, Dist- dhenkanal, Odisha, Pin- 759001, declare by this affidavit No. 2571, dtd- 20/12/2025, that now onwards I shall be known as **ADITYA MAJHI** for all future purposes.

**AFFIDAVIT**
By virtue of an Affidavit sworn before the Executive Magistrate, Bhubaneswar dated 15/12/2025. I, Sasmi Rekha Mohapatra, W/O. Sunil Kumar Panda, R/o. Plot No.249/2439, Barabari, Jagamara, Ps- Khandagiri, BBSR-751030, Dist- Khordna, Odisha, declare by this affidavit. that, now onwards I shall be known as **'Sashmirekha Mohapatra'** for all future purposes

**AFFIDAVIT**
I, Surai Murmu, aged about 74 years, S/o- Dasa Mathi, resident of Balaram Bihar, Jubuli Town, Dhenkanal Sadar, Po- Dhenkanal, Ps- Dhenkanal, Dist- Dhenkanal, Odisha, Pin- 759001, declare by this affidavit No. 2572, dtd- 20/12/2025, that now onwards I shall be known as **SURAI MAJHI** for all future purposes.

**AFFIDAVIT**
By virtue of an affidavit sworn before the Notary Public, Sonepur, dtd.19.12.2025, I, JANGYASINI BAGH, At- Bankbija, P.O. S. Kalapathar, P.S. Sonepur, Dist. Subarnapur hereby declare that my correct name is JANGYASINI BAGH and DOB is 17.06.1989. It is clarified that the name JAINASENI BAGH and date of birth 01.01.1988 appearing in my Aadhaar Card pertain to myself only due to clerical error. Henceforth, **JANGYASINI BAGH (DOB: 17.06.1989)** shall be treated as correct for all purposes.

**AFFIDAVIT**
By virtue of an affidavit No.2533 before the Executive Magistrate, Sukinda, Jajpur, dtd. 11.09.2025. I, CHANCHALA MOHANTA, W/o- Budhiram Mohanta, of Vill- Sansailo Tata Colony, P.O. Sansailo, P.S. Sukinda, Dist.- Jajpur declare that my correct name is CHANCHALA MOHANTA & DOB is 01.04.1964 but in my Aadhar card bearing no. 578276803340 it is mentioned as CHANCHAKLA MOHANTA and DOB 01.01.1943. Henceforth, **CHANCHALA MOHANTA, DOB: 01.04.1964** shall be treated as correct for all purposes.

**AFFIDAVIT**
By virtue of an affidavit (CF No. 01, dtd- 20/12/2025) sworn before the Executive Magistrate, Padampur. I, **Abhikesh Chhatar,** S/o- Phulkumar Chhatar, permanent & current resident of AT- Angul, PO- Dava, Dist- Bargarh, PIN- 768042, Odisha declare that I have changed my name from **Abhisek Chhatar to Abhikesh Chhatar.** Henceforth, I shall be known as **Abhikesh Chhatar** (new name) for all purposes.
**Abhikesh Chhatar**

**AFFIDAVIT**
By virtue of an affidavit sworn before the Notary Public, Sonepur, dtd.15.12.2025, I, Dwitikrushna Badamali, At- Kadodar, P.O. Kadodar, P.S. Birmaharajpur, Dist. Subarnapur hereby declare that I have changed my name from Ditikrushna Badamali to Dwitikrushna Badamali. Henceforth I shall be known as **Dwitikrushna Badamali** for all purposes.
**Sd/- Dwitikrushna Badamali**

**LOST**
I, **Saroj Kumar Sahu,** S/o- Jagadananda Sahu, resident of Vill/PO: Purena, PS/Teh: Padampur, Dist: Bargarh, Odisha do hereby declare that, the original Regd. Sale Deed bearing No. 10171401541 dtd- 31.07.2014 & the original patta of M.S.R.O.R Khata No. 152/339 (Issue dtd. 23.09.2021) Mouza- Purena, PS- Padampur, Dist: Bargarh has been lost somewhere while I was going from my house at Purena to Padampur on dt. 29/10/2025. If anyone finds it kindly contact to my address. If anyone will misutilize it, we will not be responsible for it.
**Saroj Kumar Sahu**

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, vide no 1266, dated 19.12.2025 I, BALMATI MUDULI, W/o - Binod Muduli , Residences of Village - Charamula, Po- Charamula, Ps- Tentulikhunti, Dist - Nabarangpur, Odisha, Pin - 764070, declare that I have changed the name of my Daughter from RASAMATI MUDULI to ANJANA MUDULI. Henceforth, she shall be known as **ANJANA MUDULI** for all purposes.
**Sd/- Balmati Muduli**

**AFFIDAVIT**
By virtue of an affidavit (CF No. 41) sworn before The Notary Public, Jharsuguda dated- 03/12/2025. I, **Sudish Sah,** S/o- Mahesh Sah, resident of Near Durga Mandir, Beheramal, P.O. Industrial Estate, Jharsuguda, Odisha, do hereby declare that my name has been wrongly mentioned as **Sudishta Sah** in the Aadhaar Card and PAN Card of my son, **Chunnu Kumar.** I clarify that **Sudish Sah, Sudisti Sah** and **Sudishta Sah** all refer to one and the same.

**AFFIDAVIT**
By virtue of an Affidavit before the Court of the Executive Magistrate, Angul, **I, Reeta Behera,** W/o.: Ghadisen Behera, resident of At/PO.: Natada, PS: Angul Sadar, Dist.: Angul, Odisha-759123, declare by this Affidavit No.: 6239, Dated: 20.12.2025 that I have changed my name from **Rupa Behera** to **Reeta Behera**. Henceforth I shall be known as **Reeta Behera** for all future purposes.

**LOST**
By virtue of an affidavit sworn before the Notary, Angul, dtd- 19.12.2025, I, **Koushal Kishorre Agrawalla,** 55 years, S/o- Late Bipin Kumar Agrawalla, resident of Vill- Shanti Bazar, Angul Town, Po/Ps/Dist- Angul, PIN- 759122, Odisha declare that vide Khata No. 151, Plot No.1383, Area Ac.0.26 dec, Kissam Sarad-I of Mouza Hulurisingha. The registered Sale Deed bearing No. 10011502681 has been lost. I shall not be held responsible for any misuse of the same.
**Koushal Kishorre Agrawalla**

**ADMISSION NOTICE-2025-26**
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
*Campus:*
262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com
• **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• **D. Pharm** Rs. 48,000/- P.A. Eligibility: +2 Sc. (PCB/M)
• **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
• **M.P.H.** Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL

**ହଜିଛି**
ମୁଁ, ବିଭୁତି ଭୂଷଣ ସାହୁ, ପିତା: ସ୍ୱ ଗୌରାଙ୍ଗ ସାହୁ, ବାସସ୍ଥାନ: ସତଲମା, ଥାନା: ବରପାଲି, ଜିଲ୍ଲା: ବରଗଡ, ବୟସ: ୬୩ ବର୍ଷ, ଏତଦ୍ୱାରା ଶପଥପାଠ ମାଧ୍ୟମରେ ଘୋଷଣା କରୁଅଛି କି, ମୋ ପରିବାରର ମୂଳ "ପଟ୍ଟା" ଦର୍ଶିତ ମୌଜା: ସତଲମା, ତହସିଲ: ବରପାଲି, ଖାତା ନଂ.: ୧୨୫, କ୍ଷେତ୍ର: ଏକର ୫.୭୫ ଡିସିମିଲି, ବରପାଲି ଠାରେ ତା.୧୬.୧୨.୨୦୨୫ରିଖରେ କେଉଁଠାରେ ହଜି ଯାଇଛି। କଥିତ ଦଲିଲ୍‌କୁ ମୁଁ କୌଣସି ଉଦ୍ଦେଶ୍ୟରେ ବ୍ୟବହାର କରି ନାହିଁ। ଯଦି ଭବିଷ୍ୟତରେ ମୁଁ ଏହାକୁ ପାଏ, ତାହାକୁ ବ୍ୟାଙ୍କ ଅଫ୍ ବରୋଦା ବରପାଲିରେ ଜମା ଦେବି। ଯଦି କୌଣସି ବ୍ୟକ୍ତି ଏହି ଦଲିଲ୍ ପାଆନ୍ତି ତେବେ ନିମ୍ନଲିଖିତ ଆଇନଗତ ଉତ୍ତରାଧିକାରୀଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ। (୧) ବିଭୁତି ଭୂଷଣ ସାହୁ: ୯୮୬୧୪୨୭୯୧୦, (୨) ସୁଧିର କୁମାର ସାହୁ: ୯୯୩୮୭୨୯୪୬୫, (୩) ବିବେକାନନ୍ଦ ସାହୁ: ୯୯୩୭୪୩୭୩୨୨

### ଯାଜପୁର ଜିଲ୍ଲାପାଳଙ୍କୁ ଚିଠି କଲେ ଜଗତସିଂହପୁର ଜିଲ୍ଲାପାଳ

## ‘ଖଣି ଉପନିର୍ଦ୍ଦେଶକଙ୍କ ଦରମା ବନ୍ଦ କର’

**ଜଗତସିଂହପୁର,୨୦।୧୨(ସମିସ):** ଜଗତସିଂହପୁର ଜିଲ୍ଲାରେ ବିଭିନ୍ନ ବାଲିଘାଟରେ ବାଲି ମାଫିଆଙ୍କ ଦ୍ୱାରା ବ୍ୟାପକ ପରିମାଣରେ ବାଲି ଚୋରାଚାଲାଣ ହେଉଥିବା ବେଳେ ଗତ ନଭେମ୍ବର ୨୫ ତାରିଖରେ କିଲିପାଳ ଏବଂ ଡିସେମ୍ବର ୧୧ ତାରିଖରେ ଜୟପୁର ଘାଟରେ ପ୍ରଶାସନ ପକ୍ଷରୁ ଚଢ଼ଉ ହୋଇଥିଲା। ଏହି ଚଢ଼ଉରେ ୭୫ରୁ ଅଧିକ ହାଇୱା ଏବଂ ୫ରୁ ଅଧିକ ବାଲି ଉଠା ମେସିନ ଜବତ ସହିତ ୧୦ରୁ ଊର୍ଦ୍ଧ୍ୱ ଡ୍ରାଇଭର ଅଟକ ରହିଥିଲେ। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ଯାଜପୁର ଖଣି ସର୍କଲର ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ତାଙ୍କ ଅଧୀନସ୍ଥ ଚୋରାଚାଲାଣ ହେଉଥିବା ବାଲିଘାଟ ପରିଦର୍ଶନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଶ୍ରୀ ନାୟକ ଏଥିପ୍ରତି ଗୁରୁତ୍ୱ ଦେଇନଥିଲେ କିମ୍ବା ଜଗତସିଂହପୁର ମଧ୍ୟ ଆସିନଥିଲେ। ଏହାଦ୍ୱାରା ଖଣି ଉପ ନିର୍ଦ୍ଦେଶକ ଶ୍ରୀ ନାୟକ ନିଜ କର୍ତ୍ତବ୍ୟରେ ଅବହେଳା କରିବା ସହିତ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିଲେ। ଫଳରେ ଗତ ୧୬ ତାରିଖରେ ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ ଯାଜପୁର ସର୍କଲ ଖଣି ଉପନିର୍ଦ୍ଦେଶକ ଶ୍ରୀ ନାୟକଙ୍କ ନିଲମ୍ବନ ପାଇଁ ରାଜ୍ୟ ଖଣି ବିଭାଗର ଅତିରିକ୍ତ ଶାସନ ସଚିବଙ୍କୁ ସୁପାରିଶ କରିଥିଲେ। ଆଜି ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ ଖଣି ଉପନିର୍ଦ୍ଦେଶକ ଶ୍ରୀ ନାୟକଙ୍କ ଦରମା ବନ୍ଦ କରିବା ପାଇଁ ଯାଜପୁର ଜିଲ୍ଲାପାଳଙ୍କୁ ଚିଠି ଲେଖିଥିବା ସୂଚନା ମିଳିଛି।

## ପାରାଦୀପ ପୋର୍ଟ ଡିଏଭି ସ୍କୁଲ୍‌ର କ୍ରୀଡ଼ା ଉତ୍ସବ



**ପାରାଦୀପ,୨୦।୧୨(ସମିସ):** ପାରାଦୀପ ପୋର୍ଟ ଡିଏଭି ପବ୍ଲିକ୍ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଆଜି ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମଠାରେ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବନ୍ଦର ସିଆଇଏସ୍ଏଫ୍‌ର କମାଡାଣ୍ଟ ସନ୍ତ କୁମାର ପଟେଲ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅଧ୍ୟକ୍ଷା ବିନ୍ଦୁଶ୍ରୀ ମହାନ୍ତି ଉକ୍ତ ଉତ୍ସବରେ ସଂଯୋଜନା କରିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ସୌଭାଗିନୀ ପାଢ଼ୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀ ବିଭିନ୍ନ ଇଭେଣ୍ଟରେ ଅଂଶଗ୍ରହଣ କରି ନିଜର କଳା ପ୍ରଦର୍ଶନ କରିଥିଲେ। ଦଶମ ଶ୍ରେଣୀର ଛାତ୍ରୀ ଶୁଭ୍ରା ସମୀକ୍ଷା ଦାସ, ଅଷ୍ଟମ ଶ୍ରେଣୀର ଛାତ୍ରୀ ମଧୁସ୍ମିତା ସାହୁ, ସପ୍ତମ ଶ୍ରେଣୀର ଛାତ୍ର ରାଜେଶ ସ୍ୱାଇଁ ଏବଂ ଷଷ୍ଠ ଶ୍ରେଣୀର ଛାତ୍ର ସୋମେଶ ସାହୁ ଚାମ୍ପିଆନ୍ ହୋଇଥିଲେ। ସତ୍ୟ, ଶାନ୍ତି, ଜ୍ଞାନ ଓ ନିଷ୍ଠା ହାଉସ୍‌ର ଛାତ୍ରଛାତ୍ରୀଙ୍କ ଦ୍ୱାରା ପରେଡ୍ ଏବଂ ଡ୍ରିଲ୍ କରାଯାଇଥିଲା। ଶେଷରେ ସଂଯୋଜକ ହୃଷୀକେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲର ବାର୍ଷିକୋତ୍ସବ



**ତିର୍ତ୍ତୋଲ,୨୦।୧୨(ସମିସ):** ତିର୍ତ୍ତୋଲସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକୋତ୍ସବ ‘ତରଙ୍ଗ-୨୦୨୫’ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମନସ୍ୱିନୀ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବର ପ୍ରାରମ୍ଭରେ ବିଦ୍ୟାଳୟର ଅଧ୍ୟକ୍ଷା ପ୍ରିୟଦର୍ଶିନୀ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ତିର୍ତ୍ତୋଲ ଆଦିକବି ସାରଳା ଦାସ ମହାବିଦ୍ୟାଳୟ ଅବସରପ୍ରାପ୍ତ ରସାୟନ ବିଜ୍ଞାନ ପ୍ରାଧ୍ୟାପକ ଡ. କ୍ଷୀରୋଦ କୁମାର ଓଝା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ଅମିତାଭ ସ୍ୱାଇଁ ଯୋଗଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଜୀବନ ବଲ୍ଲଭ ସାହୁ ଓ ନିର୍ଦ୍ଦେଶକ ସରୋଜ କାନ୍ତ ମହାନ୍ତି ଯୋଗଦେଇଥିଲେ। ସାଇ ଋତୁପର୍ଣ୍ଣା ଓ ଆଦ୍ୟାସାଙ୍କ ସଂଯୋଜନାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ସୁଦୀପ୍ତ ଲେଙ୍କା ଓ ମିନର୍ଭା ମହାନ୍ତିଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଦୁଇ ବାଇକ୍ ଧକ୍କାରେ ୪ ଗୁରୁତର

**ରଘୁନାଥପୁର, ୨୦।୧୨(ସମିସ):** ରଘୁନାଥପୁର ବ୍ଲକ ଅନ୍ତର୍ଗତ ରଘୁନାଥପୁର ବଜାର ଥାନା ସାମନାରେ ଶନିବାର ରାତ୍ରି ୧୦ ଘଟିକା ସମୟରେ ଦୁଇ ବାଇକ୍ ମୁହାମୁହିଁ ଧକ୍କା ହେବା ଫଳରେ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଗୁରୁତର ଅବସ୍ଥାରେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜରୁରୀକାଳୀନ ଚିକିତ୍ସା କରାଯାଇ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଘଟଣାରୁ ପ୍ରକାଶ ଯେ କଟକ ପଟୁ ଆସୁଥିବା ଯୁବକ ଦୁଇଜଣ ହେଲେ ରଘୁନାଥପୁର ଥାନା ଅନ୍ତର୍ଗତ କୋଟକଣା ଗ୍ରାମର ଦିବାକର ବିଶ୍ୱାଳଙ୍କ ପୁଅ ରାଜୀବ ବିଶ୍ୱାଳ ବୟସ (୨୯), ଅନ୍ୟ ଜଣେ ହେଲେ ସେହି ଗ୍ରାମର ଅମର ପୃଷ୍ଟିଙ୍କ ପୁଅ ରଘୁନାଥ ପୃଷ୍ଟି (୨୮)। ଅନ୍ୟ ଦୁଇ ଜଣ କୁଜଙ୍ଗ ଥାନା ଅନ୍ତର୍ଗତ ଷଣ୍ଢକୁଦ ଗ୍ରାମର ସନ୍ଦେହ କରାଯାଉଥିବା ବେଳେ ପ୍ରକୃତ ପରିଚୟ ମିଳିପାରିନାହିଁ।

### ଗୋଚର ଜମିକୁ ଅନାବାଦୀ କହି ବିକ୍ରି କରିବା ଘଟଣା

# ଉଚ୍ଛେଦ କରିବା ସମୟରେ ଉତ୍ତେଜନା

**ପାରାଦୀପ,୨୦।୧୨(ସମିସ)**

ଗୋଚର ଜମିକୁ ଅନାବାଦୀ କହି ବିକ୍ରି କରିବା ଘଟଣାକୁ ନେଇ ଆଜି ନିମିଢ଼ୀ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଏହି ଖବର ଗଣମାଧ୍ୟମରେ ପ୍ରଚାରିତ ହେବାପରେ ପ୍ରଶାସନ ପକ୍ଷରୁ କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରା ଆଜି ଦିନ ୧ଟା ବେଳେ ଘଟଣାସ୍ଥଳରେ

**ଜେସିବି ଓ ତହସିଲଦାରଙ୍କୁ ଅଟକ ରଖିଥିଲେ ଗ୍ରାମବାସୀ**

ଜେସିବି ଧରି ଉଚ୍ଛେଦ ପାଇଁ ପହଞ୍ଚିଥିଲେ। ତେବେ ପ୍ରଥମେ ସେଠାରେ ସରକାରୀ ଜାଗାରେ ଥିବା ବାଡ଼କୁ ହଟାଇଥିଲେ। ଏହି ସମୟରେ ଗ୍ରାମର ଲୋକମାନେ ପହଞ୍ଚି ତହସିଲଦାରଙ୍କର ଏହି ବାଡ଼ ହଟାଇବାକୁ ନେଇ କିଛି ସମୟ ଉତ୍ତେଜନା ଦେଖାଦେଇଥିଲା। କୁଆଡେ ଆସିଛ, କାହିଁକି ଆସିଛ, ଆମକୁ ନ ପଚାରି କାହିଁକି ଆସିଛ



ଓ ଏବେ ଆମେ କୁଆଡେ ଯିବୁ ବୋଲି ପ୍ରଶ୍ନ କରି କିଛି ସମୟ ଅଟକାଇ ଥିଲେ।

ସୂଚନା ଅନୁଯାୟୀ ଘଟଣା ସମ୍ପର୍କରେ ପ୍ରଥମେ ଖବର ପ୍ରସାରଣ ପରେ ଗ୍ରାମବାସୀଙ୍କ ପକ୍ଷରୁ ସେଠାରେ ବାଡ଼ ବୁଲାଇ ତରବରିଆ ଭାବରେ ଗଛ ଲଗା ଯାଇଥିଲା। ଆଜି କୁଜଙ୍ଗ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଲଗାଯାଇଥିବା ବାଡକୁ ଉଚ୍ଛେଦ କରିବା ସମୟରେ ଉତ୍ତେଜନା ଦେଖାଦେଇଛି। କିଛି ସମୟ ପାଇଁ ଜେସିବି ଗାଡି ଓ ତହସିଲଦାରଙ୍କୁ ଅଟକ ରଖିଥିଲେ ଗ୍ରାମବାସୀ। ପରେ ଘଟଣାସ୍ଥଳରେ ଲକ୍‌ଥାନା ପୁଲିସ ପହଞ୍ଚି ଆଲୋଚନା କରିବା ପାଇଁ ଗ୍ରାମବାସୀଙ୍କୁ ଥାନାକୁ ଡାକି ଆଲୋଚନା କରିବା ପରେ ତହସିଲଦାରଙ୍କୁ ଭେଟି ପୁନର୍ବାର ଏ ସମ୍ପର୍କରେ ବିଚାର କରିବା ପାଇଁ ଅନୁରୋଧ କରିବେ ବୋଲି ପ୍ରକାଶ କରିଛନ୍ତି ଗ୍ରାମବାସୀ। ତେବେ ନିମିଢୀ ଗ୍ରାମରେ ଥିବା ଗୋଚର ଜମିକୁ ଗ୍ରାମକମିଟି ତରଫରୁ ଡେସିମିଲ୍ ପିଛା ୧ଲକ୍ଷ ୪୦ ହଜାର ଟଙ୍କାରେ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଗୋଚର ଜମିକୁ କିଣି ଅନେକ ଲୋକ ଗୃହ ନିର୍ମାଣ କରିଥିବା ବେଳେ ତହସିଲଦାର ସେମାନଙ୍କୁ ୭ଦିନିଆ ନୋଟିସ ଜାରୀ କରିବା ସହ ବାଡ଼ ବୁଲା ଯାଇଥିବା ଯାଗାକୁ ଉଚ୍ଛେଦ କରିଥିଲେ। ଅନ୍ୟପଟେ ଗ୍ରାମବାସୀଙ୍କ ପକ୍ଷରୁ ସେହି ଗୋଚର ଯାଗାକୁ ବାଡ଼ ବୁଲାଇ ଗଛ ଲଗା ଯାଇଥିଲା। ତେବେ ନିମିଢୀ ଗ୍ରାମରେ ଏଭଳି ଘଟଣା ପରେ ପାରାଦୀପ ବିଜୟଚାନ୍ଦପୁର ତାରିଣୀ ଗଡା ଅଞ୍ଚଳରେ ଏଭଳି ସରକାରୀ ଜମିକୁ ସ୍ଥାନୀୟ କିଛି ପ୍ରଭାବଶାଳୀ ଲୋକ ଜବରଦଖଲ କରି ରଖିଛନ୍ତି। ଏହା ଉପରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ପୁଲିସ ବିରୋଧରେ ହୋଇଥିବା ଅଭିଯୋଗକୁ ଖଣ୍ଡନ କଲେ ଏସ୍‌ଡିପିଓ

**ଜଗତସିଂହପୁର,୨୦।୧୨(ସମିସ):** ଜଗତସିଂହପୁର ସଦର ଥାନା ଅଞ୍ଚଳରେ ଘଟିଥିବା ଏକ ମନ୍ଦିର ଚୋରି ମାମଲାର ତଦନ୍ତ ବେଳେ ଗତ ଡିସେମ୍ବର ୧୦ ତାରିଖରେ ପୁଲିସ ହାଟବଜାର ସ୍ଥିତ ସନ୍ଦିଗ୍ଧ ଅଭିଯୁକ୍ତ ସେକ ନୱାବଙ୍କ ଘରକୁ ଯାଇଥିଲା। ନୱାବ ଘରେ ନଥିଲା ବେଳେ ତାଙ୍କ ପତ୍ନୀ ଓ ପୁଅମାନେ ପୁଲିସକୁ ତଦନ୍ତରେ ସହଯୋଗ କରିବା ପରିବର୍ତ୍ତେ ଅଯଥା ଯୁକ୍ତିତର୍କ କରିଥିଲେ। ତେବେ ଏକ ମୋବାଇଲରେ ଥିବା ଭିଡିଓରେ ଅଭିଯୁକ୍ତଙ୍କ ନାବାଳକ ପୁଅ ଗୋଟିଏ ବନ୍ଧୁକ ଏବଂ ଜୀବନ୍ତ ଗୁଳି ହାତରେ ଧରିଥିବା ପୁଲିସ ନଜରକୁ ଆସିଥିଲା। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ପୁଲିସ ଉକ୍ତ ନାବାଳକକୁ ଗତ ଡିସେମ୍ବର ୧୮ରେ ଥାନାକୁ ଡକାଇ ପିତାମାତାଙ୍କ ଉପସ୍ଥିତିରେ ପଚରାଉଚରା କରିଥିଲା। ଉକ୍ତ ବନ୍ଧୁକ ଏବଂ ଖୋଖା ତାଙ୍କ ପିତା ବିକ୍ରି ପାଇଁ ଆଣିଥିବା ନାବାଳକ ପୁଲିସ ଆଗରେ ମାନି ଯାଇଥିଲା। ତେବେ ମନ୍ଦିର ଚୋରି ମାମଲା ତଥା ବେଆଇନ ବନ୍ଧୁକ ରଖିବା ଅଭିଯୋଗକୁ ଭିନ୍ନ ମୋଡ଼ ଦେବା ଉଦ୍ଦେଶ୍ୟରେ ଅଭିଯୁକ୍ତ ନୱାବଙ୍କ ପତ୍ନୀ ଅକଲିମା ବିବି ଜଗତସିଂହପୁର ପୁଲିସ ନାମରେ ଏକ ମିଥ୍ୟା ଓ କପୋଳକଳ୍ପିତ ଅଭିଯୋଗ କରିଥିବା ଏସ୍‌ଡିପିଓ ଆଜିଙ୍କ୍ୟ ମାନେ ସୂଚନା ଦେଇଛନ୍ତି। ଏଭଳି ଭିତ୍ତିହୀନ ଅଭିଯୋଗକୁ ଦୃଢ଼ ନିନ୍ଦା କରିବା ସହିତ ଜଗତସିଂହପୁର ପୁଲିସ ଭୟମୁକ୍ତ ଏବଂ ନିରପେକ୍ଷ ଭାବରେ ତାର କର୍ତ୍ତବ୍ୟ କରୁଛି ବୋଲି ଏସ୍‌ଡିପିଓ ଶ୍ରୀ ମାନେ ଏକ ପ୍ରେସ ବିବୃତ୍ତିରେ ସୂଚନା ଦେଇଛନ୍ତି।

## ଶିକ୍ଷକ ବିଜୟ ରାୟଗୁରୁଙ୍କ ପରଲୋକ

**କୁଜଙ୍ଗ,୨୦।୧୨(ସମିସ):** କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳ ଗ୍ରାମର ଅବସର ପ୍ରାପ୍ତ ପ୍ରାଥମିକ ଶିକ୍ଷକ ବିଜୟ ଚନ୍ଦ୍ର ରାୟଗୁରୁଙ୍କ ୮୫ବର୍ଷ ବୟସରେ ଗୁରୁବାର ଦିନ ପରଲୋକ ହୋଇଯାଇଛି। ସେ ଗତ କିଛି ଦିନ ଧରି ଅସୁସ୍ଥ ରହି ଚିକିତ୍ସିତ ହୋଇ ଆସୁଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ଲତା ରାଜଗୁରୁ, ତିନି ପୁଅ ବିଚିତ୍ର, ସଚିତ୍ର, ପବିତ୍ରଙ୍କ ସହ ବୋହୂ ଓ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷ କୃତ୍ୟ କରାଯାଇ ଥିବା ବେଳେ ପୁତ୍ର ବିଜୟ ମୁଖାଗ୍ନି ଦେଇ ଥିଲେ। ତାଙ୍କ ପରଲୋକରେ ପଙ୍କପାଳ ଓ କର୍ମ କ୍ଷେତ୍ର ଗୌରୀପଡ଼ାରେ ଗଭୀର ଶୋକ ପ୍ରକାଶ ପାଇଛି।

## ବନ୍ଦରେଇ ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦାବି

**ବାଲିକୁଦା,୨୦।୧୨(ସମିସ):** ବାଲିକୁଦା ବ୍ଲକ ମରିଚିପୁର ପଞ୍ଚାୟତରେ ଥିବା ମା’ ବନ୍ଦରେଇ ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ ପାଇଁ ଦୀର୍ଘ ବର୍ଷ ଧରି ଦାବି କରି ଆସୁଛନ୍ତି ସ୍ଥାନୀୟ ଅଞ୍ଚଳବାସୀ। ହେଲେ ଏହାର ଭିତ୍ତିଭୂମି ବିକାଶ ହୋଇ ପାରି ନଥିବାରୁ ସାଧାରଣରେ ଏହା ଅସନ୍ତୋଷର କାରଣ ପାଲଟିଥିଲା। ଯାହାକୁ ନେଇ ବାରମ୍ବାର ବିଧାୟକ ଓ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହେଉଥିଲା।

ଏହାକୁ ନେଇ ଆଜି ବାଲିକୁଦା ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା, ଜିଲ୍ଲାପାଳ ଜେ. ସୋନାଲ, ଏସପି ଅଙ୍କିତ ବର୍ମା, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସର୍ବେନ୍ଦୁ ସୁତାର, ବିଡ଼ିଓ ସାଗର କୁମାର ନନ୍ଦ, ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଜିଲ୍ଲାପରିଷଦ ତଟିନା ସ୍ୱାଇଁ ପ୍ରମୁଖ ମା’ ବନ୍ଦରେଇ ପୀଠକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ନୌକା ସହାୟତାରେ ଦେବୀ ନଦୀ ପଥ ଦେଇ ହେନ୍ତାଳ ବନର ସ୍ଥିତି ଓ ସମୁଦ୍ର କୂଳରେ ଥିବା ବାଲୁକା ସ୍ତୁପର ସ୍ଥିତି ଅନୁଧ୍ୟାନ କରିଥିଲେ। ପୂର୍ବରୁ ଭିତ୍ତିଭୂମିର ବିକାଶ ପାଇଁ ଥିବା ୮୯ ଲକ୍ଷ ଟଙ୍କାର ପୂର୍ତ୍ତ ବିଭାଗ ଦ୍ୱାରା ହେଉଥିବା କାର୍ଯ୍ୟର ସମୀକ୍ଷା କରିବା ସହ ତୁରନ୍ତ ଆଲୋକୀକରଣ ବ୍ୟବସ୍ଥା ଓ ପାନୀୟ ଜଳ ବ୍ୟବସ୍ଥା ସହ ବାଉଣ୍ଡାରୀ ୱାଲ କାର୍ଯ୍ୟ ଶେଷ କରିବା ପାଇଁ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀଙ୍କୁ



ନିର୍ଦ୍ଦେଶ ଦେଇଥିଲେ। ଯାହାକୁ ନେଇ ଅଧିକ୍ଷଣ ଯନ୍ତ୍ରୀ ଆସନ୍ତା ଜାନୁୟାରୀ ଶେଷ ସପ୍ତାହ ମଧ୍ୟରେ ଶେଷ କରିବା ନେଇ କହିଥିଲେ।

ସମୁଦ୍ର ମଧ୍ୟରେ ଥିବା ବେଳାଭୂମିରେ ଇକୋ ରିଟ୍ରେଟ ସିଷ୍ଟମ ସହ ଛୋଟ ଛୋଟ ବୋଟ ଚଳାଇବା ପାଇଁ ଉଦ୍ୟମ ଆରମ୍ଭ କରାଯିବା ସହ ତୁରନ୍ତ ଜେଟିର ମରାମତି କାର୍ଯ୍ୟ ପାଇଁ ଅର୍ଥ ମଞ୍ଜୁରୀ କରାଯିବ। ସାମୁଦ୍ରିକ ଥାନା ପାଇଁ ପେଟ୍ରୋଲିଂ କଡାକଡି କରିବା ସହ ପାଟ୍ରୋଲିଂ ବୋଟ ଯୋଗାଇ ଦିଆଯିବ ବୋଲି ଏସ୍‌ପି ସୂଚନା ଦେଇଥିବା ବେଳେ ବନ ବିଭାଗ ପକ୍ଷରୁ ଅଲିଭ ରିଡଲେ କଇଁଚ ସୁରକ୍ଷା ସହ ହେନ୍ତାଳ ବନର ସୁରକ୍ଷା କିପରି ହୋଇପାରିବ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ କହିଥିଲେ। ଏପରିକି ଏହି ପରିବେଶ ଭିତରକନିକାର ଭ୍ରମ ସୃଷ୍ଟି କରିଥିବା ବେଳେ ବିରାଟ ସାମୁଦ୍ରିକ ବେଳାଭୂମି ଓ ଦେବିନଦୀର ନୌକା ବିହାର ପର୍ଯ୍ୟଟନ କ୍ଷେତ୍ର ପାଇଁ ଉତ୍କୃଷ୍ଟ ବୋଲି ପ୍ରକାଶ କରିଥିଲେ। ଫଳରେ ଏହି କ୍ଷେତ୍ର ନିଶ୍ଚିତ ଭାବେ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇବ ବୋଲି ଆଶା ସଂଚାର ହୋଇଛି।

## ତଟରକ୍ଷୀ ବାହିନୀର ବାର୍ଷିକ ନିରୀକ୍ଷଣ କାର୍ଯ୍ୟକ୍ରମ

**ପାରାଦୀପ,୨୦।୧୨(ସମିସ):** ପାରାଦୀପରେ ଅବସ୍ଥିତ ଭାରତୀୟ ତଟରକ୍ଷୀ ବାହିନୀ ଆଞ୍ଚଳିକ ମୁଖ୍ୟାଳୟ ପକ୍ଷରୁ ଦୁଇଦିନିଆ ବାର୍ଷିକ ନିରୀକ୍ଷଣ-୨୦୨୫ ଆଜି ଶେଷ ହୋଇଛି। ଏଥିରେ ଭାରତୀୟ ତଟରକ୍ଷୀ ବାହିନୀ ଆଞ୍ଚଳିକ ମୁଖ୍ୟାଳୟର ଇନ୍ସପେକ୍ଟର ଜେନେରାଲ ଇକବାଲ ସିଂହ ଚୌହାନ, ଟିଏମ କମାଣ୍ଡର ତଟରକ୍ଷୀ ବାହିନୀ ଆଞ୍ଚଳିକ ମୁଖ୍ୟାଳୟ (ଉତ୍ତର ପୂର୍ବ) ୧୯ ଓ ୨୦ ତାରିଖ ଦୁଇ ଦିନ



ପର୍ଯ୍ୟନ୍ତ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ଭାରତୀୟ ତଟରକ୍ଷୀ ବାହିନୀ ଜିଲ୍ଲା ମୁଖ୍ୟାଳୟ ପାରାଦୀପର କାର୍ଯ୍ୟକ୍ଷମ ପ୍ରସ୍ତୁତି, ପ୍ରଶାସନିକ ଏବଂ ଭିତ୍ତିଭୂମି ସମ୍ପତ୍ତି ଏବଂ ପାରାଦୀପରେ ଅବସ୍ଥିତ ୟୁନିଟଗୁଡ଼ିକର ପ୍ରସ୍ତୁତି ସମୀକ୍ଷା କରିଥିଲେ। ଫ୍ଲାଗ ଅଫିସର ସମୁଦ୍ରରେ ମିଶନ କ୍ଷମତା ବିପଦ ପ୍ରତିକ୍ରିୟା ଦକ୍ଷତା ଏବଂ କ୍ରୁ କାର୍ଯ୍ୟକ୍ଷମତା ମୂଲ୍ୟାଙ୍କନ କରି ଫ୍ରଣ୍ଟଲାଇନ୍ ଆଇସିଜି ଜାହାଜଗୁଡ଼ିକର ସମୀକ୍ଷା କରିଥିଲେ। ଫ୍ଲାଗ ଅଫିସର ଏଓଆର ରେ କାର୍ଯ୍ୟକ୍ଷମ କ୍ଷମତା ବୃଦ୍ଧି କରିବା ଏବଂ ଆଗୁଆ କାର୍ଯ୍ୟକ୍ଷମ ଘାଟିଗୁଡ଼ିକରେ ବାସସ୍ଥାନ ଉନ୍ନତ କରିବା ପାଇଁ ଭିତ୍ତିଭୂମି ବିକାଶକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

## ସମବାୟ ସମିତିର ଚାଷୀ ସଚେତନତା ବୈଠକ

**ତିର୍ତ୍ତୋଲ,୨୦।୧୨(ସମିସ):** ତିର୍ତ୍ତୋଲ ବ୍ଲକ ଅଧୀନ ଗୋପାଳପୁର ଗ୍ରାମପଞ୍ଚାୟତ (ଶଙ୍ଖେଶ୍ୱର) କୃଷି ସମବାୟ ସମିତି ଲି.ର ଚାଷୀମାନଙ୍କ ପାଇଁ ଏକ ସଚେତନତା ଶିବିର ଓ ସମିତି କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଚାଷୀ ସଚେତନତା ଶିବିରରେ ଯୋଗଦେଇଥିବା ଚାଷୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ସମବାୟ ସମିତିର ସମ୍ପାଦକ ପରମମାନ୍ଦ ଦାସ, ଆର୍‌ଏମ୍‌ସି କୃଷ୍ଣଚନ୍ଦ୍ର ବାରିକ, ନିହାର ରଞ୍ଜନ ସାମଲ ଓ ଶୁଭ୍ରକାନ୍ତ ବେହେରା। ଉକ୍ତ ଚାଷୀ ସଚେତନତା ଶିବିରରେ ୫୦ରୁ ଊର୍ଦ୍ଧ୍ୱ ଚାଷୀମାନେ ଯୋଗଦେଇଥିଲେ। ମୁଖ୍ୟଅତିଥି ଖାଉଟି କଲ୍ୟାଣ ପରିଷଦର ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ସମାଜସେବୀ ବିଜୟ ବିଶ୍ୱାଳ ‘କୁବେର ଭାଇ’ ଯୋଗଦେଇ ଗୋପାଳପୁର ସମବାୟ ସମିତିର ପ୍ରଥମ କରି କାର୍ଯ୍ୟକାରିଣୀ ବୈଠକ ସହିତ ଚାଷୀମାନଙ୍କ ଉଦ୍ଦେଶ୍ୟରେ ସଚେତନ ଶିବିର ଆୟୋଜନ କରିଥିବାରୁ ସାଧୁବାଦ ଜଣାଇଥିଲେ। ଚାଷୀ ବିମ୍ବାଧର ପୁଷ୍ଟି, ମନୋରଞ୍ଜନ ଦାସ, ବିକାଶ ସେନାପତି,ବିରଜା ମୋହନ ମହାପାତ୍ର,ରମେଶ ଚନ୍ଦ୍ର ପୁଷ୍ଟି, ସୁନୀଲ ମହାପାତ୍ର, ଅନାମ ଚରଣ ବେହେରା,ବିକାଶୀ ବାରିକ, ସୁଶାନ୍ତ ସେନାପତି ରୁଦ୍ର, ମହାପାତ୍ର, ଅଜୟ ମାଲିକ ପ୍ରମୁଖ ସହଯୋଗ କରିଥିଲେ।

## ୨.୯୯୦ କେଜି ଗଞ୍ଜେଇ ଜବତ; ୨ ଗିରଫ

**ଜଗତସିଂହପୁର,୨୦।୧୨(ସମିସ)**

ଶନିବାର ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ଚଢ଼ଉ କରି ୨ ଜଣ ନିଶା ବେପାରୀଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ବିଭାଗ। ବିରିଡ଼ି ଥାନା ଅନ୍ତର୍ଗତ ଉତ୍ତରସାହି ସ୍ଥିତ ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ ଦୀର୍ଘ ଦିନ ହେବ ଗଞ୍ଜେଇ କାରବାର ଲୁଚାଛପାରେ ଚାଲୁଥିବା ବେଳେ ଏକ ବିଶେଷ ସୂତ୍ରକୁ ଆଧାର କରି ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥା, ଜଗତସିଂହପୁରର ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀ ନିଜ ଟିମ୍ ସହ ଚଢ଼ଉ କରିଥିଲେ। ଅଭିଯୁକ୍ତ ଜଣଙ୍କ ଘଟଣାସ୍ଥଳରୁ ଖସି ପଳାଇବାକୁ ଚେଷ୍ଟା କରୁଥିବାବେଳେ ତାକୁ କାବୁ କରି ନେଇଥିଲେ।

ଯାଞ୍ଚ ପରେ ତାଙ୍କ ନିକଟରୁ ୧କେଜି ୪୫୦ ଗ୍ରାମର ଗଞ୍ଜେଇ ଜବତ କରାଯାଇଥିଲା। ଯାହାର ଆନୁମାନିକ ମୂଲ୍ୟ ୧୫,୪୦୦ ଟଙ୍କା ହେବ। ଗିରଫ ଅଭିଯୁକ୍ତ ଜଣକ ହେଲେ ବିରିଡ଼ି ଥାନା ଅଲାଣ୍ଡୋ ଗ୍ରାମର ନୃସିଂହ ଚରଣ ପରିଜାଙ୍କ ପୁଅ ରଞ୍ଜନ ପରିଜା(୪୫)। ସେହିପରି ଅନ୍ୟ ଏକ ଘଟଣାରେ ତିର୍ତ୍ତୋଲ ଅବକାରୀ ଥାନାର ସବ୍‌ଇନ୍ସପେକ୍ଟର ସ୍ମିତା ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ତିର୍ତ୍ତୋଲ ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମରେ ଚଢ଼ଉ କରି ୧କେଜି ୫୪୦ ଗ୍ରାମର ଗଞ୍ଜେଇ ଜବତ



କରିବା ସହ ଗଞ୍ଜେଇ ବେପାରରେ ଜଡ଼ିତ ଥିବା ଗୋପାଳପୁର ଗ୍ରାମର ଶରତ ଚନ୍ଦ୍ର ବାରିକଙ୍କ ପୁଅ ତ୍ରିଲୋଚନ ତିଲ ପ୍ରସାଦ ବାରିକଙ୍କୁ (୩୬) ଗିରଫ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୫,୫୪୦ ଟଙ୍କା ହେବ।

ଆଜିର ଏହି ଚଢ଼ଉରେ ତିର୍ତ୍ତୋଲ ଅବକାରୀ ଥାନାର କନଷ୍ଟେବଲ ଲକ୍ଷ୍ମୀନାରାୟଣ ମଲ୍ଲିକ, କଲ୍ୟାଣୀ ସେଠୀ ଏବଂ ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥା, ଜଗତସିଂହପୁରର ସବ୍‌ଇନ୍ସପେକ୍ଟର ଭାଗ୍ୟଲକ୍ଷ୍ମୀ ଦଳେଇ, ଏଏସ୍‌ଆଇ ସନ୍ତୋଷ ନାୟକ, ପିନାକୀ ରଞ୍ଜନ ରାଉତ, କନଷ୍ଟେବଲ ସବିତା ନାୟକ, ସୁକାନ୍ତ ମାଝୀ ପ୍ରମୁଖ ସାମିଲ ଥିଲେ। ଗିରଫ ଦୁଇ ଅଭିଯୁକ୍ତଙ୍କୁ ଦୁଇଟି ଅଲଗା ଅଲଗା ମାମଲାରେ କୋର୍ଟଚାଲାଣ କରାଯାଇଥିବା ବେଳେ ଅଭିଯୁକ୍ତ ଦ୍ୱୟଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

## ପୂର୍ବତନ ସରପଞ୍ଚଙ୍କ ପତ୍ନୀ ବିୟୋଗ

**କୁଜଙ୍ଗ,୨୦।୧୨(ସମିସ):** କୁଜଙ୍ଗ ବ୍ଲକ ଅନ୍ତର୍ଗତ ବଡ଼ବାଲିକଣୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ରବୀନ୍ଦ୍ରନାଥ ପଟ୍ଟନାୟକଙ୍କ ପତ୍ନୀ ଶୈଳବାଳା ପଟ୍ଟନାୟକ(୭୮)ଙ୍କ ପରଲୋକ ହୋଇଯାଇଛି।



ଶୈଳବାଳା ଦେବୀ ସାନବାଲିକଣୀ ଗ୍ରାମରେ ଜଣେ ଧର୍ମପ୍ରାଣା ମହିଳା ହିସାବରେ ଖୁବ୍ ସୁନାମ ଅର୍ଜନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ସଞ୍ଜୟ ପଟ୍ଟନାୟକ, ଦିଲ୍ଲୀପ ପଟ୍ଟନାୟକ, ପୁତ୍ରବଧୂ ଅନ୍ନପୂର୍ଣ୍ଣା ପଟ୍ଟନାୟକ ଲିପ୍ସା ପ୍ରିୟଦର୍ଶିନୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ପରଲୋକରେ ପୂର୍ବତନ ସରପଞ୍ଚ ଜ୍ଞାନରଞ୍ଜନ ଚୌଧୁରୀ, ପ୍ରଫୁଲ୍ଲ ପଲାଇ, ସୟନ ପଟ୍ଟନାୟକ, ବିଜୟ ପଟ୍ଟନାୟକ, ଶୁଭ୍ରାଂଶୁ ପଟ୍ଟନାୟକ, କଳ୍ପତରୁ ପଟ୍ଟନାୟକ ପ୍ରମୁଖ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ।

## ମୋ'ଜୀବନ ସାହିତ୍ୟ ସଂସ୍କୃତି ପରିଷଦର ବୈଠକ



**ବିରିଡ଼ି,୨୦।୧୨(ସମିସ):** ବିରିଡ଼ି ବ୍ଲକ ମୋ'ଜୀବନ ସାହିତ୍ୟ ସଂସ୍କୃତି ପରିଷଦର ଦ୍ୱିତୀୟ ବୈଠକ ନୂଆଢଣା ଠାରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ନିକୁଞ୍ଜ ବିହାରୀ ଭଞ୍ଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସାଧାରଣ ସମ୍ପାଦକ ବସନ୍ତ କୁମାର ବେହେରା ପୂର୍ବବୈଠକର ବିବରଣୀ ପାଠ କରିବାପରେ ତାହାକୁ ଗୃହୀତ କରାଯାଇଥିଲା।

ଏଥିରେ ସାହିତ୍ୟିକ ଡ. ସୁରେଶ ଚନ୍ଦ୍ର ଜେନା, ବାଗ୍ମୀ ଅରୁଣ ଦାସ, ସମବାୟବିତ ଲିଙ୍ଗରାଜ ମଲ୍ଲ, ସୁନାଭଉଣୀର ସମ୍ପାଦିକା ବିଜୟଲକ୍ଷ୍ମୀ ମହାପାତ୍ର, ସମାଜସେବୀ ଶ୍ୟାମସୁନ୍ଦର ପାଇକରାୟ, ସମାଜସେବୀ ଗୋବିନ୍ଦ ଓଝା, ଅଧ୍ୟାପକ ସ୍ମୃତିରଞ୍ଜନ ପରିଡା, ବିଜୟ କୁମାର ବେହେରା, ନାରାୟଣ ଭୋଳ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ପ୍ରଭାକର ବେହେରା, ଏସ୍‌କେ କଲିମ, ସୌଭାଗ୍ୟ ଦାଶ ପ୍ରମୁଖ ଯୋଗଦେଇଥିଲେ। ପୂର୍ଣ୍ଣଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଚୋରାମଦ ଜବତ; ୪ ଗିରଫ

କେନ୍ଦ୍ରାପଡ଼ା,୨୦ ।୧୨(ସମିସ): କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ଡେରାବିଶ ଓ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ବେଲାରପୁର ଗ୍ରାମର ବଳରାମ ସାହୁ (୪୨)ଙ୍କଠାରୁ ୨୯ ଲିଟର ଦେଶୀ ମଦ, ଓଲଡ଼ି ଚାଟରାଚକଡା ଗ୍ରାମର ଚିନ୍ମୟ ମହାନ୍ତି (୨୯)ଙ୍କଠାରୁ ୩୩ ଲିଟର ବିଦେଶୀ ମଦ, ଗୁଣ୍ଡୁପୁର ଗ୍ରାମର ନକୁଳ ଜେନା (୩୧)ଙ୍କଠାରୁ ୩୪ ଲିଟର ଦେଶୀମଦ, କଷଣଅଣ୍ଟା ଗ୍ରାମର ରଜତ କୁମାର ଜେନା (୩୯)ଙ୍କଠାରୁ ୨୫ ଲିଟର ଦେଶୀମଦ ଜବତ କରାଯାଇଛି । ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଚଢ଼ଉରେ ଅବକାରୀ ବିଭାଗ ଏସ୍‌ଆଇ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ଛାୟାକାନ୍ତ ନାୟକ, ଏଏସ୍‌ଆଇ ଜଗନ୍ନାଥ ବେସ୍ରା, ସୁନୀଲ କୁମାର ମିଶ୍ର, ପ୍ରଦୀପ କୁମାର ମଳିକ ପ୍ରମୁଖ ସାମିଲ ଥିଲେ ।

# ସମବାୟ ସମିତିର ପୂର୍ବତନ ଉପସଭାପତିଙ୍କ ବିୟୋଗ



ଡେରାବିଶ,୨୦ ।୧୨(ସମିସ): ଡେରାବିଶ ବ୍ଲକ କୁଶିଆପାଳ ପ୍ରାଥମିକ କୃଷି ସମବାୟ ସମିତିର ପୂର୍ବତନ ଉପସଭାପତି ପୁଷ୍ପାଞ୍ଜଳି ପାତ୍ର (୫୩)ଙ୍କ ଗୁରୁବାର ପରଲୋକ ହୋଇଛି । ପୁଷ୍ପାଞ୍ଜଳି ହେଉଛନ୍ତି ଏହି ସମବାୟ ସମିତିର ବର୍ତ୍ତମାନର ସଭାପତି ନାରାୟଣ ଚନ୍ଦ୍ର ପାତ୍ରଙ୍କ ପତ୍ନୀ । ଦୁଇଦିନ ତଳେ ସେ ଗୁରୁତର ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଗୁରୁବାର ଭୋର ସମୟରେ ତାଙ୍କ ଦେହାନ୍ତ ହୋଇଛି । ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ।

# ଦୁର୍ଘଟଣାରେ ଯୁବକ ଗୁରୁତର

ଆଳି,୨୦ ।୧୨(ସମିସ): କଟକ-ଚାନ୍ଦବାଲି ରାସ୍ତାର ଆଳି ଥାନା ଲୋକାପଡ଼ା ଛକ ନିକଟରେ ଦୁର୍ଘଟଣା ଘଟି ଆଳି ଥାନା ମାହାଙ୍ଗା ଅଞ୍ଚଳର କୃଷ୍ଣଚନ୍ଦ୍ର ସିଂ (୩୦) ଗୁରୁତର ଆହତ ହୋଇଛନ୍ତି । କୃଷ୍ଣଚନ୍ଦ୍ର ବାଇକ୍ ଯୋଗେ ରାଜକନିକାରୁ ଆଳି ଆସୁଥିଲେ । ଲୋକାପଡ଼ା ଛକରେ ହଠାତ୍ ତାଙ୍କ ଗାଡ଼ିକୁ ଅନ୍ୟ ଏକ ଗାଡ଼ି ସାଇଡ ମାରିବାରୁ ସେ ଭାରସାମ୍ୟ ହରାଇ ପଡ଼ିଯାଇ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି ।

# ଭବାନୀ ମନ୍ଦିରରୁ ଚୋରି

ପଟ୍ଟାମୁଣ୍ଡାଇ,୨୦ ।୧୨(ସମିସ): ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ବେଲତଳ ଠାକୁରପାଟଣା ମା' ଭବାନୀ ମନ୍ଦିରରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଛି । ଦୁର୍ବୃତ୍ତ ମନ୍ଦିରରେ ପଶି ମା'ଙ୍କ ୩ଟି ରୁପା ମୁକୁଟ, ୫ଟି ରୁପା ଚିତା ସହ ଏକ କଟୁରି ଓ ଦାନବାକ୍ସ ନେଇଯାଇଛନ୍ତି । ଗ୍ରାମବାସୀ ଏ ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

● ମଣ୍ଡଳସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ

# ଫକିରାବାଦ ଉର୍ଦ୍ଧ୍ୱ ବିଦ୍ୟାଳୟ ଛାତ୍ରୀଙ୍କ ପ୍ରକଳ୍ପ ଜିଲ୍ଲା ସ୍ତରକୁ ମନୋନୀତ

କେନ୍ଦ୍ରାପଡ଼ା,୨୦ ।୧୨(ସମିସ): ଇଚ୍ଛାପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ କେନ୍ଦ୍ରାପଡ଼ା ମଣ୍ଡଳସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି । ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ୩ୟ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ୨୩୨ ପ୍ରକଳ୍ପ ସ୍ଥାନ ପାଇଥିଲା । ଜିଲ୍ଲା ସ୍ତରକୁ ୭ଟି ପ୍ରକଳ୍ପ ମନୋନୀତ ହୋଇଛି । ଗଣିତ ପ୍ରକଳ୍ପରେ ଫକିରାବାଦ ଉର୍ଦ୍ଧ୍ୱ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩ୟ ଶ୍ରେଣୀ ଛାତ୍ରୀ ସନାୟା ଫିରଦୋଷଙ୍କ ପ୍ରକଳ୍ପ ପ୍ରଥମ ସ୍ଥାନ ଅଧିକାର କରିଛି । ଏହି ପ୍ରକଳ୍ପର ଗାଇଡ ଶିକ୍ଷକ ଶେଖ ମନସୁର ଅଲ୍ଲୀ ଥିଲେ । ବିଇଓ ନାରାୟଣ ପ୍ରସାଦ ମନ୍ତ୍ରୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ସନାୟା ଫିରଦୋଷଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ ।

ପାଣି ଟ୍ୟାଙ୍କର କିଣାରେ ଦୁର୍ନୀତି

# ଅଭିଯୋଗ ପରେ ଦୁଇଟି ଟ୍ୟାଙ୍କରରୁ ଗୋଟିଏ ଆସିଲା

ପଟ୍ଟାମୁଣ୍ଡାଇ,୨୦ ।୧୨(ସମିସ)

ପଟ୍ଟାମୁଣ୍ଡାଇ ବ୍ଲକ ବଳଭଦ୍ରପୁର ପଞ୍ଚାୟତରେ ପାଣି ଟ୍ୟାଙ୍କର କିଣାରେ ଦୁର୍ନୀତି ହୋଇଥିବା ଅଭିଯୋଗ ଆସିଛି । ପଞ୍ଚାୟତବାସୀଙ୍କୁ ବିଭିନ୍ନ କାର୍ଯ୍ୟରେ ଜଳସେବା ଯୋଗାଇ ଦେବା ପାଇଁ ଗତ ସେପ୍ଟେମ୍ବରରେ ଦୁଇଟି ପାଣି ଟ୍ୟାଙ୍କର କିଣିବା ପାଇଁ ବିଲ୍ ପୈଠ ହୋଇଛି । ଗୋଟିଏ ୩ହଜାର ଲିଟର ଟ୍ୟାଙ୍କର ପାଇଁ ୧ଲକ୍ଷ ୨୯ ହଜାର ୬ ଶହ ଟଙ୍କା ଏବଂ ଆଉ ଗୋଟିଏ ୫୦୦୦ ଲିଟର ଟ୍ୟାଙ୍କର ପାଇଁ ୧ଲକ୍ଷ ୫୦ହଜାର ଟଙ୍କା ପଞ୍ଚାୟତ

## କଲ ରେକର୍ଡ ଭାଇରାଲ ପରେ ଧରାପଡ଼ିଲା ଦୁର୍ନୀତି

କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିରଞ୍ଜନ ସାମଲଙ୍କ ଆକାଉଣ୍ଟରେ ପୈଠ କରାଯାଇଥିବା ଜଣାପଡ଼ିଛି । ତେବେ ସେପ୍ଟେମ୍ବର ମାସରୁ ଟ୍ୟାଙ୍କର କିଣା ବିଲ୍ ପୈଠ ହୋଇସାରିଥିଲେ ବି ପଞ୍ଚାୟତ ବାସିନ୍ଦା କୌଣସି ପାଣି ଟ୍ୟାଙ୍କର ଦେଖିବାକୁ ପାଇ ନ ଥିଲେ । ଦୁଇଦିନ ତଳେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଏକ କଲ୍ ରେକର୍ଡ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା ।

ପଞ୍ଚାୟତ ନିର୍ବାହୀ ଅଧିକାରୀ ସାମଲଙ୍କୁ ଜଣେ ବ୍ୟକ୍ତି ପାଣି ଟ୍ୟାଙ୍କର ସମ୍ବନ୍ଧରେ ପଚାରିବାରୁ ଟ୍ୟାଙ୍କର କିଣାହୋଇଛି କିନ୍ତୁ ତାହା ପଞ୍ଚାୟତକୁ ନ ଆସି କୌଣସି ଠିକାଦାରଙ୍କୁ ଭଡ଼ାରେ ଦିଆଯାଇଛି ବୋଲି ସଫେଇ ଦେଇଥିଲେ । ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ କଲ୍ ରେକର୍ଡ ଭାଇରାଲ ପରେ ପଞ୍ଚାୟତକୁ ଗୋଟିଏ ପାଣି ଟ୍ୟାଙ୍କର ଆସି ପହଞ୍ଚିଛି ।

ତେବେ ଏତେଦିନ ଧରି ଏହି ପାଣି ଟ୍ୟାଙ୍କର କେଉଁଠି ଥିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗୋଟିଏ ପାଣି ଟ୍ୟାଙ୍କର ଆସିଲା, ଆଉ ଗୋଟିଏ କୁଆଡ଼େ ଗଲା ବୋଲି ପଞ୍ଚାୟତବାସୀ ପ୍ରଶ୍ନ କରିଛନ୍ତି । ଏଣୁ ଘଟଣାର ତଦନ୍ତ କରି ସତ୍ୟାସତ୍ୟ ଉନ୍ମୋଚନ କରାଯିବା ସହିତ ଦୁର୍ନୀତିରେ ସମ୍ପୃକ୍ତ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଞ୍ଜୟ ନାୟକ, ଦିବାକର ବେହେରା, ସନ୍ତୋଷ ନାୟକ, ମନୋଜ ଦାଶ, ଦେବାଶିଷ ରାଉଳ, ସାରଦା ପରିଡ଼ା, ଆଶୁତୋଷ ରାଉଳ, ସୁବ୍ରତ ଦାଶ, ବିକାଶ ତରାଇ, ଶିବପ୍ରସାଦ ପରିଡ଼ା, ରଞ୍ଜିତ ମହାନ୍ତି, ଭାଗ୍ୟଧର ପରିଡ଼ା ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଦାବି ରଖିଛନ୍ତି ।

# ତାଳଗଛ କାଟିଥିବା ଜେସିବି ମେସିନ୍ ଗାଏବ

● ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀଙ୍କ ଦାବି

ଡେରାବିଶ,୨୦ ।୧୨(ସମିସ): ଡେରାବିଶ ତହସିଲ ଚାଟରାଚକଡ଼ା ରାଜସ୍ୱ ସର୍କଲ ଅଧୀନ ଓଲଡ଼ିଠାରୁ ଫକିରାବାଦ ପର୍ଯ୍ୟନ୍ତ ୧୯ନଂ ଡ୍ରେନେଜକଟ୍ ବନ୍ଧରେ ଥିବା ଶତାଧିକ ବଡ଼ ବଡ଼ ତାଳଗଛକୁ ଡ୍ରେନେଜକଟ୍ ସଫେଇ ଆଳରେ ଠିକାଦାର ଗତ ୧୭ ତାରିଖ ଜେସିବି ଲଗାଇ କାଟିଦେଇଥିଲେ । ଏ ନେଇ ଗ୍ରାମବାସୀ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଘଟଣାସ୍ଥଳରେ ତହସିଲଦାର ଓ ବନ କର୍ମଚାରୀ ପହଞ୍ଚି ଦୁଇଟି ଜେସିବି ଜବତ କରିଥିଲେ । ହେଲେ ଘଟଣା ଗୋଟିଏ ଦିନ ପରେ ଜବତ ଜେସିବିକୁ ନା ଥାନାରେ ଦେଖିବାକୁ ମିଳିଛି ନା କାର୍ଯ୍ୟସ୍ଥଳୀରେ । ଠିକାଦାର ଜଣକ ତଞ୍ଚକତାର ସହ ଜେସିବି ଦୁଇଟିର ଚାବି ହାତେଇ ରାତାରାତି କେଉଁଆଡ଼େ ନେଇଯାଇଥିବା ଚର୍ଚ୍ଚା ହେଉଛି । ସରକାର ଜନସାଧାରଣଙ୍କୁ ବଜ୍ରପାତରୁ ସୁରକ୍ଷା ଦେବା ପାଇଁ ବ୍ୟାପକ ତାଳଗଛ ରୋପଣ କରିବା ପାଇଁ ନିର୍ଦ୍ଦେଶ ଦେଉଥିବା ବେଳେ ଏଥିପାଇଁ ବ୍ୟାପକ ଅର୍ଥ ଖର୍ଚ୍ଚ କରୁଛନ୍ତି । ଏଥିସହିତ ତାଳଗଛ କାଟିବା ପାଇଁ ମଧ୍ୟ ପ୍ରତିବନ୍ଧକ ଲଗାଇଛନ୍ତି ।

ତେବେ ଠିକାଦାର ଜଣକ ଏହି ବଡ଼ ତାଳଗଛ କାଟିବା ପାଇଁ କେଉଁ ବିଭାଗରୁ ଅନୁମତି ଆଣିଥିଲେ ନା ମନକୁ ମନ କାଟି ସଫା କରିଦେଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ସବୁଠାରୁ ବଡ଼ କଥା ହେଉଛି ତହସିଲ ପ୍ରଶାସନ ପକ୍ଷରୁ ଜେସିବି ଜବତ ହୋଇଥିବା ବେଳେ କେମିତି ଠିକାଦାର ନେଇ ପଳାଇଲେ ତାହାର ତଦନ୍ତ କରିବାକୁ ଦାବି ହେଉଛି । ତୁରନ୍ତ ଉକ୍ତ ଜେସିବି ମେସିନ୍ ଜବତ କରିବା ସହ ଠିକାଦାରଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମର ତ୍ରିଲୋଚନ ବେହେରା, ମନୋଜ ଦାସ, ଜ୍ୟୋତ୍ସ୍ନାରାଣୀ ପାତ୍ର, ପ୍ରଦୀପ କୁମାର ମଲିକ, ଜିତେନ୍ଦ୍ର ବେହେରାଙ୍କ ସମେତ ଶତାଧିକ ଗ୍ରାମବାସୀ ଦାବି କରିଛନ୍ତି ।

# ପଟ୍ଟାମୁଣ୍ଡାଇ କଲେଜରେ ସାଂସ୍କୃତିକ ପ୍ରତିଯୋଗିତା

ପଟ୍ଟାମୁଣ୍ଡାଇ,୨୦ ।୧୨(ସମିସ): ପଟ୍ଟାମୁଣ୍ଡାଇ କଲେଜ ସାଂସ୍କୃତିକ ପରିଷଦ ପକ୍ଷରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜନ କରାଯାଇଛି । କାର୍ଯ୍ୟକ୍ରମକୁ କଲେଜ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ର ଉଦଘାଟନ କରିଥିଲେ । ପ୍ରାଧ୍ୟାପକ ଅମୀୟ କୁମାର ଦାସ, ପ୍ରାଧ୍ୟାପିକା ଡ. ଅଞ୍ଜଳି ଦାଶ, ସରୋଜିନୀ ମିଶ୍ର, ରଶ୍ମିତା ପାଣିଗ୍ରାହୀ, ଅଧ୍ୟାପକ ଚିନ୍ମୟ ସାମଲ, ଡ. ମାନସ ନାୟକ, ଶ୍ରୀମନ୍ତ ଜେନା, ଜିତେନ୍ଦ୍ର ମଲ୍ଲିକ, ରଞ୍ଜନ ବେହେରା, ଆଲୋକ ସାହୁ ଓ ଅମିତ ସାହୁଙ୍କ ତତ୍ତ୍ୱାବଧାନରେ ବକ୍ତୃତା, ଏକକ ଅଭିନୟ ଚିତ୍ରାଙ୍କନ, ରଙ୍ଗୋଲି, ମେହେନ୍ଦି, ସାଧାରଣଜ୍ଞାନ, ପଦ୍ୟ ଲିଖନ, ଗଳ୍ପ ଲିଖନ, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା । ଅଧ୍ୟାପକ ପୃଥ୍ୱୀରାଜ ବିଶ୍ୱାଳ ସ୍ୱାଗତଭାଷଣ ଓ ଅଧ୍ୟାପିକା ନିବେଦିତା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ରାଜେନ୍ଦ୍ର ଦାଶ, ରଞ୍ଜନ ପରିଡ଼ା, ଭାସ୍କର ବେହେରା, ବିଚାରକ ଭାବେ ଯୋଗଦେଇ କୃତୀ ପ୍ରତିଭା ଚୟନ କରିଥିଲେ । ଅଧ୍ୟାପିକା ଡ. ଲକ୍ଷ୍ମୀପ୍ରିୟା ପାତ୍ର ଧନ୍ୟବାଦ ଦେଇଥିଲେ । ଅଧ୍ୟାପକ ସରୋଜ ନାୟକ, ମନୋଜ ଦାଶ, ରୋହିତ ବରର୍ତ୍ତି, ଅଧ୍ୟାପିକା ଶୁଭଲକ୍ଷ୍ମୀ ପ୍ରଧାନ, ନମିତା ବେହେରା ଓ ଶୁଭଲକ୍ଷ୍ମୀ ପୋଥାଳ ସହଯୋଗ କରିଥିଲେ ।

# ନିର୍ମାଣ ଶ୍ରମିକ ସଂଘର ବୈଠକ



ଡେରାବିଶ,୨୦ ।୧୨(ସମିସ): ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଦୁମୁକାହାଟସ୍ଥିତ ଦଧିବାମନଜୀଉ ମନ୍ଦିର ପରିସରରେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ଡେରାବିଶ ବ୍ଲକ ଶାଖାର ବୈଠକ ଅନୁଷ୍ଠିତ ହୋଇଛି । ଶ୍ରମିକ ନେତା ମନୋଜ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ଯୋଗଦେଇ ମହିଳା ନିର୍ମାଣ ଶ୍ରମିକଙ୍କ ପରିଚୟପତ୍ର ପ୍ରଦାନ, ମୃତ୍ୟୁକାଳୀନ ସହାୟତା, ଝିଅ ବିଭାଘରର ଅନୁଦାନ ଏବଂ ବରିଷ୍ଠ ନିର୍ମାଣ ଶ୍ରମିକଙ୍କୁ ପେନସନ୍ ପ୍ରଦାନରେ କେନ୍ଦ୍ରାପଡ଼ା ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଅବହେଳା କରି ସମସ୍ତ ଦରଖାସ୍ତ ୫ବର୍ଷ ହେବ ପକାଇ ରଖିଥିବା ଅଭିଯୋଗ କରିଥିଲେ । ଏହାର ପ୍ରତିବାଦରେ ଶ୍ରମିକମାନେ ଆନ୍ଦୋଳନକୁ ଓହ୍ଲାଇବାରୁ ସେ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭଗବାନ ବେହେରା, ଚନ୍ଦ୍ରମଣି ପ୍ରଧାନ, ଧୀରେନ ସାହୁ, ଅରୁଣ ଦାସ ଉପସ୍ଥିତ ଥିଲେ । ହରି ମାହାଳି ଧନ୍ୟବାଦ ପ୍ରଦାନ କରିଥିଲେ ।

# ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ



ରାଜନଗର,୨୦ ।୧୨(ସମିସ): ରାଜନଗର ବ୍ଲକ ଓଷ୍ଟା ଆନୁକୂଲ୍ୟରେ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଜରିମୂଳସ୍ଥିତ ସାବିତ୍ରୀ ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଛି । ଏଥିରେ ବ୍ଲକର ୧୭ ବିଦ୍ୟାଳୟର ୨୫୦ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ବ୍ଲକ ସଭାପତି ମାନସ ରଞ୍ଜନ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଷ୍ଟା ରାଜ୍ୟ ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ସୀତାକାନ୍ତ ରାଉଳ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଯୁଗ୍ମ ସମ୍ପାଦକ ଟିଟିକାନ୍ତ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଙ୍ଗୁଳି ଚରଣ ମହାନ୍ତି, ନୋଡାଲ ପ୍ରଧାନଶିକ୍ଷକ ଶୁଭ୍ରଜ କୁମାର ବରାଳ, ସିଆରସିସି ନିରାକାର ରାଉତ, ଜିଲ୍ଲା ଉପସଭାପତି ବିଚିତ୍ର କୁମାର ସାହୁ, ବ୍ଲକ ସମ୍ପାଦକ ସମୀରଣ ମଣ୍ଡଳ ପ୍ରମୁଖ ଯୋଗଦେଇଥିଲେ । ଶିକ୍ଷକ ଅପୂର୍ବ ମିଳନ ରାଉଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜଗନ୍ନାଥ ମାଝୀ ସହଯୋଗ କରିଥିଲେ ।

ଅପରାହ୍ନରେ ଆୟୋଜିତ ଉଦ୍‌ଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ, ମୁଖ୍ୟବକ୍ତା ଭାବେ ଓଷ୍ଟା ରାଜ୍ୟ ସମ୍ପାଦକ ପ୍ରଣବ କୁମାର ଜେନା, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡା, ସସ୍ମିତା ସ୍ୱାଇଁ, ଜିଲ୍ଲା ସମ୍ପାଦକ ଭଗବାନ ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ମମତାରାଣୀ ବିଶ୍ୱାଳ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ସଙ୍ଘ ଉପଦେଷ୍ଟା କ୍ଷୀରୋଦ କୁମାର ମଲ୍ଲିକ, ସର୍ବେଶ୍ୱର ମହାନ୍ତି, ମହେଶ୍ୱର ରାଉତ, ବିଜୟ କୁମାର ଜେନା, ଶତ୍ରୁଘ୍ନ ତରାଇ, ସୁଶାନ୍ତ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ ।

# ଓଡ଼ିଶା ଟିମ୍ ହ୍ୟୁମାନିଟିର ବାର୍ଷିକ ଉତ୍ସବ



ରାଜକନିକା,୨୦ ।୧୨(ସମିସ): ଓଡ଼ିଶା ଟିମ ହ୍ୟୁମାନିଟି ପରିବାରର ପଞ୍ଚମ ବାର୍ଷିକ ଉତ୍ସବ ଅଶୋକ ବଜାରସ୍ଥିତ ନୟନା ମଣ୍ଡପରେ ଅନୁଷ୍ଠିତ ହୋଇଛି । ଅନୁଷ୍ଠାନର ସଭାପତି ଅଜିତ କୁମାର ବେହୁରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କନିକା ତହସିଲଦାର ଭାନୁମତୀ ମାଝୀ, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ, ସମ୍ମାନିତ ଅତିଥି ଭାବେ ରାଜକନିକା ଥାନାଧିକାରୀ ସଞ୍ଜୟ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଜନହିତକର କାର୍ଯ୍ୟ ଓ ସମାଜ ପ୍ରତି ଥିବା ଅବଦାନକୁ ପ୍ରଶଂସା କରିଥିଲେ । ଅନୁଷ୍ଠାନର ସଦସ୍ୟ ସଞ୍ଜୟ ନାୟକ ମଞ୍ଚ ପରିଚାଳନା କରିଥିଲେ । ସମ୍ପାଦକ ସୌମ୍ୟରଞ୍ଜନ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ଗଗନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଉପସଭାପତି ସୁଶାନ୍ତ କୁମାର ରାଉତ, କୋଷାଧ୍ୟକ୍ଷ ଅନିଲ କୁମାର ବେହେରା, ସରୋଜ କୁମାର ବେହେରା, ମଦନମୋହନ ସେଠୀ, ସୋନାଲି ନାୟକ, ଉପଦେଷ୍ଟା ହରେକୃଷ୍ଣ ବାରିକ ସହଯୋଗ କରିଥିଲେ ।

# ଭଗବତୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଡେରାବିଶ,୨୦ ।୧୨(ସମିସ): ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ବେଲାରପୁରସ୍ଥିତ ଭଗବତୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ବିଡିଓ ନମିତା ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ଏବିଇଓ ସଚ୍ଚିଦାନନ୍ଦ ମିଶ୍ର, ସମ୍ମାନିତ ଅତିଥି ଭାବେ ସାମାଜସେବୀ ବେବର୍ତ୍ତା ଅଜୟ ବଲ୍ଲଭ ଦାସ, ଅଭିମନ୍ୟୁ ରାଉତ, ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ବରାଳ, ପଟ୍ଟାମୁଣ୍ଡାଇ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଉର୍ମିଳା ଜେନା, ବିଦ୍ୟାଳୟ ପଞ୍ଚସଖା ଶିକ୍ଷାସେତୁ ସଭାପତି ନିରଞ୍ଜନ ଦାଶ ଯୋଗଦେଇଥିଲେ । ଅପରାହ୍ନରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏବିଇଓ ଖଗେଶ୍ୱର ନାୟକ, ସମ୍ମାନିତ ଅତିଥି ଭାବେ ବିଆରସିସି ଦେବଦତ୍ତ ଶତପଥୀ, ଶିକ୍ଷାବିତ ପ୍ରମୋଦ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିରଞ୍ଜନ ବାରିକ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଉଭୟ ସଭାରେ ପ୍ରଧାନଶିକ୍ଷକ କମଳାକାନ୍ତ ସାହୁ ପୌରୋହିତ୍ୟ କରିଥିଲେ । ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ଜେନା ଅତିଥି ପରିଚୟ ଏବଂ ମିତାଲି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଭିନ୍ନ ଶିକ୍ଷାନୁଷ୍ଠାନର ବାର୍ଷିକ କ୍ରୀଡ଼ା ଉତ୍ସବ





ପଟ୍ଟାମୁଣ୍ଡାଇ,୨୦ ।୧୨(ସମିସ): ପଟ୍ଟାମୁଣ୍ଡାଇ କଲେଜର ତିନିଦିନିଆ ୫୫ତମ ବାର୍ଷିକ କ୍ରୀଡ଼ା ଉଦଯାପିତ ହୋଇଛି । କଲେଜ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ର ପତାକା ଦେଖାଇ ଏହାକୁ ଉଦଘାଟନ କରିଥିଲେ । କଲେଜ କ୍ରୀଡ଼ା ସଂସଦ ଉପସଭାପତି ଅଧ୍ୟାପକ ଅରବିନ୍ଦ ପାଣ୍ଡା, ଅଧ୍ୟାପକ ଡ. ମାନସ ନାୟକ, ପ୍ରଦ୍ୟୁମ୍ନ ପ୍ରଧାନ, ଅଧ୍ୟାପିକା ରଶ୍ମିତା ପାଣିଗ୍ରାହୀ, ଦେବସ୍ମିତା ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା । ଅଧ୍ୟକ୍ଷ ପ୍ରଫେସର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ରଣଜୀ ଟ୍ରଫି ଖେଳାଳି ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ତମ ଶିକ୍ଷା ଓ କ୍ରୀଡ଼ା ଛାତ୍ରଛାତ୍ରୀଙ୍କୁ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଦେଇଥାଏ ବୋଲି କହିଥିଲେ । +୨ ବାଳକ ଚାମ୍ପିଅନ କରନ କୁମାର ଖୁଣ୍ଟିଆ, ବାଳିକା ଚାମ୍ପିଅନ ଶୁଭଶ୍ରୀ ଜେନା, +୩ ବାଳକ ଚାମ୍ପିଅନ ଦୁଷ୍ମନ୍ତ ମଲ୍ଲିକ ଓ ବାଳିକା ଚାମ୍ପିଅନ ମାଣ୍ଡୁଇ ସୋଇଙ୍କ ସମେତ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ । କ୍ରୀଡ଼ା ସଂସଦର ଅନ୍ୟତମ ଉପସଭାପତି ଅଧ୍ୟାପକ ପ୍ରଦ୍ୟୁମ୍ନ ପ୍ରଧାନ ବିବରଣୀ ପାଠ କରିଥିଲେ । ଅଧ୍ୟାପିକା ଦେବସ୍ମିତା ତ୍ରିପାଠୀ ଧନ୍ୟବାଦ ଦେଇଥିଲେ । ପ୍ରାଧ୍ୟାପକ ଡ. ରମେଶ ସାହୁ, କ୍ୟାପଟେନ ମନୋଜ ପରିଡ଼ା, ପ୍ରମୋଦ ସ୍ୱାଇଁ, ସର୍ବେଶ୍ୱର ସାହୁ, ଅଧ୍ୟାପକ ପିଣ୍ଟୁ ପଟେଲ, ପୃଥ୍ୱୀରାଜ ବିଶ୍ୱାଳ, ଅମିତ ସାହୁ ରୋହିତ ବରର୍ତ୍ତି, ଅଧ୍ୟାପିକା ନିବେଦିତା ପ୍ରଧାନ ଓ ସୀମାଙ୍ଗିନୀ ଦାସ ସହଯୋଗ କରିଥିଲେ ।

ପଞ୍ଚୁପାଣ୍ଡବ: ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷକ କମଳାକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡେରାବିଶ ବିଡିଓ ନମିତା ବାରିକ, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଅଜୟ ବେବର୍ତ୍ତା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ଉର୍ମିଳା ଜେନା, ମଞ୍ଜୁଶ୍ରୀ ବରାଳ, ଏବିଇଓ ଖଗେଶ୍ୱର ନାୟକ, ସଚ୍ଚିକାନ୍ତ ମିଶ୍ର, ଦେବଦତ୍ତ ଶତପଥୀ, ସିଆରସିସି ମାମୁନି ସିଂ, ସମାଜସେବୀ ଅଭିମନ୍ୟୁ ରାଉତ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ବାରିକ, ମୋ ସ୍କୁଲ ଅଭିଯାନ ସଭାପତି ନିରଞ୍ଜନ ଦାସ, ବନପ୍ରଭା ବାରିକ, କ୍ରୀଡ଼ା ଶିକ୍ଷୟିତ୍ରୀ ରଶ୍ମିତା ସିଂ ପ୍ରମୁଖ ସହଯୋଗ କରିଥିଲେ ।

ରାଜନଗର: ରାଜନଗର ବ୍ଲକ ମହିଷାସୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଛି । ମୁଖ୍ୟଅତିଥି ଭାବେ ସାମ୍ବାଦିକ ଦୋଳଗୋବିନ୍ଦ ଜେନା ଯୋଗଦେଇ ଶିକ୍ଷା ସହ ଶାରୀରିକ ଅଭ୍ୟାସ ଜାରି ରଖିବାକୁ କହିଥିଲେ । ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସ୍ନେହଲତା ମିଶ୍ର, ସଞ୍ଜୁକ୍ତା ଦାସ ଯୋଗଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ସୁଲେଖ ଚନ୍ଦ୍ର ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମୁଖ୍ୟଅତିଥି ଜେନା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ବିଭୂତି ଲେଙ୍କା, କୈଳାସ ଜେନା, ସ୍ୱପ୍ନାରାଣୀ ସାହୁ, ଶୁଭଶ୍ରୀ ଲେଙ୍କା, କବିତା ବାରିକ, ପ୍ରଣତି ସ୍ୱାଇଁ, ଜୋତିର୍ମୟୀ ସାହୁ, ସୁଦୀପ୍ତ ନାୟକ, ସଙ୍ଗୀତା ସାହୁ, ଅଭୟ ପରିଡ଼ା, ଗଣେଶ୍ୱର ଦାସ, ବଟକୃଷ୍ଣ ଜେନା, ସନ୍ନ୍ୟାସୀ ପ୍ରଧାନ ପ୍ରମୁଖ ସହଯୋଗ କରିଥଲେ ।

ଡେରାବିଶ: ଡେରାବିଶ ବ୍ଲକ ଯଅଁରା ବାରିମୂଳ ପଞ୍ଚାୟତ ଭିତରବଣ୍ଠସ୍ଥିତ ଡେଲଟା ଜୁନିୟର କଲେଜର ୩୪ତମ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଛି । ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଶଙ୍କର୍ଷଣ ପରିଡ଼ା, ସମ୍ମାନିତ ଅତିଥି ଭାବେ ସମାଜସେବୀ ସୁଖଦାନନ୍ଦ ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । କ୍ରୀଡ଼ା ଶିକ୍ଷକ ସୁରେନ୍ଦ୍ର ସ୍ୱାଇଁ ପ୍ରତିଯୋଗିତା ପରିଚାଳନା କରିଥିଲେ । ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ସାମ୍ବାଦିକ ପ୍ରମୋଦ କୁମାର ପ୍ରତାପ ଯୋଗଦେଇ କ୍ରୀଡ଼ା ଛାତ୍ରଛାତ୍ରୀଙ୍କୁ ପ୍ରତିଯୋଗୀ ମନସ୍କ କରିବା ସହ ଶୃଙ୍ଖଳିତ କରିଥାଏ ବୋଲି କହିଥିଲେ । ଉଭୟ ଉଦ୍‌ଘାଟନ ଓ ଉଦଯାପନୀ ଉତ୍ସବରେ କଲେଜ ଅଧ୍ୟକ୍ଷ ଡ. ବିବେକାନନ୍ଦ ମିଶ୍ର ସଭାପତିତ୍ୱ କରିଥିଲେ । ଅଧ୍ୟାପକ ଅଶୋକ ଦାସ ଓ ସୁରେନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ସୁବ୍ରତ ଦାସ, ବିକାଶ ସ୍ୱାଇଁ, ବିକ୍ରମ ବିଶ୍ୱାଳ, ବିଭୂତି ଦାସ, ଗଦାଧର ବେହେରା, ଡ. ପବିତ୍ର ନନ୍ଦ, ଶିଶିର ଶତପଥୀ, ପ୍ରଦୀପ ଜେନା, ସୁବାସ ତ୍ରିପାଠୀ, ମହେଶ ଶତପଥୀ, ଅମିୟ ଶତପଥୀ, ଅଧ୍ୟାପିକା ମମତା ପ୍ରଧାନ ସହଯୋଗ କରିଥିଲେ ।





## ଅଭିନେତା ଶ୍ରୀନିବାସନଙ୍କ ପରଲୋକ



କୋଚି, ୨୦।୧୨(ଏଜେନ୍ସି): ଲୋକପ୍ରିୟ ମାଲାୟଲମ ଅଭିନେତା ଶ୍ରୀନିବାସନଙ୍କର ପରଲୋକ ହୋଇଯାଇଛି। ତାଙ୍କୁ ୬୯ ବର୍ଷ ବୟସ ହୋଇଥିଲା। ସେ ଏକାଧାରରେ ଜଣେ ଅଭିନେତା ହେବା ସହ ନିର୍ଦ୍ଦେଶକ, ସ୍କ୍ରିନରାଇଟର, ପ୍ରଯୋଜକ ମଧ୍ୟ ଥିଲେ। ସେ ଆଜି ହସ୍ପିଟାଲରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟ ଜନିତ ସମସ୍ୟା ଓ ହୃଦଘାତରେ ପୀଡିତ ଥିଲେ। ସେ କେରଳର ଏର୍ଣ୍ଣାକୁଲମ ଜିଲ୍ଲାର ଉଦୟାମପୁରସ୍ଥିତ ନିଜ ଘରେ ହିଁ ଚିକିତ୍ସିତ ହେଉଥିଲେ। ଶନିବାର ସକାଳେ ଡାଏଲିସିସ ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ଏହାପରେ ତାଙ୍କୁ କୋଚିର ତ୍ରିପୁନିଥୁରାର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ଓ ସେଠାରେ ହିଁ ସେ ପରଲୋକ ଗମନ କରିଥିଲେ। ୧୯୫୬ ଏପ୍ରିଲ ୬ରେ ସେ କେରଳର ଥାଲାସେରି ନିକଟସ୍ଥ ପଟ୍ଟାୟମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଜଣେ ସ୍କୁଲ ଶିକ୍ଷକ ଓ ମାତା ଜଣେ ଗୃହିଣୀ ଥିଲେ। ପାଠ ପଢ଼ା ସାରିବା ପରେ ସେ ଚେନ୍ନାଇର ଫିଲ୍ମ ଓ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟରୁ ସିନେମା ସମ୍ପର୍କରେ ଅଧ୍ୟୟନ କରିଥିଲେ। ନିଜର ସଫଳ କ୍ୟାରିଅରରେ ସେ ୨୨୫ଠାରୁ ଅଧିକ ସିନେମାରେ କାର୍ଯ୍ୟ କରିଛନ୍ତି।

## ଟ୍ରେନ୍‌ରେ କଟି ୩ ମୃତ

କୋଲକାତା, ୨୦।୧୨(ଏଜେନ୍ସି): ପଶ୍ଚିମବଙ୍ଗର ନଦିଆ ଜିଲ୍ଲାରେ ଶନିବାର ସକାଳେ ଟ୍ରେନ୍‌ରେ କଟି ୩ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଘନ କୁହୁଡି କାରଣରୁ ଏହି ଦୁର୍ଘଟଣା ଘଟିଥିଲା ବୋଲି କୁହାଯାଇଛି। ଏଥିରେ ୨ ଜଣ ଲୋକ ଆହତ ମଧ୍ୟ ହୋଇଛନ୍ତି। ଏମାନେ ସମସ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତହେରପୁର ରାଲିରେ ଯୋଗ ଦେବାକୁ ବାହରି ଥିଲେ। ଏହି ଦୁର୍ଘଟଣା ତହେରପୁର ଓ ବଡ଼କୁଲ୍ଲା ଷ୍ଟେସନ ମଝିରେ ହିଁ ଘଟିଥିଲା। ଏଥିରେ ପ୍ରଧାନମନ୍ତ୍ରୀ ଦୁଃଖ ପ୍ରକାଶ କରିଛନ୍ତି। ପୁଲିସ ଦେଇଥିବା ସୂଚନା ଅନୁଯାୟୀ ୪୦ ଜଣ ବିଜେପି ସମର୍ଥକ ଏକ ବସ ଯୋଗୁଁ ମୁର୍ସିଦାବାଦରୁ ତହେରପୁର ଆସୁଥିଲେ। କିନ୍ତୁ ବସରୁ ୫ଜଣ ଓହ୍ଲାଇ ରେଳ ଲାଇନ ପାର କରି ଯିବାକୁ ପ୍ରୟାସ କରୁଥିଲେ। ହଠାତ ଟ୍ରେନ୍ ଆସିଥିଲା ଓ ଘନ କୁହୁଡି ଯୋଗୁଁ ସେମାନେ ନିଜକୁ ବଞ୍ଚାଇ ପାରିନଥିଲେ। ମୃତକଙ୍କୁ କ୍ରିଷ୍ଣାନଗର ଥାନାକୁ ନିଆଯାଇଛି ଓ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଦୁର୍ଘଟଣା ପାଇଁ ତୃଣମୂଳ କଂଗ୍ରେସ ବିଜେପି ନେତୃତ୍ୱକୁ ସମାଲୋଚନା କରିଛି।

## ତୋଶାଖାନା ଦୁର୍ନୀତି ମାମଲା | ଇମ୍ରାନ, ପତ୍ନୀ ବୁଶ୍‌ରାଙ୍କୁ ୧୭ ବର୍ଷ ଜେଲ୍, ୧୬ କୋଟି ଜରିମାନା

ଇସଲାମାବାଦ୍, ୨୦।୧୨(ଏଜେନ୍ସି): ଜେଲରେ ବନ୍ଦୀ ଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ପାକସ୍ତାନ ତେହେରିକ-ଇ ଇନ୍‌ସାଫ ପାର୍ଟିର ପ୍ରତିଷ୍ଠାତା ତଥା ସୁପ୍ରିମୋ ଇମ୍ରାନ ଓ ତାଙ୍କ ପତ୍ନୀ ବୁଶରା ବିବିଙ୍କୁ ସରକାରୀ ଉପହାର ଦୁର୍ନୀତି-୨ ମାମଲାରେ ୧୭ ବର୍ଷ ଲେଖାଏଁ ଜେଲ୍ ଦଣ୍ଡାଦେଶ ହୋଇଛି। ଫେଡେରାଲ ଇନଭେଷ୍ଟିଗେସନ ଏଜେନ୍ସି (ଏଫ୍‌ଆଇଏ)ର ଏକ ସ୍ୱତନ୍ତ୍ର କୋର୍ଟ ଶନିବାର ଏହି ରାୟ ଶୁଣାଇଛନ୍ତି। ଦୁହିଁଙ୍କ ଉପରେ ୧୬.୪ କୋଟି ଟଙ୍କାର ଜରିମାନା ମଧ୍ୟ କରାଯାଇଛି।

ଏହି ମାମଲା ଏକ ଦାମୀ ବୁଲଗାରୀ ଘଡ଼ି ସେଟ୍ ସହିତ ଜଡିତ। ଏହି ଘଡ଼ି ସେଟ୍ ୨୦୧୮ରେ ସାଉଦି ରାଜକୁମାର ମହମ୍ମଦ ବିନ ସଲମାନ ଇମ୍ରାନଙ୍କୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ ଓ ଏହାର ମୂଲ୍ୟ ୨ କୋଟି ଟଙ୍କା ଥିଲା। ତେବେ ଏହି ଉପହାରର ପ୍ରକୃତ ମୂଲ୍ୟ ବିଷୟରେ ଇମ୍ରାନ ପାକିସ୍ତାନ ଅଭିଲେଖାଗାରକୁ ଜଣାଇ ନଥିଲେ। ସେ କହିଥିଲେ ଏହି ଘଡିର ମୂଲ୍ୟ ମାତ୍ର ୫ ଲକ୍ଷ ଟଙ୍କା।





ଫଳରେ ଏହି ଘଡି ପାକିସ୍ତାନ ସରକାରୀ ରାଜକୋଷକୁ ଯାଇପାରି ନଥିଲା। ଇମ୍ରାନ ଏହାକୁ ବ୍ୟକ୍ତିଗତ ଭାବେ ବିକ୍ରି କରିବାକୁ ଚାହୁଁଥିଲେ। ରାୱଲପିଣ୍ଡିର ଆଦିଆଲା ଜେଲ୍‌ରେ ହୋଇଥିବା ସ୍ୱତନ୍ତ୍ର ଶୁଣାଣି ସମୟରେ ସ୍ୱତନ୍ତ୍ର ଜଜ୍ ଶାହରୁଖ ଅର୍ଜୁମନ୍ ଏହି ରାୟ ଶୁଣାଇଛନ୍ତି।

ଅନ୍ୟଏକ ଦୁର୍ନୀତି ମାମାଲରେ ଇମ୍ରାନ ୨୦୨୩ରୁ ଆଦିଆଲା ଜେଲ୍‌ରେ ରହିଛନ୍ତି। ଇମ୍ରାନ ୭୩ ବର୍ଷୀୟ ହୋଇଥିବାରୁ ଓ ବୁଶରା ଜଣେ ମହିଳା ହୋଇଥିବାରୁ ଦଣ୍ଡ କମ୍ କରାଯାଇଛି ବୋଲି କୁହାଯାଇଛି। ବୁଶରାଙ୍କ କାରଣରୁ ଇମ୍ରାନ ଏହି ଦୁର୍ନୀତି ମାମଲାରେ ଫସି ଯାଇଥିଲେ। ଉପହାର ସ୍ୱରୂପ ମିଳିଥିବା ଘଡ଼ିକୁ ଇମ୍ରାନ ପତ୍ନୀ ବୁଶରାଙ୍କୁ ଦେଇଥିଲେ। ବୁଶରା କିନ୍ତୁ ଏହି ଘଡ଼ିକୁ ନିଜର ଜଣେ ମନ୍ତ୍ରୀଙ୍କ ଦ୍ୱାରା ବିକ୍ରି କରିବାକୁ ଚେଷ୍ଟା କରିଥିଲେ। ନିୟମ ଅନୁସାରେ ଯଦି କୌଣସି ଉପହାରର ମୂଲ୍ୟ ୪ ଲକ୍ଷ ଟଙ୍କାରୁ ଅଧିକ ହୁଏ, ତେବେ ଏହାକୁ ପ୍ରଧାନମନ୍ତ୍ରୀ କିମ୍ବା ରାଷ୍ଟ୍ରପତି କିଣିପାରିବେ। ଯଦି କେହି ନ କିଣନ୍ତି, ତେବେ ଏହାର ନିଲାମୀ ହୋଇଥାଏ। କିନ୍ତୁ ଇମ୍ରାନ ୨ କୋଟି ଟଙ୍କାର ଘଡିର ମୂଲ୍ୟକୁ କେତେବେଳେ ୫ ଓ କେତେବେଳେ ୭ ଲକ୍ଷ ଟଙ୍କା ବୋଲି କହିଥିଲେ। ସେ ଏହି ମୂଲ୍ୟରେ କ୍ରୟ କରି ତାକୁ ପ୍ରକୃତ ମୂଲ୍ୟ ଅର୍ଥାତ୍ ଦୁଇ କୋଟି ଟଙ୍କାରେ ବିକ୍ରି କରିଥିଲେ ଓ ଏହି ମାମାଲାରେ ଫସିଯାଇଥିଲେ। ଉଲ୍ଲେଖଥାଉ କି, ଇମ୍ରାନଙ୍କ ବିରୋଧରେ ୧୦୦ରୁ ଊର୍ଦ୍ଧ୍ୱ ମାମଲା ଚାଲୁଛି। ସେ ୨୦୨୩ ଅଗଷ୍ଟରୁ ଜେଲ୍‌ରେ ରହିଛନ୍ତି। ଦୁର୍ନୀତି ମାମଲାରେ ତାଙ୍କୁ ୧୪ ବର୍ଷ ଜେଲ ହୋଇସାରିଛି। ଏଥିରେ ସରକାରୀ ଉପହାର (ତୋଶାଖାନା ମାମଲା) ବିକ୍ରୟ ଓ ସରକାରୀ ଗୁପ୍ତତଥ୍ୟ ଲିକ୍ ମାମଲା ସାମିଲ ରହିଛି।

# ହାଦିଙ୍କର ଅନ୍ତିମ ସଂସ୍କାରରେ ଭାରତବିରୋଧୀ ସ୍ଲୋଗାନ

ଢ଼ାକା, ୨୦।୧୨(ଏଜେନ୍ସି): ବାଂଲାଦେଶରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ବିରୋଧୀ ଭାବେ ପରିଚିତ ଥିବା ଛାତ୍ରନେତାଉସ୍ମାନହାଦିଙ୍କରଆଜିଅନ୍ତିମସଂସ୍କାରକରାଯାଇଛି। ଢାକା ବିଶ୍ୱବିଦ୍ୟାଳୟ।ରେ ଜାତୀୟ କବି କାଜି ନାଜରୁଲ ଇସଲାମଙ୍କ କବର ନିକଟରେ ତାଙ୍କୁ ସାମାଧି ଦିଆଯାଇଛି। ଏହାପୂର୍ବରୁ ଅପରାହ୍ଣ ୨.୩୦ରେ ସଂସଦ ଭବନର ସାଉଥ ପ୍ଲାଜାରେ ତାଙ୍କ ପାଇଁ ଜନାନା ନମାଜ ପାଠ କରାଯାଇଥିଲା। ତେବେ ଏହି ଅନ୍ତିମ ସଂସ୍କାର ବେଳେ ତାଙ୍କର ସମର୍ଥକମାନେ ଭାରତ-ବିରୋଧୀ ସ୍ଲୋଗାନ ଦେଉଥିବାର ଦେଖାଯାଇଥିଲା। ହାଦିଙ୍କ ହତ୍ୟାକାଣ୍ଡ ପଛରେ ଭାରତର ହାତ ରହିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି କାରଣରୁ ହାଦିଙ୍କ ସମର୍ଥକମାନେ ବାଂଲାଦଦେଶର ବିଭିନ୍ନ ସ୍ଥାନରେ ଭାରତୀୟ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିବାକୁ ଉଦ୍ୟମ କରିଛନ୍ତି।

ଇତିମଧ୍ୟରେ ଇନ୍‌କିଲାବ ମଞ୍ଚର ନେତା ଅବଦୁଲ୍ଲା ଅଲ ଜାବେର ନାମଜ ପାଠ ପରେ ସମର୍ଥକଙ୍କୁ ଶାହାବାଗ ଯିବାକୁ ଆହ୍ୱାନ୍ନ ଦେଇଥିଲେ। ଆମେ ଶୋକ କିମ୍ବା ଦୁଃଖ ପ୍ରକାଶ କରିବାକୁ ଆସିନାହୁଁ। ଆମେ ନ୍ୟାୟ ମାଗିବାକୁ ଆସିଛୁ। ହାଦିଙ୍କ ହତ୍ୟା ଘଟଣାର ଦୁଇ ସପ୍ତାହ ବିତି ଯାଇଥିଲେ ମଧ୍ୟ କାହାକୁ ଏପର୍ଯ୍ୟନ୍ତ ଗିରଫ କରାଯାଇନାହିଁ ବୋଲି ସେ କହିଥିଲେ। ଏହି ମାମଲାରେ ସରକାର ଗତ ୨୪ ଘଣ୍ଟା ମଧ୍ୟରେ କି ପଦକ୍ଷେପ ନେଇଛନ୍ତି ସେ ନେଇ ସ୍ପଷ୍ଟ କରନ୍ତୁ ବୋଲି ସେ ଦାବି କରିଥିଲେ। ସେହିପରି ନମାଜ ପରେ ଅନ୍ତରୀଣ ସରକାରଙ୍କ ଉପଦେଷ୍ଟା ମହମ୍ମଦ ୟୁନୁସ ମଧ୍ୟ କହିଥିଲେ ଯେ ଯେପର୍ଯ୍ୟନ୍ତ ବାଂଲାଦେଶର ଅସ୍ତିତ୍ୱ ରହିଛି, ସେ ପର୍ଯ୍ୟନ୍ତ ହାଦି ଆମ ହୃଦୟରେ ରହିଥିବେ। ସେ ଜଣେ ଉଦୀୟମାନ ଯୁବ ନେତା ଥିଲେ। ଏହାସହିତ ସେ ପ୍ରତିଶ୍ରୁତି ଦେଇଥିଲେ ଯେ ହାଦିଙ୍କ ହତ୍ୟାକାରୀଙ୍କୁ ଧରିବା ଲାଗି ଉଦ୍ୟମ କରାଯାଉଛି। ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସୂଚନାଯୋଗ୍ୟ ଯେ ଆସନ୍ତା ଫେବୃଆରୀରେ ହେବାକୁ ଯାଉଥିବା ସଂସଦ ନିର୍ବାଚନରେ ହାଦୀ ସ୍ୱାଧୀନ ପ୍ରାର୍ଥୀ ଭାବେ

- **କାଜି ନଜରୁଲ ଇସ୍‌ଲାମଙ୍କ କବର ନିକଟରେ ସମାଧି**
- **ହିନ୍ଦୁ ଯୁବକଙ୍କ ଭିଡ଼ ହତ୍ୟା ମାମଲାରେ ୭ ଗିରଫ**

ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଘୋଷଣା କରିଥିଲେ। ୟୁନୁସ, ଖାଲେଦା ଜିଆଙ୍କ ବିଏନପି ଏବଂ କଠୋରପନ୍ଥୀ ଜମାତ ଇସଲାମୀ ସହ ତାଙ୍କର ମତାନ୍ତ ଥିଲା। ସେ ପାକିସ୍ତାନ ବା ଅନ୍ୟ କୌଣସି ରାଷ୍ଟ୍ରର ହସ୍ତକ୍ଷେପକୁ ପସନ୍ଦ କରୁନଥିଲେ। ଏହି କାରଣରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି।

ଇତିମଧ୍ୟରେ ବାଂଲାଦେଶରେ ଗତକାଲି ଦୀପୁ ଚନ୍ଦ୍ର ଦାସ ନାମକ ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା ମାମଲାରେ ରାପିଡ ଆକ୍ସନ ବାଟାଲିଅନ (ଆରଏବି) ୭ ଜଣ ଲୋକଙ୍କୁ ଗିରଫ କରିଛି। ଆରଏବି-୧୪ ବିଭିନ୍ନ ସ୍ଥାନରେ ଚଢାଉ କରି ଏମାନଙ୍କୁ



ଗିରଫ କରିଛି ବୋଲି ସରକାରଙ୍କ ତରଫରୁ କୁହାଯାଇଛି। ଦୀପୁ ଏକ କାରଖାନା।ରେ କାମ କରୁଥିଲେ। ସେ ତାଙ୍କ ପରିବାରର ଏକମାତ୍ର ରୋଜଗାର କରୁଥିବା ବ୍ୟକ୍ତି ଥିଲେ। ତାଙ୍କ ଉପରେ ତାଙ୍କ ଦିବ୍ୟାଙ୍ଗ ପିତା, ମାତା, ପତ୍ନୀ ଓ ପିଲା ନିର୍ଭର କରୁଥିଲେ। ଆନ୍ଧ୍ରପ୍ରଦେଶ ଉପ-ମୁଖ୍ୟମନ୍ତ୍ରୀ ପବନ କଲ୍ୟାଣ, କଂଗ୍ରେସ ବରିଷ୍ଠ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଏକ୍ସରେ ପୋଷ୍ଟ କରି ଏହି ଘଟଣାକୁ ନିନ୍ଦା କରିଛନ୍ତି। ମହମ୍ମଦ ୟୁନୁସୁଙ୍କ ନେତୃତ୍ୱାଧୀନ ବାଂଲାଦେଶର ଅନ୍ତରୀଣ ସରକାର ମଧ୍ୟ ଏହି ଘଟଣାକୁ ନନ୍ଦା କରିଛି। ଉଲ୍ଲେଖଥାଉ କି, ଆୱାମୀ ଲିଗ୍ ସୁପ୍ରିମୋ ଶେଖ ହସିନାଙ୍କୁ ଗାଦିଚ୍ୟୁତ କରିବା ପରେ ଭାରତ- ବିରୋଧୀ ହିଂସା କମିବାର ନା ନେଉନାହିଁ। ହସିନା ଭାରତରେ ଆଶ୍ରୟ ନେଇଥିବାରୁ ତାଙ୍କର ବିରୋଧୀମାନେ ଭାରତ ବିରୋଧରେ ବିଷ ଉଗାରୁଛନ୍ତି। ନିହତ ଯୁବ ନେତା ହାଦି ମଧ୍ୟ ଭାରତ ବିରୋଧରେ ବିସ୍ଫୋରକ ବୟାନ ଦେଉଥିଲେ।

## ବିପଦରେ ଜମ୍ମୁ-କଶ୍ମୀରର ରାଟଲ୍ ଜଳବିଦ୍ୟୁତ୍ ପ୍ରକଳ୍ପ

ଶ୍ରୀନଗର, ୨୦।୧୨(ଏଜେନ୍ସି): ଜମ୍ମୁ-କଶ୍ମୀରର କିସ୍ତୱାରରେ ଚେନାବ ନଦୀ ଉପରେ ନିର୍ମିତ ରାଟଲେ ଜଳବିଦ୍ୟୁତ ପ୍ରକଳ୍ପକୁ ନେଇ ଏବେ ବିପଦ ସୃଷ୍ଟି ହୋଇଛି। ଜମ୍ମୁ-କଶ୍ମୀର ପୁଲିସ ଦେଇଥିବା ସୂଚନା ଅନୁଯାୟୀ ଏହି ପ୍ରକଳ୍ପରେ କାର୍ଯ୍ୟରତ ୨୯ଜଣ ଶ୍ରମିକ ଆତଙ୍କବାଦୀଙ୍କ ସମ୍ପର୍କରେ ରହିଛନ୍ତି। ଏହି ଶ୍ରମିକମାନେ ଦେଶ ବିରୋଧୀ ଓ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ଅଛନ୍ତି। ଏହି ଶ୍ରମିକମାନଙ୍କୁ ନିଯୁକ୍ତ ଦେବାର ନିଷ୍ପତ୍ତିକୁ ପୁନର୍ବିଚାର କରିବାକୁ ପୁଲିସ କମ୍ପାନୀକୁ କହିଛି। ଏହି ଶ୍ରମିକମାନେ ଏବେ ପ୍ରକଳ୍ପର ସୁରକ୍ଷା ନେଇ ଗମ୍ଭୀର ବିପଦ ସୃଷ୍ଟି କରିଛନ୍ତି। ଏଭଳି ଶ୍ରମିକଙ୍କ କାର୍ଯ୍ୟକଳାପ ଓ ଗତିବିଧି ଉପରେ କମ୍ପାନୀ ନଜର ରଖିବା ଉଚିତ ବୋଲି କୁହାଯାଇଛି। ଏହି ୮୫୦ ମେଗାୱାଟ୍‌ର ପ୍ରକଳ୍ପ ନ୍ୟାସନାଲ ହାଇଡ୍ରୋ ପାୱାର କର୍ପୋରେସନ ଲିମିଟେଡ (ଏନ୍‌ଏଚ୍‌ପିସିଏଲ୍) ଓ ଜମ୍ମୁ-କଶ୍ମୀର ସରକାରଙ୍କ ମିଳିତ ଉଦ୍ୟମରେ ନିର୍ମାଣ କରାଯାଉଛି। ୩, ୭୦୦ କୋଟି ଟଙ୍କା ବିନିମୟରେ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଚାଲିଛି। ମେଘା ଇଞ୍ଜିନିୟରିଂ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକଚର ଲିମିଟେଡ (ଏମ୍‌ଇଆଇଏଲ)କୁ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ପ୍ରଦାନ କରାଯାଇଛି। ଏହି ପ୍ରକଳ୍ପରେ କାର୍ଯ୍ୟ କରୁଥିବା ୨୯ ଜଣ ଶ୍ରମିକଙ୍କ ମଧ୍ୟରୁ ୫ ଜଣ ସକ୍ରିୟ ଥିବା କିମ୍ବା ଆତ୍ମସମର୍ପଣ କରିଥିବା ଆତଙ୍କବାଦୀଙ୍କ ସମ୍ପର୍କୀୟ ବୋଲି ପୁଲିସ ଭେରିଫିକେଶନରେ ଜାଣିବାକୁ ପାଇଥିଲା। ଜଣେ କର୍ମଚାରୀଙ୍କ ଦାଦା ହିଜବୁଲ ମୁଝାହିଦ୍ଦିନର ଆତଙ୍କବାଦୀ ମହମ୍ମଦ ଅମିନ ବୋଲି ଜଣାପଡ଼ିଛି। ଏମ୍‌ଇଆଇଏଲ କମ୍ପାନୀ ମଧ୍ୟ ଏ ନେଇ ନିଜର ସ୍ପଷ୍ଟୀକରଣ ଦେଇଛି। ଶ୍ରମିକମାନେ ନିଜେ ଆତଙ୍କବାଦୀ ହୋଇ ନଥିବାରୁ ସେମାନଙ୍କୁ ହଟାଇବା କଷ୍ଟକର। ଏମାନଙ୍କ ବିରୋଧରେ ଏପର୍ଯ୍ୟନ୍ତ କୌଣସି ଆପରାଧିକ ମାମଲା ନାହିଁ। ତେବେ ଏମାନଙ୍କ ଉପରେ କଡ଼ା ନଜର ରଖାଯିବ ବୋଲି ଏମ୍‌ଇଆଇଏଲ ପୁଲିସକୁ ଆଶ୍ୱାସନା ଦେଇଛି।

## ଯାତ୍ରୀଙ୍କୁ ମାଡ଼ମାରି ପାଇଲଟ ନିଲମ୍ବିତ

ନୂଆଦିଲ୍ଲୀ, ୨୦।୧୨(ଏଜେନ୍ସି): ଦିଲ୍ଲୀ ବିମାନ ବନ୍ଦରର ଟର୍ମିନାଲ-୧ରେ ଦାୟିତ୍ୱରେ ନଥିବା ଜଣେ ପାଇଲଟ ଶୁକ୍ରବାର ଅଙ୍କିତ ଦିୱାନ ନାମକ ଜଣେ ଯାତ୍ରୀଙ୍କ ସହ ମାଡ଼ପିଟ୍ କରି ତାଙ୍କୁ ଲହୁଲୁହାଣ କରିଥିଲେ। ଏହାପରେ ଅଙ୍କିତ ସାମାଜିକ ଗଣମାଧ୍ୟମରେ ନିଜ ସହିତ ହୋଇଥିବା ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ସାମାଜିକ ଗଣମାଧ୍ୟମରେ ସେ ନିଜର ଆହତ ହୋଇଥିବା ରକ୍ତାକ୍ତ ଚେହେରା ଓ ପାଇଲଟଙ୍କ ପୋଷାକ ମଧ୍ୟ ପୋଷ୍ଟ କରିଥିଲେ। ଘଟଣା ସାମ୍ନାକୁ ଆସିବା ମାତ୍ରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ (ଡିଜିସିଏ) ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛି। ଏଥିପାଇଁ ଏୟାର ଇଣ୍ଡିଆର ସମ୍ପୃକ୍ତ ପାଇଲଟ ବୀରେନ୍ଦ୍ର ସେଜୱାଲଙ୍କୁ ନିଲମ୍ବିତ କରାଯାଇଛି।



ପାଇଲଟ ଡ୍ୟୁଟିରେ ନଥିଲେ ବୋଲି ଏୟାର ଲାଇନ୍ସ ତରଫରୁ କୁହାଯାଇଛି। ସେ ଅନ୍ୟଏକ ବିମାନର ଯାତ୍ରୀ ଥିଲେ। ଆମେ ତାଙ୍କୁ ଦାୟିତ୍ୱରୁ ହଟାଇଛୁ ଓ ତଦନ୍ତ ଶେଷ ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଘଟଣା ପରେ ଅଙ୍କିତ ଦିୱାନ ଏହି ଘଟଣା ପରେ ଏକ ପୋଷ୍ଟ ଲେଖିଛନ୍ତି। ଏହି ମାମଲାକୁ ରଫାଦଫା କରିବା ପାଇଁ ମୋ ଉପରେ ଚାପ ପ୍ରୟୋଗ କରାଯାଇଥିଲା। ଜବରଦସ୍ତି ମୋ ଦ୍ୱାରା ଏକ ଚିଠି ଲେଖାଯାଇଥିଲା। ଯଦି ମୁଁ ଏପରି ନ କରିଥାନ୍ତି ତେବେ, ମୋତେ ବିମାନ ଯାତ୍ରାରୁ ବଞ୍ଚିତ ହେବାକୁ ପଡ଼ିଥାନ୍ତା ବୋଲି ସେ କହିଛନ୍ତି।

## ୨୪ରେ ଇସ୍ରୋ ସବୁଠୁ ଶକ୍ତିଶାଳୀ ରକେଟ୍ ଉତ୍‌କ୍ଷେପଣ କରିବ

ନୂଆଦିଲ୍ଲୀ, ୨୦।୧୨(ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଖ୍ରୀଷ୍ଟମାସ ପୂର୍ବରୁ ଆସନ୍ତା ୨୪ ତାରିଖରେ ତା'ର ସବୁଠାରୁ ଶକ୍ତିଶାଳୀ ରକେଟ ମହାକାଶକୁ ଛାଡିବ ବୋଲି ଘୋଷଣା କରିଛି। ଏହାକୁ ଇସ୍ରୋର ବାହୁବଳୀ ରକେଟ ବା ଏଲ୍‌ଭିଏମ୍‌୩ (ଲଞ୍ଚ ଭେଇକଲ ମାର୍କ-୩) ବୋଲି କୁହାଯାଉଛି। ଏହି ରକେଟ ମାଧ୍ୟମରେ ଆମେରିକର ବ୍ଲ୍ୟୁବାର୍ଡ ବ୍ଲକ-୨ ନାମକ ଏକ ବିଶାଳ ବାଣିଜ୍ୟିକ ଉପଗ୍ରହକୁ ମହାକାଶକୁ ପଠାଯିବ। ଏହି ରକେଟର ଉଚ୍ଚତା ୪୩ ମିଟର ଓ ଓଜନ ୬୪୦ ଟନ ବୋଲି କୁହାଯାଇଛି। ଏହି ରକେଟ ୮, ୦୦୦ କେଜି ଓଜନର ଜିନିଷକୁ ଲୋ ଆର୍ଥ ଅର୍ବିଟକୁ ନେଇ ପାରିବ। ବ୍ଲ୍ୟୁବାର୍ଡ ବ୍ଲକ-୨ ଉପଗ୍ରହର ଓଜନ ପାଖାପାଖି ୬.୫ ଟନ ବୋଲି କୁହାଯାଇଛି। ୨୪ ତାରିଖ ୮.୫୪ ମିନିଟ୍‌ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାର ଦ୍ୱିତୀୟ ଲଞ୍ଚ୍ ପ୍ୟାଡରୁ ଏହାକୁ ଛଡ଼ାଯିବ। ଦେଶବ୍ୟାପୀ ଥିବା ମହାକାଶପ୍ରେମୀ ଏହି ଉଦ୍‌କ୍ଷେପଣ ପ୍ରକ୍ରିୟାର ସିଧାପ୍ରସାରଣ ଦେଖିପାରିବେ। ଏହି ମିଶନ ଏଲଭିଏମ୍-୩ ରକେଟର ଷଷ୍ଠ ଉଡାଣ କାର୍ଯ୍ୟକ୍ରମ ହେବ। ଇସ୍ରୋ ଏବେ ଏହାଠାରୁ ଅଧିକ ଶକ୍ତିଶାଳୀ ରକେଟ 'ସୂର୍ଯ୍ୟ (ଏନ୍‌ଜିଏଲ୍‌ଭି)' ଉପରେ କାର୍ଯ୍ୟ କରୁଛି। ଏହାର ଉଚ୍ଚତା ୯୨ ମିଟର ହେବ ଓ ଭବିଷ୍ୟତରେ ଏହା ଚନ୍ଦ୍ର ଅଭିଯାନରେ ସହାୟକ ହେବ। ଏହି ଐତିହାସିକ ମୁହୂର୍ତ୍ତକୁ ଶ୍ରୀହରିକୋଟାରେ ଥିବା ଲଞ୍ଚ୍ ଭେଇକଲ ଗ୍ୟାଲେରୀରରେ ସିଧାସଳଖ ଦେଖିହେବ। ଏହାକୁ ୟୁଟ୍ୟୁବ ସମେତ ଅନ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଦେଖିହେବ।

## ଆମେରିକା ଆକ୍ରମଣରେ ୭୦ ଆଇଏସ୍ ଆଡ୍ଡା ଧ୍ୱଂସ

ଡମାସ୍କସ, ୨୦।୧୨(ଏଜେନ୍ସି): ଆମେରିକା ଶୁକ୍ରବାର ପଶ୍ଚିମ ଏସିଆ ଦେଶ ସିରିଆରେ ଜଣାଶୁଣା ଆତଙ୍କବାଦୀ ସଂଗଠନ ଆଇଏସ୍‌ଆଇଏସ୍ ସହିତ ଜଡିତ ୭୦ଟି ଠିକଣା ଉପରେ ଆକ୍ରମଣ କରି ସେଗୁଡିକୁ ଧ୍ୱଂସ କରିଛି। କିଛିଦିନ ତଳେ ସିରିଆରେ ଦୁଇଜଣ ଆମେରିକୀୟ ସୈନ୍ୟ ଓ ଜଣେ ଟ୍ରାନ୍ସଲେଟରଙ୍କୁ ମାରିଦିଆଯିବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଏହି ସାମରିକ କାର୍ଯ୍ୟାନୁଷ୍ଠାନକୁ 'ଅପରେସନ ହକ୍‌ଆଇ' ନାମ ଦିଆଯାଇଛି। ମୃତ୍ୟୁବରଣ କରିଥିବା ଦୁଇ ଆମେରିକୀୟ ସୈନିକ ଆୟୋବା ରାଜ୍ୟର ବାସନ୍ଦା। ଆୟୋବା ରାଜ୍ୟକୁ 'ହକ୍‌ଆଇ ଷ୍ଟେଟ୍' କୁହାଯାଇଥାଏ। ଏଥିପାଇଁ ଏହା 'ଅପରେସନ ହକ୍‌ଆଇ' ନାମ ଦିଆଯାଇଛି। ଆମେରିକା କହିବା ଅନୁସାରେ ଆତଙ୍କବାଦୀ ରହୁଥିବା ଠିକଣା ଅସ୍ତ୍ରଶସ୍ତ୍ର ରଖାଯାଉଥିବା ଗୋଦାମ ଉପରେ ହିଁ ଆକ୍ରମଣ କରାଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଏହି ଅପରେସନ ନେଇ ନିଜର ପ୍ରତିକ୍ରିୟା ପକାଶ କରିଛନ୍ତି। ନିଜ ପ୍ରତିଶ୍ରୁତି ପୂରଣ କରିଛି ବୋଲି ସେ କହିଛନ୍ତି। ଆମେରିକା ପ୍ରତିରକ୍ଷା ମନ୍ତ୍ରୀ ପିଟି ହେଗସେଥ କହିଛନ୍ତି ଯେ, ପ୍ରତିଶୋଧ ସ୍ୱରୂପ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ଏହା କୌଣସି ନୂଆ ଯୁଦ୍ଧର ଆରମ୍ଭ ନୁହଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଯେଉଁମାନେ ଆମେରିକା ସୈନ୍ୟକୁ ମାରିଛନ୍ତି ସେମାନଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି। ଟ୍ରମ୍ପଙ୍କ ନେତୃତ୍ୱରେ ଆମେରିକା ନିଜ ନାଗରିକ ତଥା ସୈନ୍ୟଙ୍କ ରକ୍ଷା ପାଇଁ କେବେ ପଛକୁ ହଟିବା ନାହିଁ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ଡିସେମ୍ବର ୧୩ରେ ଦୁଇଜଣ ଆମେରିକୀୟ ସୈନ୍ୟ ଓ ଜେଟ ଟ୍ରାନ୍ସଲେଟରଙ୍କୁ ଆକ୍ରମଣ କରାଯାଇ ମାରି ଦିଆଯାଇଥିଲା। ଅବଶ୍ୟ ଆଇଏସ୍‌ଆଇଏସ୍ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରି ନଥିଲା। ଏହାପରେ ଆମେରିକା କିଛି ଜବାବ ଦେବ ବୋଲି ଆଶଙ୍କା ମଧ୍ୟ କରାଯାଉଥିଲା। ଆକ୍ରମଣକାରୀଙ୍କୁ ଆମେରିକା ଜବାବ ଦେଉଛି ବୋଲି ଟ୍ରମ୍ପ କହିଛନ୍ତି।

## ଅନୁପ୍ରବେଶକାରୀଙ୍କୁ କିଏ ଦେଉଥିଲା ଶରଣ?

ନୂଆଦିଲ୍ଲୀ, ୨୦।୧୨(ଏଜେନ୍ସି): ବର୍ଷ ବର୍ଷ ଧରି କଂଗ୍ରେସ କରିଥିବା ତ୍ରୁଟିକୁ ଆମେ ସୁଧାରିବାକୁ ପ୍ରୟାସ କରୁଛୁ। ଭୋଟ ବ୍ୟାଙ୍କ ପାଇଁ କଂଗ୍ରେସ ଅନୁପ୍ରବେଶକାରୀଙ୍କୁ ଯୋଜନାବଦ୍ଧ ଭାବେ ଶରଣ ଦେଉଥିଲା। କିନ୍ତୁ ଆମେ ସେମାନଙ୍କୁ ହଟାଇବାକୁ ପ୍ରୟାସ କରୁଛୁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୌହାଟୀର ଏକ ରାଲିରେ ଭାଷଣ ଦେବା ଅବସରରେ କହିଛନ୍ତି। କଂଗ୍ରସ ସବୁବେଳେ ଆସାମର ବିରୋଧରେ କାର୍ଯ୍ୟ କରିଆସୁଛି। ଅନୁପ୍ରବେଶକାରୀଙ୍କୁ ଶରଣ ଦେବା ଫଳରେ ରାଜ୍ୟରେ ଜନସଂଖ୍ୟାରେ ଆଶାତୀତ ପରିବର୍ତ୍ତନ ହୋଇଛି। ଏବେ ଏହା ଆସାମର ସୁରକ୍ଷା ସାଙ୍ଗକୁ ରାଜ୍ୟର ପରିଚୟକୁ ବିପଦରେ ପକାଇଛି। ଏହିକ୍ରମରେ ସେ ହିମନ୍ତ ବିଶ୍ୱ ଶର୍ମାଙ୍କ ନେତୃତ୍ୱାଧୀନ ଆସାମ ସରକାରଙ୍କୁ ପ୍ରଶଂସା କରିଛନ୍ତି। ଦେଶ ବିରୋଧୀ ଲୋକଙ୍କ କବଳରୁ ସରକାର ଆସାମର ସମ୍ବଳକୁ ମୁକ୍ତ କରିବାକୁ କଠିନ ପରିଶ୍ରମ କରୁଛନ୍ତି। ମୋଦୀ ଦୁଇଦିନିଆ ଗସ୍ତରେ ଆସାମ ଯାଇଛନ୍ତି। ସେ ଗୌହାଟୀରେ ଲୋକପ୍ରିୟ ଗୋପୀନାଥ ବୋର୍ଦୋଲୋଇ ଅନ୍ତର୍ଜାତୀୟ ବିମାନ ବନ୍ଦରର ନୂତନ ଟର୍ମିନାଲ



ଉଦ୍‌ଘାଟନ କରିଛନ୍ତି। ଏହା ଦେଶର ପ୍ରଥମ ପ୍ରକୃତି-ଥିମ ବିଶିଷ୍ଟ ବିମାନ ବନ୍ଦରର ଟର୍ମିନାଲ ବିବେଚିତ ହେଉଛି। ଏହାର ଥିମ ବାଉଁଶ ବଗିଚା ଉପରେ ନିର୍ମିତ ହୋଇଛି। ମୋଦୀ ରବିବାର ଆସାମରେ ୧୫, ୬୦୦ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ସେ ଗୋପୀନାଥ ବୋର୍ଦ୍ଦୋଲୋଇଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଏହାପୂର୍ବରୁ ସେ ପଶ୍ଚିମବଙ୍ଗରେ ରାଲିରେ ଯୋଗ ଦେଇ ମମତା ବାନାର୍ଜୀଙ୍କ ସରକାରକୁ ସମାଲୋଚନା କରିଥିଲେ। ରାଜ୍ୟରେ ତୃଣମୂଳ କଂଗ୍ରେସ ସରକାର ଜନତାଙ୍କୁ ଲୁଟପାଟ୍ କରିବା ସହ ଡରାଇବାର ସବୁ ସୀମା ପାରକରିଛି।

# ଧରାପଡ଼ିଲା କ୍ଲିଣ୍ଟନଙ୍କ କାରନାମା; ଏପ୍‌ଷ୍ଟିନ ଫାଇଲରୁ ଟ୍ରମ୍ପ ଗାଏବ୍

ୱାସିଂଟନ, ୨୦।୧୨ (ଏଜେନ୍ସି): ବିଶ୍ୱରେ ଚହଳ ପକାଇଥିବା ବହୁ ଚର୍ଚ୍ଚିତ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନ୍‌ଙ୍କ ଫାଇଲ ଖୋଲିଛି। ଏହା ଅନେକ ବଡ଼ ବଡ଼ ବ୍ୟବସାୟୀ, ନେତା ଓ ସେଲିବ୍ରିଟିଙ୍କ କଳା କାରନାମାର ଗୁମର ଖୋଲି ଦେଇଛି। ଭାରତୀୟ ସମୟ ଶୁକ୍ରବାର ରାତି ୨ଟା୩୦ରେ ଆମେରିକା ନ୍ୟାୟ ବିଭାଗ ଏହି ଯୌନ କେଲେଙ୍କାରୀରେ ଯୌନ ପିପାସୁ ଏପଷ୍ଟିନଙ୍କ ସହ ଜଡ଼ିତ ୩ ଲକ୍ଷ ଦଲିଲକୁ ୭ଟି ସେଟ୍‌ରେ ଜାରି କରିଛି। ଆହୁରି କିଛି ଫାଇଲ ଜାରି କରାଯିବ ବୋଲି କୁହାଯାଇଛି। ଏଥିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମେତ ଅନେକ ହାଇପ୍ରୋଫାଇଲ ବ୍ୟବସାୟୀ, ସେଲିବ୍ରିଟି, ଶିକ୍ଷାବିତ ଏବଂ ରାଜନେତାଙ୍କ ନାମ ରହିଛି। ଆମେରିକାର ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ, ପପ୍ ସିଙ୍ଗର ମାଇକେଲ ଜ୍ୟାକସନ, ହଲିଉଡ ଅଭିନେତା କ୍ରିସ ଟକ୍କର, କେଭିନ ସ୍ପେସି, ଆମେରିକୀୟ ଉପସ୍ଥାପକ ଓପ୍ରା ୱିନଫ୍ରେ, ଆରବପତି ରିଚାର୍ଡ ବ୍ରେସନନ, ବ୍ରିଟେନ ରାଜକୁମାର ଆଣ୍ଡ୍ରୁ ଏବଂ ତାଙ୍କ ପତ୍ନୀ ସାରା ଫର୍ଗୁସନ ପ୍ରମୁଖ ସାମିଲ ଅଛନ୍ତି। ଏହି ଦଲିଲର ପ୍ରଥମ ୭ ପୃଷ୍ଠାରେ ମସାଜ ଦେଉଥିବା ୨୫୪ ମହିଳାଙ୍କ ନାମ ରହିଛି। ତେବେ ସେମାନଙ୍କ ପରିଚୟ ପ୍ରକାଶ କଲେ ବିପଦ ଥିବାରୁ ମୁହଁକୁ କଳା କରିଦିଆଯାଇଛି।

କିଛି ଫଟୋରେ ଯୁବତୀଙ୍କ ସହ କ୍ଲିଣ୍ଟନ ଗାଧୋଉଥିବା ଏବଂ ପାର୍ଟି କରୁଥିବା ଦେଖାଯାଉଛି। ଆଉ କିଛି ଫଟୋରେ ସେ ଯୁବତୀଙ୍କ ସହ ହଟ୍-ଟବରେ ନଜର ଆସୁଛନ୍ତି। କିନ୍ତୁ ଉକ୍ତ ଯୁବତୀଙ୍କ ଫଟୋକୁ କଳା କରିଦିଆଯାଇଛି। ଅନ୍ୟ ଏକ ଫଟୋରେ ଏପଷ୍ଟିନଙ୍କ ସହଯୋଗୀ ଘିସଲାନୀ ମାକ୍ସୱେଲଙ୍କ ସହ କ୍ଲିଣ୍ଟନ ପହଁରୁ ଥିବା ଦେଖାଯାଉଛି।

- **ଯୁବତୀଙ୍କ ସହ ହଟ୍-ଟବରେ ବିଲ୍ କ୍ଲିଣ୍ଟନ**
- **ମାଇକେଲ ଜ୍ୟାକ୍‌ସନଙ୍କ ଫଟୋ ଭାଇରାଲ**

ସେହିପରି ମିକ ଜାଗର ଏବଂ ମାଇକେଲ ଜ୍ୟାକସନଙ୍କୁ ଏକାଠି ଦେଖିବାକୁ ମିଳୁଛି। ବ୍ରିଟିଶ ଯୁବରାଜ ଆଣ୍ଡ୍ରୁ ୫ ମହିଳାଙ୍କ କୋଳରେ ଶୋଇଥିବା ଦେଖାଯାଉଛି। ତାଙ୍କ ପତ୍ନୀ ସାରାଙ୍କୁ ଅନ୍ୟ ଜଣେ ମହିଳାଙ୍କ ସହ ଦେଖାଯାଇଛି। ଏପଷ୍ଟିନର କୋଳରେ ନାବାଳିକା ବସିଥିବା ନଜର ଆସୁଛି। ଏପିଷ୍ଟନ ଫାଇଲକୁ ୪ଟି ସେଟ୍‌ରେ ଜାରି କରାଯାଇଛି। ଏଥିରେ ୩.୫୦୦ରୁ ଅଧିକ ଫାଇଲ ଏବଂ ୨.୫ ଜିବିର ଫଟୋ ସାମିଲ ରହିଛି। ୯୫ ହଜାରରୁ ଅଧିକ ଫଟୋ ଥିବା କୁହାଯାଉଛି। ଏହି ଖୁଲାସାର କି ପ୍ରଭାବ ପଡ଼ିବ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ତେବେ ଜାତୀୟ ସୁରକ୍ଷା ସହ ଜଡ଼ିତ ଥିବାରୁ ଆଉ କିଛି ଫାଇଲକୁ ରୋକି ଦିଆଯାଇଛି ବୋଲି ଆମେରିକା ନ୍ୟାୟ ବିଭାଗ କହିଛି। ଫାଇଲ୍ସରେ ଥିବା କଣ୍ଟାକ୍ଟ ବୁକ୍‌ରେ ଟ୍ରମ୍ପଙ୍କ ନାମ ମଧ୍ୟ ରହିଛି। ତେବେ ଏହି ବୁକ୍ କାହାର ତାହା ଜଣାପଡ଼ି ନାହିଁ। ପୂର୍ବରୁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏହି ଯୌନ ଅପରାଧୀ ଏପଷ୍ଟିନର ଘନିଷ୍ଠ ସହଯୋଗୀ ଥିଲେ। ସେ ଅନେକ ମାସ ପର୍ଯ୍ୟନ୍ତ ଏହି ଫାଇଲକୁ ଜାରି ନ କରିବା ପାଇଁ ଲଢେଇ ଲଢ଼ି ଥିଲେ। ମାତ୍ର ଯୌନକର୍ମୀ ଚାଲାଣ ମାମଲାରେ ଜେଲ୍‌ରେ ଥିବାବେଳେ ୨୦୧୯ ରେ ନ୍ୟୁୟର୍କ ଜେଲ୍‌ରେ ଏପଷ୍ଟିନ ଆତ୍ମହତ୍ୟା କରିଥିବା ଖବର ଆସିଥିଲା। କିନ୍ତୁ ସେ ସମୟରେ ଜେଲ୍‌ର ସ୍ଥିତିକୁ



ଦେଖିଲେ ଏହା ହତ୍ୟାକାଣ୍ଡ ଭଳି ମନେ ହୁଏ। କାରଣ ଏହି ଘଟଣା ଦିନ କୌଣସି ସିସିଟିଭି କାମ କରୁ ନ ଥିଲା। କୌଣସି ସୁରକ୍ଷାକର୍ମୀ ସେଲ୍ ଭିତରେ ନ ଥିଲେ। ତେଣୁ ଏହି ମାମଲାକୁ ଚପାଇବା ପାଇଁ ଜେଲ୍‌ରେ ଏପଷ୍ଟିନଙ୍କୁ ହତ୍ୟା କରାଯାଇଥିବା କୁହାଯାଉଛି।

ଏହି ଏପଷ୍ଟିନ ଫାଇଲ ଜାରି କରିବା ପାଇଁ ଟ୍ରମ୍ପଙ୍କ ଉପରେ ଚାପ ପଡ଼ିଥିଲା। ବିରୋଧୀଙ୍କ ସହିତ ଟ୍ରମ୍ପଙ୍କ ନିଜ ଦଳ ରିପବ୍ଲିକାନ ମଧ୍ୟ ଏହା ସପକ୍ଷରେ ଗୃହରେ ଭୋଟ କରିଥିଲା। ବହୁମତରେ ବିଲ୍ ପାରିତ ହୋଇଥିବା ଟ୍ରମ୍ପ ଏହାକୁ ରୋକି ପାରି ନ ଥିଲେ। ଏଥିପାଇଁ ବ୍ରିଟେନ ରାଜା ମଧ୍ୟ ଚାପ ପକାଇଥିବା କୁହାଯାଉଥିଲା। ସେଥିପାଇଁ ଟ୍ରମ୍ପ ବ୍ରିଟେନ ଗସ୍ତରେ ଯାଇ ରାଜା ଚାର୍ଲ୍ସଙ୍କୁ ଭେଟିଥିଲେ। କିନ୍ତୁ ଏହାର କୌଣସି ଲାଭ ମିଳି ନ ଥିଲା। ଏହି ଫାଇଲରେ ବ୍ରିଟେନ ଯୁବରାଜ ଆଣ୍ଡ୍ରୁଙ୍କ ନାମ ରହିଛି। ପରିବାର ଇଜ୍ଜତ ତଳେ ପଡ଼ିଯିବ ବୋଲି ବ୍ରିଟେନ ରାଜା ମଧ୍ୟ ଏହାକୁ ରୋକିବାକୁ ପ୍ରୟାସ କରିଥିବା ଚର୍ଚ୍ଚା ହେଉଛି।



# ଖୁବ୍ ଶୀଘ୍ର ପ୍ରେକ୍ଷାଳୟରେ 'ଚକ୍ରାନ୍ତ'

ପରିବାର ଛାଡ଼ି ଅନେକ ବାହାରକୁ ଆସନ୍ତି । କିଏ ପାଠ ପଢ଼ିବା ଲକ୍ଷ୍ୟରେ ତ କିଏ ଚାକିରି କରିବା ଉଦ୍ଦେଶ୍ୟରେ । ମାତ୍ର ଅନେକ ସମୟରେ ଆମ ଜୀବନର ପ୍ରକୃତ ଲକ୍ଷ୍ୟକୁ ପଛରେ ଛାଡ଼ି ସମୟ, ପରିସ୍ଥିତି ସହ ଆମେ ଭିନ୍ନ ମୋଡ଼ରେ ପାଦ ଦେଇଥାଉ । ଖୁବ୍ ଶୀଘ୍ର ପ୍ରେକ୍ଷାଳୟକୁ ଆସୁଥିବା 'ଚକ୍ରାନ୍ତ' ଚଳଚ୍ଚିତ୍ରରେ ମଧ୍ୟ ଏଭଳି କିଛି କାହାଣୀ ଦେଖିବାକୁ ମିଳିବ । ଏହି ସିନେମାଟି ଆସନ୍ତା ଜାନୁଆରୀ ମାସରେ ମୁକ୍ତିଲାଭ କରିବାକୁ ଯାଉଛି। ରହସ୍ୟ ଓ ରୋମାନ୍ସରେ ଭରା ଏଇ ଫିଲ୍ମଟି ହେଉଛି ଗୋଟିଏ ସମ୍ପୂର୍ଣ୍ଣ ଏଣ୍ଟରଟେନମେଣ୍ଟ ପ୍ୟାକେଜ୍ । ଯେଉଁଥିରେ ଭରପୂର କମେଡି ଅଛି । ବିଶେଷକରି ଏହି କାହଣୀ ସବୁ ବର୍ଗର ଦର୍ଶକଙ୍କୁ ପ୍ରେକ୍ଷାଳୟରେ ବାନ୍ଧି ରଖିପାରିବ ବୋଲି ପ୍ରଯୋଜନା ସଂସ୍ଥା ଆଶାବାଦୀ ଅଛି । 'ଲକ୍ଷେଶ୍ୱର ପ୍ରଡ଼କସନ୍' ବ୍ୟାନରରେ ପ୍ରସ୍ତୁତ ତଥା ସୌରଭ ପାଢ଼ୀଙ୍କ ପ୍ରଯୋଜିତ ଏହି ନୂଆ ଓଡ଼ିଆ ଚଳଚ୍ଚିତ୍ରରେ ପ୍ରଥମଥର ପାଇଁ ଭୂମିକାଙ୍କ ସହିତ ନାୟକ ଶୁଭାଶିଷ ଶର୍ମା ଓରଫ୍ ମଣ୍ଟୁ ନଜର ଆସୁଛନ୍ତି । 'ଚକ୍ରାନ୍ତ'ର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଭାର କାନ୍ଧେଇଛନ୍ତି ପିନୁ ନାୟକ । କାହାଣୀ ରଚନାରେ ଦିଶା ପାଢ଼ୀ ଥିବା ବେଳେ ସଂଳାପ ରଚନା କରିଛନ୍ତି ଜିତେନ୍ଦ୍ର କୁମାର ବରାଳ । ଚଳଚ୍ଚିତ୍ରରେ ଅନ୍ୟମାନଙ୍କ ମଧ୍ୟରେ ହରିହର ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ଧରିତ୍ରୀ ଖଣ୍ଡୁଆଳ, ସୁରଭି, ସୌମ୍ୟ ଶତପଥୀ, ଶୁଭମ୍ ପାଢ଼ୀ, ସୁମନ ମହାନ୍ତି ପ୍ରମୁଖଙ୍କ ସହ ଅତିଥି କଳାକାର ଭାବେ ଅଶ୍ରୁମୋଚନ ମହାନ୍ତି ଅଭିନୟ କରିଛନ୍ତି । ■


# ବ୍ରହ୍ମପୁରର ପର୍ଶୁ

କେକେ ଜଣେ ଉଚ୍ଚକୋଟୀର ଅଭିନେତା । ସେ ଯେଉଁ ଚରିତ୍ରରେ ଅଭିନୟ କରନ୍ତି, ଦର୍ଶକଙ୍କ ହୃଦୟରେ ଏକ ନିଆରା ଛାପ ଛାଡ଼ି ଯାଆନ୍ତି । ଆଗାମୀ ଚଳଚ୍ଚିତ୍ର 'ଲଢେଇ'ରେ ତାଙ୍କୁ ସେମିତି ଏକ ଦମ୍‌ଦାର ଚରିତ୍ର ମିଳିଛି । ପର୍ଶୁ ଜେନା ଯିଏ କି ଚଳଚ୍ଚିତ୍ରର ମୁଖ୍ୟ ଖଳନାୟକ । ବ୍ରହ୍ମପୁର ସହର ତା' କଥାରେ ଚାଲେ । ରାଜନୈତିକ ମହଲରେ ବି ତା'ର ବେଶ୍ ଭଲ ହାତ । ନାୟକ ସହିତ ତା'ର ସାଙ୍ଗମାନେ ପରିସ୍ଥିତିରେ ପଡ଼ି ପର୍ଶୁ ଜେନା ଗ୍ୟାଙ୍ଗରେ ଯୋଗ ଦିଅନ୍ତି । ପର୍ଶୁ ସେମାନଙ୍କୁ ଶରଣ ଦିଏ, କାମ ଦିଏ । କିନ୍ତୁ ଏଭଳି ସମୟ ଆସେ ସେମାନେ ପର୍ଶୁକୁ ଆଉ ମାନନ୍ତି ନାହିଁ। ଏଇଠାରୁ କାହାଣୀ ମୋଡ଼ ନିଏ । ଆଗକୁ କ'ଣ ଘଟେ, ତାହା ଫିଲ୍ମ ଦେଖିଲା ପରେ ଦର୍ଶକେ ଜାଣି ପାରିବେ । ଡିସେମ୍ବର ୩୧ରେ ସିନେମା 'ଲଢ଼େଇ' ମୁକ୍ତିଲାଭ କରୁଛି । ନିଜ ଚରିତ୍ରକୁ ଯଥେଷ୍ଟ ନ୍ୟାୟ ଦେବାକୁ ସେ ଚେଷ୍ଟା କରିଛନ୍ତି ଏବଂ ଦର୍ଶକଙ୍କୁ ଏହା ଭଲ ଲାଗିବ ବୋଲି କେକେ କହିଛନ୍ତି । ■



# ଏଥର '୪ ଇଡିୟଟସ୍'

ନିର୍ଦ୍ଦେଶକ ରାଜକୁମାର ହିରାନୀଙ୍କ ଫିଲ୍ମ 'ଥ୍ରୀ ଇଡିୟଟସ୍'କୁ ଲୋକେ ଏବେ ବି ଦେଖିବାକୁ ପସନ୍ଦ କରୁଛନ୍ତି । ଏହାରି ଭିତରେ ଏହାର ସିକ୍ୱେଲକୁ ନେଇ ଚର୍ଚ୍ଚା ହେଉଥିଲା । ଏବେ ନିର୍ମାତା ଏହାର ସିକ୍ୱେଲର ଅସ୍ଥାୟୀ ନାମକରଣ କରିଛନ୍ତି । ଏହାର ନାଁ '୪ ଇଡିୟଟସ୍' ରଖାଯାଇଛି । ଆଗକୁ ଏହାର ନାଁରେ




ପରିବର୍ତ୍ତନ ବି ହୋଇପାରେ । ଯଦିଓ ସିକ୍ୱେଲର କାହାଣୀ ପୂର୍ବରୁ ସ୍ଥିର ହୋଇସାରିଛି, ତଥାପି ୨୦୨୬ରେ ଏହାର ସୁଟିଂ ଆରମ୍ଭ ହେବା କୁହାଯାଉଛି । ସେହିପରି ସିକ୍ୱେଲରେ ଚତୁର୍ଥ ଇଡିୟଟ୍‌ର ସନ୍ଧାନରେ ଏବେ ଏହାର ନିର୍ମାତା ଅଛନ୍ତି । ପ୍ରଥମ ଭାଗ ତୁଳନାରେ ଏହାର ସିକ୍ୱେଲ ଯେଭଳି ଅଧିକ ଭଲ ହେବ, ସେ ଦିଗରେ ପ୍ରଚେଷ୍ଟା ଚାଲିଛି । ଅନ୍ୟପଟେ ୨୦୦୯ ମସିହାରେ ମୁକ୍ତିଲାଭ କରିଥିଲା । ଏହାର ମୁଖ୍ୟ ଚରିତ୍ରରେ ଅମିର ଖାନ, ଆର୍ ମାଧବନ, ଶରମନ ଯୋଶୀ ଏବଂ କରିନା କପୁର ସାମିଲ ଥିଲେ । ବକ୍ସ ଅଫିସ୍‌ରେ ଏହା ପ୍ରାୟ ୨୦୦ କୋଟିର ବ୍ୟବସାୟ କରିଥିଲା । ■

# 'ଫି' ପାଇଁ ଚର୍ଚ୍ଚାରେ ସନ୍ନି



ଖୁବ୍ ଶୀଘ୍ର ଆସିବାକୁ ଯାଉଛି ହିନ୍ଦୀ ସିନେମା 'ବର୍ଡର-୨' । ଏହା ୧୯୯୭ ମସିହାରେ ସୁପରହିଟ୍ ଫିଲ୍ମ 'ବର୍ଡର'ର ସିକ୍ୱେଲ । ଏହି ସିନେମାରେ ଜଣେ କଳାକାରଙ୍କ ପାରିଶ୍ରମିକକୁ ନେଇ ଖୁବ୍ ଚର୍ଚ୍ଚା ହେଉଛି । ତେବେ ଫିଲ୍ମର ମୁଖ୍ୟ ଚରିତ୍ରରେ ସନ୍ନି ଦେଓ୍ୱଲ ନଜର ଆସିବେ । ଏହି ସିନେମାରେ ସେ ସବୁଠୁ ଅଧିକ ପାରିଶ୍ରମିକ ଦାବି କରିଥିବା କୁହାଯାଉଛି । ଏପରିକି ଉକ୍ତ ସିନେମାର ସେ ହେଲେ ଦାମୀ ଅଭିନେତା । ସେ ୫୦ କୋଟି ଟଙ୍କା ନେବେ । ତାଙ୍କର ଏହି ଫି' 'ବର୍ଡର' ସିନେମା ତୁଳନାରେ ୪୦ ଗୁଣ ଅଧିକ । ବରୁଣ ଏବଂ ଦିଲଜିତ୍ ମଧ୍ୟ 'ବର୍ଡର ୨' ସିନେମାରେ ନଜର ଆସିବେ । ଏହି ୱାର୍ ସିନେମା ଲାଗି ବରୁଣଙ୍କୁ ୧୫-୨୦ କୋଟି ଟଙ୍କା ଦିଆଯିବ । ସେହିପରି ଦିଲଜିତ୍‌ଙ୍କୁ ପ୍ରାୟ ୧୦ କୋଟି ଦିଆଯିବ । ଅନ୍ୟପଟେ ଏହି ସିନେମାଟି ୨୦୨୬ ମସିହା ଜାନୁଆରୀ ୨୩ ତାରିଖରେ ପ୍ରେକ୍ଷାଳୟକୁ ଆସିବ । ■

ସାକ୍ଷାତକାର

# 'ମଞ୍ଚ ପରେ ସବୁଠି ଅଭିନୟ କରିବା ସହଜ'

**ରୋଶନ ରାଉତ, ଅଭିନେତା**



ଅନେକେ ପିଲାଦିନେ କଳାକାର ହେବାକୁ ସ୍ୱପ୍ନ ଦେଖନ୍ତି । କାହାର ସ୍ୱପ୍ନ ସାକାର ହୁଏ ଆଉ କାହାର ସ୍ୱପ୍ନ ସ୍ୱପ୍ନ ହୋଇ ରହିଯାଏ । ତେବେ ସଫଳ କଳାକାର ହେବାକୁ ବେଶ୍ ପରିଶ୍ରମ ଓ ସାଧନା କରିବାକୁ ପଡ଼ିଥାଏ । ଏମିତି ଜଣେ କଳାକାର ହେଉଛନ୍ତି ବାରସୁଆଡ଼ାର ରୋଶନ ରାଉତ, ଯିଏ ନିଜର ପ୍ରତିଭା ବଳରେ ଅଭିନେତା ଭାବେ ଖ୍ୟାତି ଅର୍ଜନ କରିପାରିଛନ୍ତି । ସିନେମା ଦେଖି ଅଭିନେତାଟିଏ ହେବାକୁ ପିଲାଦିନୁ ସେ ସ୍ୱପ୍ନ ଦେଖିଥିଲେ । ସ୍ୱପ୍ନ ପୂରା କରିବାକୁ ପ୍ରଥମେ ସେ ଡ୍ୟାନ୍ସ କ୍ଲାସରେ ଯୋଗ ଦେଇଥିଲେ । ପରେ ପରେ 'ଶତାବ୍ଦୀର କଳାକାର' ଥିଏଟରରେ ଜୀବନ୍ତ ଅଭିନୟ କରି ପ୍ରଶଂସିତ ହୋଇଥିଲେ । ପରବର୍ତ୍ତୀ ସମୟରେ ଅଡିସନ୍ ଦେଇ ଧାରାବାହିକରେ ଅଭିନୟ କରିବାର ସୁଯୋଗ ପାଇଥିଲେ ରୋଶନ । ଏବେ ସେ 'ତୋରି ପାଇଁ ତୋ ପାଇଁ' ଧାରାବାହିକରେ 'ଲକି' ଭୂମିକାରେ ଅଭିନୟ କରୁଛନ୍ତି । ରୋଶନଙ୍କଠାରୁ ଜାଣିବା ତାଙ୍କ ସଂଘର୍ଷର କାହାଣୀ ।

**ମଞ୍ଚ ଅଭିନେତା ହୋଇ ଧାରାବାହିକକୁ କାହିଁକି ଆପଣାଇଲେ?**

● ପିଲାଦିନେ ଅଧରାତି ଯାଏଁ ମୁଁ ସବୁ ହିନ୍ଦୀ ସିନେମା ଦେଖୁଥିଲି । ହେଲେ ପଢ଼ାରେ କେବେ ଅବହେଳା କରୁନଥିଲି । ସିନେମା ଦେଖି ଅଭିନୟ ପ୍ରତି ମୋର ଦୁର୍ବଳତା ବଢ଼ିଥିଲା । ଦ୍ୱାଦଶ ଶ୍ରେଣୀରେ ନୃତ୍ୟ ଶିଖିବା ଆରମ୍ଭ କଲି । କଲେଜ ପରେ 'ଶତାବ୍ଦୀର କଳାକାର' ଥିଏଟରରେ ଯୋଗ ଦେଇଥିଲି । 'ଏବଂ ଅଭିମନ୍ୟୁ' ମୋର ଅଭିନୀତ ପ୍ରଥମ ମଞ୍ଚ ନାଟକ । ଏଥିରେ ମୁଁ ଅର୍ଜୁନ ଭୂମିକାରେ ଅଭିନୟ କରିଥିଲି । ପରେ ପରେ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ', 'ବିଷର୍ଣ୍ଣ ଭାରତ', 'ତନ୍ଦ୍ରାଲୋକର ପ୍ରହରୀ', 'ବାବାଜୀ' ଆଦି ମଞ୍ଚ ନାଟକରେ ଅଭିନୟ କରି ଦର୍ଶକଙ୍କଠାରୁ ଅଜସ୍ର ଭଲପାଇବା ପାଇଛି । ଜଣେ କଳାକାର ନିଜକୁ ପ୍ରତ୍ୟେକ ସ୍ଥାନରେ ଦେଖିବାକୁ ଚାହେଁ । ସେମିତି ମୋର ଧାରାବାହିକରେ କାମ କରିବାକୁ ଇଚ୍ଛା ହେଲା । ଅଡିସନ୍ ଦେଇ ମନୋନୀତ ହେଲି । 'କିଏ' ହେଉଛି ମୋର ପ୍ରଥମ ଧାରାବାହିକ । 'ତୋ ପାଇଁ ମୁଁ', 'ସୌଭାଗ୍ୟବତୀ', 'ଦିବ୍ୟଦୃଷ୍ଟି', 'ଝିଲି', 'ରାଜଯୋଗ' ଆଦି ଧାରାବାହିକରେ ଅଭିନୟ କରିଛି । ଏବେ 'ତୋରି ପାଇଁ ତୋ ପାଇଁ' ରେ 'ଲକି' ଭୂମିକାରେ ଅଭିନୟ କରୁଛି ।

**'ତୋରି ପାଇଁ ତୋ ପାଇଁ'ର ଲକି ଚରିତ୍ର ବିଷୟରେ କିଛି କୁହନ୍ତୁ?**

● ଏହି ଧାରାବାହିକରେ ମୁଁ ରାମର ସାନ ଭାଇ ଲକ୍ଷଣ ଭୂମିକାରେ ଅଭିନୟ କରୁଛି । ସମସ୍ତେ ମୋତେ ଲକି ଡାକୁଛନ୍ତି । ଲକି ବହୁତ ପଜିଟିଭି । ରାମଙ୍କୁ ଲକ୍ଷଣ ଯେମିତି ଭଲପାଉଥିଲେ ଏଥିରେ ମୁଁ ମୋ ଭାଇ ରାମଙ୍କୁ ସେତିକି ଭଲ ପାଉଛି । ହେଲେ ଦୁଃଖର ବିଷୟ ମୋର ଧର୍ମପତ୍ନୀ ଜଣେ ଖଳପ୍ରକୃତିର । ଆମ ଘର ଭାଙ୍ଗିବା ତାଙ୍କର ମୂଳ ଉଦ୍ଦେଶ୍ୟ । ଏ ବିଷୟରେ ଲକି ଅଜଣା । ହେଲେ ବି ଲକି ପରିବାରର ସୁଖ ସମୃଦ୍ଧି ବଜାୟ ରଖିବା ପାଇଁ ଭାଇ ଆଉ ପତ୍ନୀ ଉଭୟଙ୍କୁ ନେଇ ଚଳୁଛି ।

**ପ୍ରଥମ ଦିନ କ୍ୟାମେରାକୁ ସାମ୍ନା କରିବାର ଅନୁଭୂତି?**

● ମଞ୍ଚରେ ଅଭିନୟ କଲାପରେ ଯେ କୌଣସି ସ୍ଥାନରେ ଅଭିନୟ କରିବା ସହଜ ହୁଏ । ମଞ୍ଚରେ ବିନା କଟ୍ କି ଓକେରେ ସଂଳାପ କୁହାଯାଏ । ତେବେ କ୍ୟାମେରା ସାମ୍ନାରେ ଅଭିନୟ କରିବା ପୂର୍ବରୁ କିଛି ଟେକ୍ନିକାଲ୍ ଜ୍ଞାନ ସଂପର୍କରେ ଜାଣିବାକୁ ପଡ଼ିଥାଏ । ତେଣୁ ପ୍ରଥମେ କ୍ୟାମେରା ସାମ୍ନାରେ ଟିକେ ଭୟ ଲାଗିଥିଲା । ସିନିୟର୍ କଳାକାରଙ୍କଠାରୁ କାମ ଶିଖିଥିଲି । ପରେ କ୍ୟାମେରା ସହିତ ଅଭ୍ୟସ୍ତ ହୋଇଯାଇଥିଲି ।

**ସୁଟିଂ ନଥିଲେ କ'ଣ କରନ୍ତି?**

● ଓଡ଼ିଶାର ସଂସ୍କୃତି, ଇତିହାସ, ପୌରାଣିକ ବହିଗୁଡ଼ିକ ପଢ଼େ । ଗୀତ ଗାଇବାକୁ ବହୁତ ଭଲପାଏ । ପରିବାର ସହିତ ସମୟ ବିତାଏ । ଫିଟ୍ ରହିବାକୁ ଭୋର୍‌ରୁ ଉଠି ମୋ ନିତ୍ୟ କାମ କରି ଠାକୁର ପୂଜା କରେ । ପରେ ଜିମ୍ ଯାଏ । ସୁଟିଂ ଥିଲେ ସମୟ ଅନୁସାରେ କାମ କରେ ।

**ସୁଟିଂ ସେଟ୍‌ର ଅଭୁଲା ସ୍ମୃତି?**

● 'ଝିଲି' ଧାରାବାହିକରେ ଅଭିନୟ କରୁଥିଲା ବେଳେ ଆମେ ସମସ୍ତେ ଭଲ ସାଙ୍ଗ ଥିଲୁ । 'ଝିଲି'ସୁଟିଂ ସେଟ୍ ସାଇଟ୍‌ରେ ଭଗବାନ ଶିବ ଓ ହନୁମାନଙ୍କର ମନ୍ଦିରଟି ଥିଲା । ମନ୍ଦିରରେ ପ୍ରତିଦିନ ଆମେ ସନ୍ଧ୍ୟା ଆଳତୀ ଯାଇ ଦେଖୁଥିଲୁ । ସକାଳୁ ବି ସମୟ କାଢ଼ି ମନ୍ଦିରରେ ପୂଜାର୍ଚ୍ଚନା କରୁଥିଲୁ । ସେହି ସମୟ ମୋ ଜୀବନର ସବୁଠୁ ଅଭୁଲା ମୁହୂର୍ତ୍ତ ।

**କେଉଁ ଚରିତ୍ରରେ ଅଧିକ ଦର୍ଶକୀୟ ପ୍ରଶଂସା ମିଳିଛି?**

● 'ଝିଲି' ଧାରାବାହିକର ହାପି ଚରିତ୍ର ମୋତେ ସ୍ୱତନ୍ତ୍ର ପରିଚୟ ଦେଇଛି ।

**ବଡ଼ ପରଦାରେ ନିଜକୁ ଦେଖିବାକୁ ଇଚ୍ଛା ରଖିଛନ୍ତି ?**

● ଜଣେ କଳାକାର ପାଇଁ ବଡ଼ ପରଦା କି ଛୋଟ ପରଦା କିଛି ନ ଥାଏ । ଦର୍ଶକଙ୍କୁ ଭଲ ଲାଗୁଥିବା ପରି ପ୍ରୋଜେକ୍ଟରେ କାମ କରିବା ମୋର ଲକ୍ଷ୍ୟ । ନିଃଶ୍ୱାସ ଚାଲିଥିବା ଯାଏଁ ଅଭିନୟ କରିବି । ■

ପରଦା ପଛର କାହାଣୀ

# ୧୦୫ ଥର ଖାରଜ ପରେ ମନୋନୀତ

ଗୀତ ହେଉଛି ଫିଲ୍ମର ଜୀବନ । ଏଭଳି ଅନେକ ପୁରୁଣା କ୍ଲାସିକ୍ ଗୀତ ରହିଛି, ଯାହାକୁ ଏବେ ବି ଶ୍ରୋତାମାନେ ଭୁଲି ପାରିନାହାନ୍ତି । ତେବେ ଗୀତ ଲେଖି ପରଦାରେ ଚିତ୍ରଣ କରିବା ଖୁବ୍ କଷ୍ଟକର । ଏଥିପାଇଁ ଗୀତ ଲେଖାଠୁ ନେଇ ସୁଟିଂ ପର୍ଯ୍ୟନ୍ତ ସବୁ ଉପରେ ବିଶେଷ ଧ୍ୟାନ ଦେବାକୁ ପଡ଼ିଥାଏ । ୧୯୬୦ ମସିହାରେ ମୁକ୍ତିଲାଭ କରିଥିଲା 'ମୁଗଲ-ଏ-ଆଜମ' ଚଳଚ୍ଚିତ୍ର । ଏହି ଫିଲ୍ମରେ ଏଭଳି ଏକ ଗୀତ ରହିଛି, ଯାହାକୁ ସଙ୍ଗୀତକାର ନୌଶାଦ ୧୦୫ ଥର ଖାରଜ କରିବା ପରେ ମନୋନୀତ କରିଥିଲେ । ଗୀତିଟି ଥିଲା "ଜବ୍ ପ୍ୟାର୍ କିୟା ତୋ ଡରନା କ୍ୟା..." । ଏହି ଗୀତ ଲେଖିବାକୁ ଗୀତିକାର ଶକିଲ ବଦାୟୁନି ଖୁବ୍ ପରିଶ୍ରମ କରିଥିଲେ । ସେ ଗୀତଟିକୁ ୧୦୬ ଥର ଲେଖିବା ପରେ ସଫଳ ହୋଇଥିଲେ । ୬ ମିନିଟ୍ ୧୬ ସେକେଣ୍ଡର ଏହି ଗୀତ ଦର୍ଶକଙ୍କ ହୃଦୟକୁ ବେଶ୍ ଛୁଇଁ ଥିଲା । ଗୀତର ସୁଟିଂ ପାଇଁ ଫିଲ୍ମ ନିର୍ମାତା ଏକ ଭବ୍ୟ ବିଳାସମୟ ସେଟ୍ ମଧ୍ୟ ପ୍ରସ୍ତୁତ କରିଥିଲେ । ସେ ସମୟରେ ଏଥିପାଇଁ ଏକ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ଏହି ଗୀତକୁ କୋକିଳକଣ୍ଠୀ ଲତା ମଙ୍ଗେସକର୍ ସୁଲଳିତ କଣ୍ଠରେ ଗାନ କରିଥିଲେ । "ଜବ୍ ପ୍ୟାର୍ କିୟା ତୋ ଡରନା କ୍ୟା..." ଗୀତରେ ଅଭିନେତ୍ରୀ ମଧୁବାଲା ହୃଦୟସ୍ପର୍ଶୀ ନୃତ୍ୟ ପରିବେଷଣ କରିଛନ୍ତି । କେ. ଏସ୍ ଆସିଫ୍‌ଙ୍କ ନିର୍ଦ୍ଦେଶିତ 'ମୁଗଲ-ଏ-ଆଜମ' ଫିଲ୍ମ ବେଶ୍ ଲୋକପ୍ରିୟ ହୋଇପାରିଥିଲା । ଏହି ଫିଲ୍ମ ନିର୍ମାଣ ପାଇଁ ୧୬ ବର୍ଷ ସମୟ ଲାଗିଥିଲା । ତେବେ ୧୦୫ ଥର ଲେଖିବା ପରେ ଚୂଡ଼ାନ୍ତ ହୋଇଥିବା "ପ୍ୟାର୍ କିୟା ତୋ ଡର୍‌ନା କ୍ୟା..." ଗୀତଟି ଏବେ ବି ଶ୍ରୋତାମାନଙ୍କ ହୃଦୟରେ ଶିହରଣ ସୃଷ୍ଟି କରେ । ■




# ଆଣ୍ଟି-ଡୋପିଙ୍ଗ୍ ନିୟମ ଉଲ୍ଲଙ୍ଘନ ଭାରତ ବିଶ୍ୱରେ ପ୍ରଥମ

**ନୂଆଦିଲ୍ଲୀ,୨୦।୧୨(ଏଜେନ୍ସି):** ପ୍ରଥମଥର ଲାଗି ଆଣ୍ଟି-ଡୋପିଂ ନିୟମ ଉଲ୍ଲଙ୍ଘନ କରିବାରେ ଭାରତ ବିଶ୍ୱରେ ପ୍ରଥମ ସ୍ଥାନ ଅଧିକାର କରିଛି। ୱାଡା (ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି) ଦ୍ୱାରା ପ୍ରକାଶିତ ରିପୋର୍ଟରୁ ଏହା ଜଣାଯାଇଛି। ୨୦୨୩ ବର୍ଷ ଲାଗି ପ୍ରକାଶିତ ଏହି ରିପୋର୍ଟରେ ଭାରତର ଆଥ୍‌ଲେଟମାନେ ୨୨୨ଟି ନିୟମ ଉଲ୍ଲଙ୍ଘନ କରି ଧରାପଡ଼ିଛନ୍ତି। ଏହି ବିଭାଗରେ ରୁଷ ପ୍ରଥମ ସ୍ଥାନ ଅଧିକାର କରିଥାଏ। ୱାଡା ଦ୍ୱାରା କରାଯାଇଥିବା ପରୀକ୍ଷାରେ ଏହି ନିୟମ ଉଲ୍ଲଙ୍ଘନକାରୀ ଧରାପଡ଼ିଛନ୍ତି ଓ ସେମାନଙ୍କୁ ଦଣ୍ଡବିଧାନ କରାଯିବ ବୋଲି ଜଣାଯାଇଛି। ଡିସେମ୍ବର ୧୯ରେ ପ୍ରକାଶିତ ରିପୋର୍ଟରୁ ଜଣାଯାଇଛି।

ଏହି ୨୨୨ଟି କେସ୍ ମଧ୍ୟରୁ ପୁରୁଷ ବିଭାଗରେ ୪୫ଟି ଓ ମହିଳା ବିଭାଗରେ ୧୭୦ଟି କେସ୍ ଧରାପଡ଼ିଛି। ସେମାନଙ୍କ ମଧ୍ୟରୁ ଆଥଲେଟିକ୍ସରେ ୬୩, ଭାରୋତ୍ତୋଳନରେ ୩୭, ପାୱାରଲିଫ୍ଟିଂରେ ୩୩, ରେସଲିଂରେ ୧୧ ଓ ବକ୍ସିଂରେ ୯ଟି କେସ ରହିଛି। କେବଳ କେନିଆ ଆଥଲେଟିକ୍ସରେ ୬୫ଟି କେସ୍ ଧରାପଡ଼ିବା ସହ ଭାରତକୁ ଅତିକ୍ରମ କରିଛି।

# ଇଂଲଣ୍ଡର ଆସେସ ଆଶା ଧୂଳିସାତ୍



**ଆଡିଲେଡ୍,୨୦।୧୨(ଏଜେନ୍ସି):** ଅଧିନାୟକ ପ୍ୟାଟ କମିନ୍ସଙ୍କ ଦମ୍‌ଦାର ଓ ନାଥାନ ଲାୟନଙ୍କ ଯାଦୁକରୀ ବୋଲିଂ ବଳରେ ଏଠାରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଟେଷ୍ଟରେ ଇଂଲଣ୍ଡ ପରାଜୟର ସମ୍ମୁଖୀନ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମ ଇନିଂସରେ ୮୫ ରନ୍‌ରେ ଆଗୁଆ ଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୩୪୯ ରନ୍ କରିଥିଲା। ଏହା ଫଳରେ ଇଂଲଣ୍ଡ ଆଗରେ ୪୩୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଚତୁର୍ଥ ଦିନ ଖେଳ ଶେଷସୁଦ୍ଧା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୬ ୱିକେଟ ହରାଇ ୨୦୭ ରନ୍ ସଂଗ୍ରହ କରିଛି। ଏହା ଫଳରେ ଆସନ୍ତାକାଲି ୫ମ ତଥା ଶେଷ ଦିନରେ ଏହି ମ୍ୟାଚ୍ ଜିତିବାକୁ ଇଂଲଣ୍ଡକୁ ବାକିଥିବା ୪ ୱିକେଟ ବିନିମୟରେ ଆଉ ୨୨୮ ରନ୍ ଆବଶ୍ୟକ ହେଉଛି। ଏହି ଲକ୍ଷ୍ୟରେ ପହଞ୍ଚିବା ଇଂଲଣ୍ଡ ଲାଗି କେବଳ କଷ୍ଟକର ନୁହେଁ, ଅସମ୍ଭବ। ଏହା ଫଳରେ ପ୍ରଥମ ଦୁଇଟି ଟେଷ୍ଟରେ ପରାଜିତ ହୋଇଥିବା ଇଂଲଣ୍ଡର ଆସେସ୍ ସିରିଜ୍ ଜିତିବା ଆଶା ଧୂଳିସାତ ହୋଇଯାଇଛି। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ଟ୍ରାଭିସ ହେଡ୍ ସର୍ବାଧିକ ୧୭୦ ଓ ଆଲେକ୍ସ କ୍ୟାରୀ ୭୨ ରନ୍ କରିଥିଲେ। ଇଂଲଣ୍ଡର ଜୋଶ ଟଙ୍ଗ୍‌ଙ୍କୁ ୪ଟି ଓ ବ୍ରାଇଡନ କାର୍ସଙ୍କୁ ୩ଟି ୱିକେଟ ମିଳିଥିଲା। ଜବାବରେ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ଜ୍ୟାକ୍ କ୍ରାଲୀ ୮୫, ଜୋ ରୁଟ୍ ୩୯ ଓ ହ୍ୟାରୀ ବ୍ରୁକ୍ ୩୦ ରନ୍‌ର ଯୋଗଦାନ ଦେଇଥିଲେ। ଅଷ୍ଟ୍ରେଲିଆର କମିନ୍ସ ଓ ଲାୟନଙ୍କୁ ୩ଟି ଲେଖାଏଁ ୱିକେଟ ମିଳିଛି।

# କାଭେମ ହଜ୍‌ଙ୍କ ଅପରାଜିତ ଶତକ

**ମାଉଣ୍ଟ ମାଉଙ୍ଗାନୁଇ,୨୦।୧୨(ଏଜେନ୍ସି):** କାଭେମ ହଜ୍‌ଙ୍କ ଅପରାଜିତ ଶତକ, ବ୍ରାଣ୍ଡନ କିଙ୍ଗ୍ ଓ ଅନ୍ୟମାନଙ୍କ ଲଢୁଆ ବ୍ୟାଟିଂ ବଳରେ ଏଠାରେ ନ୍ୟୁଜିଲାଣ୍ଡ ସହ ଚାଲିଥିବା ତୃତୀୟ ଟେଷ୍ଟରେ ୱେଷ୍ଟଇଣ୍ଡିଜ୍ ଫଲୋଅନ ଏଡ଼ାଇବାରେ ସମର୍ଥ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୮ ୱିକେଟରେ ୫୭୫ ରନ୍ କରି ପ୍ରଥମ ଇନିଂସ ଘୋଷଣା କରିଥିଲା। ଜବାବରେ ହଜ୍‌ଙ୍କ ଅପରାଜିତ ୧୦୯, କିଙ୍ଗ୍‌ଙ୍କ ୬୩ ରନ୍ ସହାୟତାରେ ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସରେ ୬ ୱିକେଟରେ ୩୮୧ ରନ୍ କରିବା ସହ ଫଲୋଅନ୍ ଏଡାଇବାକୁ ସମର୍ଥ ହୋଇଛି। ହଜ୍‌ଙ୍କ ସହ ଆଣ୍ଡରସନ ଫିଲିପ୍ ୧୨ ରନ୍‌ରେ ଅପରାଜିତ ଅଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜନ୍ କ୍ୟାମ୍ପବେଲ ଓ ଆଲିକ୍ ଆଥାନାଜେ ୪୫ ରନ୍ ଲେଖାଏଁ, ଜଷ୍ଟିନ ଗ୍ରିଭ୍‌ସ ୪୩ ଓ ଟେଭିନ୍ ଇମ୍‌ଲାଚ୍ ୨୭ ରନ୍‌ର ଲଢୁଆ ଇନିଂସ ଖେଳିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଜ୍ୟାକବ ଡଫି ଓ ଆଜାଜ ପଟେଲ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଏହି ଟେଷ୍ଟର ଆଉ ୨ ଦିନ ଖେଳ ବାକି ରହିଛି।

## ନ୍ୟୁଜିଲାଣ୍ଡ ଟୁର୍ ଓ ଟି-୨୦ ବିଶ୍ୱକପ୍ ଲାଗି ଭାରତୀୟ ଦଳ ଘୋଷିତ

# ବାଦ୍ ପଡ଼ିଲେ ଶୁବମନ୍ ଗିଲ୍

**ମୁମ୍ବଇ,୨୦।୧୨(ଏଜେନ୍ସି)**





ଆସନ୍ତାବର୍ଷ ବା ୨୦୨୬ରେ ଭାରତ ଓ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଓ ନ୍ୟୁଜିଲାଣ୍ଡ ଗସ୍ତ ଲାଗି ଭାରତୀୟ କ୍ରିକେଟ ଦଳ ଘୋଷଣା କରାଯାଇଛି। ଏହି ଦଳରୁ ବାଦ୍ ପଡ଼ିଛନ୍ତି ଦକ୍ଷିଣ ଆଫ୍ରିକା ବିପକ୍ଷ ଟୁର୍‌ରେ ଉପଅଧିନାୟକ ଥିବା ଶୁବମନ ଗିଲ୍। ଟେଷ୍ଟ ଓ ଦିନିକିଆ ଦଳର ନେତୃତ୍ୱ ନେଉଥିବା ଗିଲ୍ ଟି-୨୦ ଫର୍ମାଟରେ ଫର୍ମ ହରାଇଛନ୍ତି। ସେ ଏହି ଫର୍ମାଟରେ ରନ୍ ସଂଗ୍ରହ କରି ନପାରିବାରୁ ତାଙ୍କୁ ଦଳରୁ ବାଦ୍ ଦିଆଯାଇଛି ବୋଲି ଜାତୀୟ ଚୟନ କମିଟି ଅଧ୍ୟକ୍ଷ ଅଜିତ ଅଗରକର ଆଜି ଦଳ ଘୋଷଣା କରିବା ଅବସରରେ ଏହି ସୂଚନା ଦେଇଛନ୍ତି। ସାମସନ୍‌ଙ୍କ ସ୍ଥାନରେ ଗିଲ ଖେଳିବା ପରଠାରୁ ୧୫ଟି ମ୍ୟାଚ୍‌ରେ ୨୯୧ ରନ୍ କରିଥିଲେ ମଧ୍ୟ ଗୋଟିଏ ହେଲେ ଅର୍ଦ୍ଧଶତକ ହାସଲ କରିନାହାନ୍ତି। ଟପ୍ ଅର୍ଡରରେ ଆମକୁ ସ୍ଥିରତା ଦରକାର। ବିନା ପାର୍ଟନରସିପ୍‌ରେ ଦଳ ଚାପରେ ରହୁଥିବାରୁ ଗିଲ୍‌ଙ୍କୁ ବାଦ୍ ଦିଆଯାଇଛି ବୋଲି ଅଗରକର କହିଛନ୍ତି। ଗିଲ୍‌ଙ୍କ ସହ ସିରିଜ୍‌ର ନଂ-୧ ୱିକେଟକିପର ଜିତେଶ ଶର୍ମା ମଧ୍ୟ ବାଦ୍ ପଡ଼ିଛନ୍ତି। ସେମାନଙ୍କ ସ୍ଥାନରେ ସ୍ପିନ୍ ଅଲରାଉଣ୍ଡର ଅକ୍ଷର ପଟେଲ ଓ ଦ୍ୱିତୀୟ ୱିକେଟକିପର/ରିଜର୍ଭ ଓପନର ଭାବେ ଇଶାନ କିସାନ ଦଳକୁ ଫେରିଛନ୍ତି। ଫର୍ମରେ ନ ଥିବା ସୂର୍ଯ୍ୟକୁମାର ଯାଦବଙ୍କୁ ଦଳର ନେତୃତ୍ୱ ଦିଆଯାଇଛି। ଅକ୍ଷର ପଟେଲ ଉପଅଧିନାୟକ ପଦକୁ ଫେରିଛନ୍ତି। ଏହାଛଡ଼ା ଫିନିସର ରିଙ୍କୁ ସିଂଙ୍କୁ ମଧ୍ୟ ଏହି ଦଳରେ ନିଆଯାଇଛି। ଏହି ଟିମ୍ ମଧ୍ୟ ଭାରତରେ ଜାନୁଆରୀ ୨୧ରୁ ୩୧ ମଧ୍ୟରେ ଖେଳାଯିବାକୁ ଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ୍‌ରେ ଖେଳିବ। ଟି-୨୦ ବିଶ୍ୱକପ୍ ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ଆରମ୍ଭ ହୋଇ ମାର୍ଚ୍ଚ ୮ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ୫ଟି ଟିମ୍‌କୁ ନେଇ ଗଠିତ ଗ୍ରୁପ୍-ଏ'ରେ ଭାରତ ଫେବୃଆରୀ ୭ରେ ଆମେରିକା ସହ ଖେଳି ଅଭିଯାନ ଆରମ୍ଭ କରିବ। ଫେବୃଆରୀ ୧୨ରେ ନାମିବ୍ୟା, ୧୫ରେ ପାକିସ୍ତାନ ଓ ୧୮ରେ ନେଦରଲାଣ୍ଡସ ସହ ଖେଳି ଗ୍ରୁପ୍ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଖେଳିବ। ବିଶ୍ୱକପ୍ ଓ ନ୍ୟୁଜିଲାଣ୍ଡ ଟୁର୍ ଲାଗି ଅଭିଷେକ ଶର୍ମା, ସଞ୍ଜୁ ସାମସନ ଓପନ ରହିଛନ୍ତି। ସଞ୍ଜୁ ନଂ-୧ ଓ ଇଶାନ ନଂ-୨ ୱିକେଟକିପର ରହିଛନ୍ତି। ମିଡିଲ ଅର୍ଡରରେ ସୂର୍ଯ୍ୟକୁମାର, ତିଲକ ବର୍ମା ଓ ରିଙ୍କୁ ସିଂଙ୍କ ସହ ୪ ଅଲରାଉଣ୍ଡର ଅଛନ୍ତି। ୨ଜଣ ପେସ୍ ବୋଲିଂରେ ହାର୍ଦ୍ଦିକ ପାଣ୍ଡ୍ୟା ଓ ଶିବମ ଦୁବେ ଓ ୨ଜଣ ଅକ୍ଷର ଓ ୱାଶିଂଟନ ସୁନ୍ଦର ସ୍ପିନ୍ ବୋଲିଂ ଅଲରାଉଣ୍ଡର ରହିଛନ୍ତି। ପେସ ବୋଲର ଭାବେ ଯଶପ୍ରୀତ ବୁମ୍‌ରା, ଅର୍ଶଦୀପ ସିଂହ ଓ ହର୍ଷିତ ରାଣା ଖେଳିବେ। ଦୁଇ ସ୍ପେଶାଲିଷ୍ଟ ସ୍ପିନର ହେଲେ ବରୁଣ ଚକ୍ରବର୍ତ୍ତୀ ଓ କୁଳଦୀପ ଯାଦବ।

### ନ୍ୟୁଜିଲାଣ୍ଡ ଗସ୍ତସୂଚୀ

| ତାରିଖ | ଫର୍ମାଟ | ଭେନ୍ୟୁ |
|---|---|---|
| ୧୧।୧ | ପ୍ରଥମ ଦିନିକିଆ | ଭଦୋଦରା |
| ୧୪।୧ | ଦ୍ୱିତୀୟ ଦିନିକିଆ | ରାଜକୋଟ |
| ୧୮।୧ | ତୃତୀୟ ଦିନିକିଆ | ଇନ୍ଦୋର |
| ୨୧।୧ | ପ୍ରଥମ ଟି- ୨୦ | ନାଗପୁର |
| ୨୩।୧ | ଦ୍ୱିତୀୟ ଟି-୨୦ | ରାୟପୁର |
| ୨୫।୧ | ତୃତୀୟ ଟି-୨୦ | ଗୁଆହାଟୀ |
| ୨୮।୧ | ଚତୁର୍ଥ ଟି-୨୦ | ବିଶାଖାପାଟଣା |
| ୩୧।୧ | ପଞ୍ଚମ ଟି-୨୦ | ତିରୁଅନନ୍ତପୁରମ |

### ବିଶ୍ୱକପ୍ ଗ୍ରୁପ୍ କାର୍ଯ୍ୟସୂଚୀ

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ |
|---|---|---|
| ୭।୨ | ଆମେରିକା | ମୁମ୍ବଇ |
| ୧୨।୨ | ନାମିବ୍ୟା | ଦିଲ୍ଲୀ |
| ୧୫।୨ | ପାକିସ୍ତାନ | କଲମ୍ବୋ |
| ୧୮।୨ | ନେଦରଲାଣ୍ଡସ | ଅହମ୍ମଦାବାଦ୍ |
| ୨୧।୨ରୁ ୧।୩ ସୁପର-୮ ମୁକାବିଲା | ୪।୩ ଓ ୫।୩ ସେମିଫାଇନାଲ୍ | ୮।୩ ଫାଇନାଲ୍ |

### ଘୋଷିତ ଦଳ

ଅଭିଷେକ ଶର୍ମା, ସଞ୍ଜୁ ସାମସନ ଓ ଇଶାନ କିସାନ (ଉଭୟ ୱିକେଟରକ୍ଷକ), ତିଲକ ବର୍ମା, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ରିଙ୍କୁ ସିଂ, ଯଶପ୍ରୀତ୍ ବୁମ୍‌ରା, ହର୍ଷିତ ରାଣା, ବରୁଣ ଚକ୍ରବର୍ତ୍ତୀ, କୁଳଦୀପ ଯାଦବ।


# ମନ୍ନତାଙ୍କୁ ରୌପ୍ୟ

**ଭୁବନେଶ୍ୱର,୨୦।୧୨(ସମିସ):** ଚେନ୍ନଇର ଏସ୍‌ଆର୍‌ଏମ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଚାଲିଥିବା ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ ଆଜି କିଟ୍‌କୁ ଆଉ ଦୁଇଟି ପଦକ ମିଳିଛି। କିଟ୍‌ର ମନ୍ନତା ମିଶ୍ର ମହିଳା ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ରୌପ୍ୟ ଓ ଦିବ୍ୟାଙ୍କା ପ୍ରଧାନ ୫ମ ସ୍ଥାନ ଅଧିକାର କରିଛନ୍ତି। ୫୦ ମିଟର ବଟରଫ୍ଲାଏରେ ନୀଳାବ୍ଜା ଘୋଷ ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ପଦକ ହାସଲ କରିଛନ୍ତି। ସମ୍ବଲପୁରରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ବ୍ୟାଡ୍‌ମିଣ୍ଟନରେ କିଟ୍ ପୁରୁଷ ଦଳ ରନର୍ସ ଅପ୍ ହୋଇଛନ୍ତି। ଏମାନେ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

## ଜାତୀୟ ସୁଟିଂ ଚାମ୍ପିଅନସିପ୍

# ଗୁରୁଜୋତ, ରାୟଜାଙ୍କୁ ସ୍ୱର୍ଣ୍ଣପଦକ





**ଭୁବନେଶ୍ୱର,୨୦।୧୨(ସମିସ):** ନୂଆଦିଲ୍ଲୀର ଡକ୍ଟର କାର୍ଣ୍ଣି ସିଂହ ସୁଟିଂ ରେଞ୍ଜ୍‌ରେ ୬୮ତମ ଜାତୀୟ ସୁଟିଂ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏହି ଚାମ୍ପିଅନସିପ୍‌ରେ ଜିନ୍ଦଲ ଷ୍ଟିଲ ପ୍ରୋତ୍ସାହିତ ସୁଟର ଗୁରଜୋତ ସିଂହ, ରାୟଜା ଧୀଲନ ଓ ମୈରାଜ ଅହମ୍ମଦ୍ ଖାନ୍ ଏକାଧିକ ପଦକ ବିଜୟୀ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଗୁରଜୋତ୍ ଓ ରାୟଜା ସ୍ୱର୍ଣ୍ଣ ଜିତିଥିଲାବେଳେ ମୈରାଜଙ୍କୁ ରୌପ୍ୟ ପଦକ ମିଳିଛି। ପୁରୁଷ ସ୍କିଟ୍ ଇଭେଣ୍ଟରେ ଗୁରଜୋତ ସିଂହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଫାଇନାଲରେ ଏକାଧିକ ଅଲିମ୍ପିଆନଙ୍କୁ ପଛରେ ପକାଇ ସେ ପ୍ରଥମସ୍ଥାନ ହାସଲ କରିଥିଲେ। ସେହିପରି ମହିଳା ସ୍କିଟ୍‌ରେ ରାୟଜା ଅସାଧାରଣ କ୍ରୀଡ଼ା ପ୍ରଦର୍ଶନ କରି ଡବଲ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ଉଭୟ ସିନିଅର ଓ ଜୁନିଅର ମହିଳା ସ୍କିଟ୍‌ରେ ପ୍ରଥମସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଏମାନଙ୍କ ବ୍ୟତୀତ ମୈରାଜ ଅହମ୍ମଦ୍ ଖାନ୍ ଦୁଇଟି ରୌପ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ସର୍ବୋଚ୍ଚ ସ୍ତରରେ ସ୍ଥିର ପ୍ରଦର୍ଶନ କରି ପରବର୍ତ୍ତୀ ପିଢ଼ିର ସୁଟରମାନଙ୍କୁ ପ୍ରେରଣା ଯୋଗାଇବା ସହ ଜିନ୍ଦଲ ଷ୍ଟିଲ ସେମାନଙ୍କ ଯାତ୍ରାରେ ଦୀର୍ଘକାଳୀନ ପ୍ରୋତ୍ସାହନ ଜାରି ରଖି ଗର୍ବିତ।

# ଆଜି ସର୍ବଭାରତୀୟ ସଦାଶିବ ମେମୋରିଆଲ୍ କ୍ରିକେଟ୍ ଫାଇନାଲ୍

**ଭାପୁର,୨୦।୧୨(ସମିସ):** ଏଠାରେ ଚାଲିଥିବା ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ରବିବାର ଦିନ ହେବ।ଏହି ଫାଇନାଲରେ ପରସ୍ପରକୁ ଭେଟିବେ ଭୁବନେଶ୍ୱର ଦୁଇ ଦଳ ସାଇ ଇଲେଭେନ ଓ ତମାଣ୍ଡୋ କ୍ରିକେଟ କ୍ଲବ। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ ଯୁବକ ସଂଘ ଆନୁକୂଲ୍ୟରେ ନାଲିସାଗର ଖେଳପଡିଆରେ ଏହି ଟୁର୍ଣ୍ଣାମେଣ୍ଟ ଚାଲିଛି। ପ୍ରଥମ ସେମିଫାଇନାଲରେ ଏମଏମସିସି ସମ୍ବଲପୁରକୁ ହରାଇ ସାଇ ଇଲେଭେନ ଓ ଦ୍ୱିତୀୟ ସେମିଫାଇନାଲରେ କେସିଏ କଳାହାଣ୍ଡି କୁ ହରାଇ ଟମାଣ୍ଡୋ ଦଳ ଫାଇନାଲରେ ପ୍ରବେଶ କରିଛନ୍ତି।ଦୁଇ ଦଳ ସେମାନଙ୍କ ସମସ୍ତ ଶକ୍ତି ଖଟାଇ ଚାମ୍ପିଅନ ହୋଇ ଦେଢ଼ ଲକ୍ଷ ଟଙ୍କା ଓ ବୃହତ୍ ଟ୍ରଫି ଜିତିବା ପାଇଁ ଚେଷ୍ଟା କରିବେ। ଫାଇନାଲରେ ଅତିଥି ଭାବେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ସତ୍ୟ ନାରାୟଣ ପ୍ରଧାନ , ବିଧାୟକ ଅରୁଣ କୁମାର ସାହୁ, ରମେଶ ବେହେରା, ପ୍ରଦୀପ ସାହୁ ଓ ମୁଖ୍ୟ ଆକର୍ଷଣ ମଧ୍ୟପ୍ରଦେଶର ରାଜ୍ୟ ସଭା ସାଂସଦ ଉମେଶ ନାଥ ମହାରାଜ ଯୋଗ ଦେବେ ବୋଲି ଆୟୋଜକ ଯୁବକ ସଂଘ ସଭାପତି ବେଣୁଧର ପ୍ରଧାନ ସୂଚନା ଦେଇଛନ୍ତି।

## ● ସର୍ବଭାରତୀୟ ଗଣ୍ଡରପୁର ଫୁଟବଲ ଫାଇନାଲରେ ବାରଙ୍ଗ ବାୟାର-ତଣ୍ଡିକଣା

**ବାରଙ୍ଗ,୨୦।୧୨(ସମିସ):** ଗଣ୍ଡରପୁର ମିନି ଷ୍ଟାଡିୟମରେ ଚାଲିଥିବା ୨୩ତମ ସର୍ବ ଭାରତୀୟ ଗଣ୍ଡରପୁର ଫୁଟବଲ ଟୁର୍ଣ୍ଣାମେଣ୍ଟର ୭ମ ଦିବସ ସେମିଫାଇନାଲ ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିନିମନ୍ତେ ଗ୍ରାମାଞ୍ଚଳର ପ୍ରଥମ ସେମିଫାଇନାଲ ମ୍ୟାଚ ବାରଙ୍ଗ ବାୟାର ୬-୪ ଟାଇବ୍ରେକର ଗୋଲରେ ଆମଣର ଜୟଦୁର୍ଗା କ୍ଲବକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଏଥିରେ ସୁଜିତ୍ କୁମାର ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ତାଣ୍ଡିକଣାର କୃଷକବନ୍ଧୁ କ୍ଲବ୍ ୨-୦ ଗୋଲରେ କଟକ ସିଆରଆରଆଇକୁ ହରାଇ ଫାଇନାଲରେ ପ୍ରବେଶ କରିଛି।

**ଗୋଠପୁର - ପ୍ରତାପନଗରୀ ଫାଇନାଲ:** ସେହିପରି ଅନ୍ୟ ଏକ ବିଭାଗର ପ୍ରଥମ ସେମି ଫାଇନାଲ ମ୍ୟାଚରେ ଗୋଠପୁରର ମା ମଙ୍ଗଳା କ୍ଲବ ୧-୦ ଗୋଲରେ ମୁଣ୍ଡୁମାଣର ଜୟଜଗନ୍ନାଥ କ୍ଲବ୍‌କୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଅନ୍ତର୍ଯ୍ୟାମୀ ନାୟକ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ ପ୍ରତାପନଗରୀ ପ୍ରତାପ କ୍ଲବ୍ ମଧ୍ୟ ୧-୦ ଗୋଲ ରେ ବାଉଳକୁଦର ସ୍ୱର୍ଣ୍ଣଦେବୀ କ୍ଲବ୍‌କୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଏଥିରେ ନକୁଳ ରାଉତ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ରବିବାର ଫାଇନାଲ ମୁକାବିଲା ଖେଳାଯିବ।

## ମହିଳା କାନୋସ୍ପ୍ରିଣ୍ଟ ଦଳ ଚୟନ ଶିବିର ସୋମବାର

**କଟକ,୨୦।୧୨(ସମିସ):** ୩୬ତମ ଜାତୀୟ ପୁରୁଷ ଓ ମହିଳା କାନୋସ୍ପ୍ରିଣ୍ଟ ଚାମ୍ପିଅନସିପ୍ ହେବାକୁ ଯାଉଛି। ଏହାକୁ ଲକ୍ଷ୍ୟରେ ରଖି ଓଡ଼ିଶା କାୟାକିଂ ଓ କାନୋଇଂ ସଂଘ ପକ୍ଷରୁ ଆସନ୍ତା ସୋମବାର ୨୨ ତାରିଖରେ ଜଗତପୁରସ୍ଥିତ ଜଳକ୍ରୀଡ଼ା କେନ୍ଦ୍ରରେ ରାଜ୍ୟ ଦଳ ଚୟନ ଶିବିର ଆୟୋଜନ ହେବ। ପ୍ରତ୍ୟେକ ଜିଲ୍ଲାର ଖେଳାଳି ଏଥିରେ ଭାଗ ନେଇ ପାରିବେ। ବିଭିନ୍ନ ବିଭାଗରେ ଚାକିରି କରୁଥିବା ଖେଳାଳି ମଧ୍ୟ ଶିବିରରେ ସାମିଲ ହୋଇ ପାରିବେ। ଇଚ୍ଛୁକ ଜଳକ୍ରୀଡ଼ା ପ୍ରତିଯୋଗୀମାନେ ରାଜ୍ୟ ଦଳର ପ୍ରଶିକ୍ଷକ ଜନସନ ସିଂହ ଓ ରାଜ କୁମାର ନିସାଦଙ୍କ ସହ ଯୋଗାଯୋଗ କରିବାକୁ ସଂଘର ସମ୍ପାଦକ ବିପିନ ଦାଶ ନିବେଦନ କରିଛନ୍ତି।

# ଭାରତର ରେକର୍ଡ ୯ମ ସିରିଜ୍ ବିଜୟ




**ଅହମ୍ମଦାବାଦ୍,୨୦।୧୨(ଏଜେନ୍ସି):** ଏଠାରେ ଶୁକ୍ରବାର ଖେଳାଯାଇଥିବା ୫ମ ତଥା ଶେଷ ଟି-୨୦ ମ୍ୟାଚ୍‌ରେ ଭାରତ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକାକୁ ୩୦ ରନ୍‌ରେ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ୫ ୱିକେଟରେ ୨୩୧ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୮ ୱିକେଟରେ ୨୦୧ ରନ୍ କରିବାକୁ ସମର୍ଥ ହୋଇଥିଲା। ଏହି ମ୍ୟାଚ୍‌ରେ ୬୩ ରନ୍ କରିବା ସହ ଗୋଟିଏ ୱିକେଟ ନେଇଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ମ୍ୟାଚ୍‌ର ଓ ୧୦ ୱିକେଟ ନେଇଥିବା ବରୁଣ ଚକ୍ରବର୍ତ୍ତୀଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏହି ବିଜୟ ଫଳରେ ଭାରତ ୩-୧ ବ୍ୟବଧାନରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌କୁ ଜିତିବା ସହ ଏକାଧିକ ରେକର୍ଡର ଅଧିକାରୀ ହୋଇଛି।

**୯, ୧୦ ଓ ୧୧:** ଏହି ସିରିଜ୍ ବିଜୟ ଫଳରେ ଭାରତ ଘରୋଇ ମାଟିରେ ରେକର୍ଡ ୯ମ ସିରିଜ୍ ବିଜୟୀ ହୋଇଛି। ପୂର୍ବରୁ ଅଷ୍ଟ୍ରେଲିଆ ୨୦୦୬ରୁ ୨୦୧୦ ମଧ୍ୟରେ ଅଷ୍ଟ୍ରେଲିଆ କ୍ରମାଗତ ୮ଟି ସିରିଜ୍ ଜିତି ଏହି ରେକର୍ଡର ଅଧିକାରୀ ହୋଇଥିଲା।

ସେହିପରି ସମସ୍ତ ଟି-୨୦ରେ ଭାରତ କ୍ରମାଗତ ୧୦ଟି ଟି-୨୦ ସିରିଜ୍ ଜିତିବାରେ ସମର୍ଥ ହୋଇଛି। ଏହା ମଧ୍ୟରେ ଏସିଆ କପ୍ ଓ ବିଶ୍ୱକପ୍ ରହିଛି। ପୂର୍ବରୁ ପାକିସ୍ତାନ ୨୦୧୬ରୁ ୨୦୧୮ ମଧ୍ୟରେ ୧୧ଟି ସିରିଜ୍ ଜିତି ଏହି ରେକର୍ଡର ଅଧିକାରୀ ହୋଇଛି।

୨୦୨୩ରେ ଭାରତ ଶେଷଥର ୱେଷ୍ଟଇଣ୍ଡିଜ୍ ନିକଟରୁ ଦ୍ୱିପାକ୍ଷିକ ଟି-୨୦ ସିରିଜ୍ ହାରିଥିଲା। ଏହାକୁ ମିଶାଇ ଭାରତ ୧୧ଥର ସକାଶେ ଦ୍ୱିପାକ୍ଷିକ ସିରିଜ୍ ଜିତିବାରେ ସମର୍ଥ ହୋଇଛି। ଏହି ରେକର୍ଡ ଭାରତ ନାମରେ ରହିଛି। ପୂର୍ବରୁ ଦଳ କ୍ରମାଗତ ୧୨ଟି ଦ୍ୱିପାକ୍ଷିକ ସିରିଜ୍‌ରେ ବିଜୟୀ ହୋଇଛି।

**୧୬:** ଏହି ମ୍ୟାଚ୍‌ରେ ଭାରତର ହାର୍ଦ୍ଦିକ ପାଣ୍ଡ୍ୟା ୧୬ଟି ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ଭାରତ ଖେଳିଥିବା ସମସ୍ତ ଟି-୨୦ରେ ଏହା ଦ୍ୱିତୀୟ ଦ୍ରୁତତମ ଅର୍ଦ୍ଧଶତକ। ପୂର୍ବରୁ ୨୦୦୭ ଇଂଲଣ୍ଡ ବିପକ୍ଷ ଡର୍ବାନ ଟି-୨୦ରେ ଯୁବରାଜ ସିଂହ ୧୨ଟି ବଲ୍‌ରେ ୫୦ ରନ୍ ପୂରଣ କରି ଦ୍ରୁତତମ ଅର୍ଦ୍ଧଶତକର ରେକର୍ଡ କରିଥିଲେ। ଗତବର୍ଷ ଇଂଲଣ୍ଡ ବିପକ୍ଷରେ ଅଭିଷେକ ଶର୍ମା ୧୭ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ।

**୫ମ ଖେଳାଳି:** ଏହି ମ୍ୟାଚ୍‌ରେ ଭାରତର ହାର୍ଦ୍ଦିକ ପାଣ୍ଡ୍ୟା ଅନ୍ତର୍ଜାତୀୟ ଟି-୨୦ରେ ୨୦୦୦ ରନ୍ ଓ ୧୦୦ ୱିକେଟ ପୂରଣ କରିଛନ୍ତି। ଏଭଳି ସଫଳତା ପାଇବାରେ ସେ ହେଉଛନ୍ତି ବିଶ୍ୱର ପଞ୍ଚମ ଖେଳାଳି। ତାଙ୍କ ପୂର୍ବରୁ ମାଲେସିଆର ବିରନଦୀପ ସିଂହ, ଜିମ୍ବାୱେର ସିକନ୍ଦର ରାଜା, ବାଂଲାଦେଶର ସାକିବ ଅଲ ହାସନ ଓ ଆଫଗାନିସ୍ତାନର ମହମ୍ମଦ୍ ନବି ଏହି ସଫଳତାର ଅଧିକାରୀ ହୋଇଥିଲେ। ଏମାନଙ୍କ ମଧ୍ୟରେ ହାର୍ଦ୍ଦିକ ଏକମାତ୍ର ପେସ୍ ବୋଲର।

**ବ୍ୟୟବହୁଳ ବୋଲିଂ :** ଏହି ମ୍ୟାଚ୍‌ରେ ଭାରତୀୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ ୪ ଓଭରରେ ୫୩ ରନ୍ ଦେଇ ସର୍ବାଧିକ ୪ଟି ୱିକେଟ ନେଇଥିଲେ। କିନ୍ତୁ ସମସ୍ତ ଅନ୍ତର୍ଜାତୀୟ ଟି-୨୦ରେ ବ୍ୟୟବହୁଳ ବୋଲିଂ ସ୍ପେଲ୍ ସାବ୍ୟସ୍ତ ହୋଇଛି। ପୂର୍ବରୁ ୨୦୧୭ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ ଭାରତର ଯୁଜବେନ୍ଦ୍ର ଚହଲ ୪ ଓଭରରେ ୫୨ ରନ୍ ଦେଇ ଏହି ରେକର୍ଡର ଅଧିକାରୀ ହୋଇଥିଲେ। ବରୁଣ ତୃତୀୟଥର ଲାଗି ଗୋଟିଏ ସିରିଜ୍‌ରେ ୧୦ କିମ୍ବା ତା'ଠାରୁ ଅଧିକ ୱିକେଟ ନେବାରେ ସଫଳ ହୋଇଛନ୍ତି।

# ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି: ଡ୍ର' ମ୍ୟାଚ୍‌ରୁ ଓଡ଼ିଶାକୁ ୩ ପଏଣ୍ଟ





**ଭୁବନେଶ୍ୱର, ୨୦।୧୨ (ସମିସ):** ମଧ୍ୟପ୍ରଦେଶର ଗ୍ୱାଲିୟରରେ ଓଡ଼ିଶା ଓ ବିହାର ମଧ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ମ୍ୟାଚ୍ ବିନା ହାରଜିତ ଫଇସଲାରେ ଶେଷ ହୋଇଛି। ଏଲିଟ୍ ଗ୍ରୁପ୍ 'ବି'ର ଏହି ମ୍ୟାଚ୍‌ରେ ପ୍ରଥମ ଇନିଂସରେ ଆଗୁଆ ଥିବାରୁ ଓଡ଼ିଶାକୁ ୩ ଓ ବିହାରକୁ ୧ ପଏଣ୍ଟ ମିଳିଛି। ବିହାରର ପ୍ରଥମ ଇନିଂସ ସ୍କୋର୍ ୨୮୮ ରନ୍ ଜବାବରେ ଓଡ଼ିଶା ୯ ୱିକେଟ୍ ହରାଇ ୩୨୨ ରନ୍‌କରି ପ୍ରଥମ ଇନିଂସ ଘୋଷଣା କରିଥିଲା। ପ୍ରଥମ ଇନିଂସରେ ୩୪ ରନ୍ ପଛରେ ରହିବା ପରେ ବିହାର ଶନିବାର ତୃତୀୟ ତଥା ଅନ୍ତିମ ଦିନରେ ମ୍ୟାଚ୍ ସମାପ୍ତି ବେଳକୁ ଦ୍ୱିତୀୟ ଇନିଂସରେ ୩ ୱିକେଟ୍‌ରେ ୯୮ ରନ୍ କରିଥିଲା। ଆସନ୍ତା ୨୩ରୁ ମୋରେନାରେ ପଞ୍ଜାବ ବିପକ୍ଷରେ ଓଡ଼ିଶା ୪ର୍ଥ ମ୍ୟାଚ୍ ଖେଳିବ। ଓଡ଼ିଶାର ପ୍ରଥମ ଇନିଂସରେ ଚାରି ଜଣ ଅର୍ଦ୍ଧଶତକ ହାସଲ କରିଥିଲେ। ଓପନର ଅରବିନ୍ଦ ମୁଦୁଲି ୬ଟି ଚୌକା ସହ ୫୧ ଏବଂ ଅଧିନାୟକ ନୀଲ୍ ନୀତିନ ମହାନ୍ତି ୧୪ଟି ଚୌକା ସହ ୭୫ ରନ୍ କରିଥିଲେ। ୧୮୭ ରନ୍‌ରେ ଓଡ଼ିଶା ୬ଟି ୱିକେଟ୍ ହରାଇବା ପରେ ଓମ୍‌ପ୍ରକାଶ ଦାସ ଓ ତପନ ଗୁପ୍ତା ଅତି ମୂଲ୍ୟବାନ ୮୮ ରନ୍ ଯୋଗ କରିବାରୁ ଓଡ଼ିଶା ପ୍ରଥମ ଇନିଂସରେ ଆଗୁଆ ହୋଇ ପାରିଥିଲା। ଓମ୍‌ପ୍ରକାଶ ଦାସ ୧୨୭ ବଲ୍‌ରୁ ୧୬ଟି ଚୌକା ସହ ୮୧ ଏବଂ ତପନ ଗୁପ୍ତା ଗୋଟିଏ ଛକା ଓ ୬ଟି ଚୌକା ସହ ୫୫ ରନ୍ କରିଥିଲେ। ହିମାଂଶୁ ସାହୁ ୧୬ ରନ୍‌କରି ଅପରାଜିତ ଥିଲେ। ବିହାରର ବିବେକ ଆନନ୍ଦ ଓ ଶିବାଂଶ ୩ଟି ଲେଖାଏଁ ଏବଂ ପାର୍ଥ ୨ଟି ୱିକେଟ୍ ନେଇଥିଲେ। ପରେ ବିହାରର ଦ୍ୱିତୀୟ ଇନିଂସରେ ଶ୍ୱେତମ୍ ୧୯, ପୀୟୂଷ କୁମାର ୧ ଓ ଅଧିନାୟକ ଯଶ ୫୪ ବଲ୍‌ରୁ ୧୦ଟି ଚୌକା ସହ ୪୭ ରନ୍ କରିଥିଲେ। ଅଭିନବ ସିହ୍ନା ୨୧ ରନ୍‌କରି ଅପରାଜିତ ଥିଲେ।

'ନନ୍ଦିଘୋଷ ଟିଭି'
କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ
କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି। ଟେଲିଭିଜନ ରିପୋର୍ଟିଂରେ ଅନ୍ୟୁନ ୨ ବର୍ଷର ଅଭିଜ୍ଞତା ଥିବା ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ।
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇମେଲ୍ - hr@nandighoshatv.com
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS